**ଅଲ୍ଲାଃତାଲାଙ୍କ ବାଣୀ**

إِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا

**(ଅଲ ଅହଜାବ୍-57)**

**ଅନୁବାଦ :** ବାସ୍ତବରେ ଅଲ୍ଲାଃ ନିଜର ପ୍ରିୟ ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି ଅଲ୍ଲାଃଙ୍କ ଆଶୀର୍ବାଦ୍ ଭିକ୍ଷା କର । ଅର୍ଥାତ୍ ଦୁରୁଦ୍ ଶରୀଫ୍ ପାଠ କର ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର ।


بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 31-32

ବାର୍ଷିକ ଦେୟ : 600/-

www.akhbarbadr.in

02-25 ମୁହରମ୍, 01-08 ସିଫର୍ 1446 ହି.କ, 01-08 ଜହୁର୍ 1403 ହି.ଶ, 01-08 Aug-2024 ମସିହା


**ସିରତୁନ୍ ନବୀ ସ.ଅ ନଂ**

**ଅହମଦିୟା ଖବର**


ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

# ସିରତୁନ୍ ନବୀ ସ.ଅ (ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ)

**ନିଃସନ୍ଦେହ ରୂପେ ଆମ ପ୍ରିୟ ବାର୍ତ୍ତାବହ ହ. ମୁହମ୍ମଦ ଆଧ୍ୟାତ୍ମିକତା ସ୍ଥାପନକାରୀ ଦୃଷ୍ଟିରୁ କେବଳ ଦ୍ୱିତୀୟ ଆଦମ୍ ନଥିଲେ ବରଂ ବାସ୍ତବ ରୂପେ ଆପଣ ସ.ଅ ହିଁ ସେହି ଦ୍ୱତୀୟ ଆଦମ୍ ଥିଲେ ଯାହାଙ୍କ ମାଧ୍ୟମରେ ସକଳ ମାନବିକ କଲ୍ୟାଣ, ମୂଲ୍ୟବୋଧ ଚରମ ସୀମାକୁ ପହଞ୍ଚିଥିଲା ଏବଂ ସମସ୍ତ ସାଧୁ ଜାତି ନିଜ ନିଜ କାର୍ଯ୍ୟରେ ନିୟୋଜିତ ହୋଇଯାଇଥିଲେ ଏବଂ ମନୁଷ୍ୟ ସ୍ୱଭାବର ଏପରି କୌଣସି ଶାଖା ବାକି ରହି ନଥିଲା ଯେଉଁ ଶାଖାରେ ଫଳ ଫଳି ନଥିଲା ଏବଂ ଖତ୍‌ମେ ନବୁୱତ୍ (ଅବତାରତ୍ୱର ମୋହର) ଆପଣ ସ.ଅଙ୍କ ଯୋଗୁଁ ବିଳମ୍ବିତ ହୋଇ୍ ନଥିଲା ବରଂ ଅବତାରତ୍ୱର ସମସ୍ତ ସକଳ ପୂର୍ଣ୍ଣତ୍ୱ ଗୁଣାବଳୀ ଆପଣ ସ.ଅ ଠାରେ ହିଁ ସମାପ୍ତ ହୋଇଯାଇଥିଲା ।**

## ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ



"ଆମ ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅ ସତ୍ୟର ପରିପ୍ରକାଶ କରିବା ନିମନ୍ତେ ସର୍ବ ବୃହତ୍ ଧର୍ମ ସଂସ୍କାରକ ଥିଲେ । ଯିଏ ହଜି ଯାଇଥିବା ସେହି ସତ୍ୟକୁ ପୁନଃ ସଂସାରକୁ ଫେରାଇ ଆଣିଥିଲେ । ଉକ୍ତ ଗୌରବରେ ଅନ୍ୟ କୌଣସି ଅବତାର ଆମ ପ୍ରିୟ ମୁନିବଙ୍କ ସହିତ ସମକକ୍ଷ ନୁହନ୍ତି । କାରଣ ଆପଣ ସ.ଅ ସଂସାରକୁ ଅନ୍ଧକାରରେ ଥିବା ପାଇଲେ ଓ ପୁନଶ୍ଚ ଆପଣ ସ.ଅଙ୍କ ଆବିର୍ଭାବ ଦ୍ୱାରା ସେହି ଅନ୍ଧକାର ଆଲୋକରେ ପରିବର୍ତ୍ତନ ହୋଇଗଲା । ଯେଉଁ ଜାତିରେ ଆପଣ ସ.ଅ ଆବିର୍ଭୂତ ହୋଇଥିଲେ ସେହି ଜାତିର ସମସ୍ତ ଲୋକମାନେ ଯେପର୍ଯ୍ୟନ୍ତ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକ୍ଷ କରିବା) ବସ୍ତ୍ରକୁ ଓହ୍ଲାଇ ଏକେଶ୍ୱରବାଦର ବସ୍ତ୍ରକୁ ପରିଧାନ କରି ନେଇ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ମୃତ୍ୟୁ ବରଣ କଲେ ନାହିଁ । କେବଳ ସେତିକି ନୁହେଁ ବରଂ ସେହି ଜାତିର ଲୋକମାନେ ବିଶ୍ୱାସର ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚିଗଲେ ଏବଂ ସେମାନଙ୍କ ଦ୍ୱାରା ସତ୍ୟବାଦୀତା, ବିଶ୍ୱସ୍ତତା ଏବଂ ବିଶ୍ୱାସର ସେହି କର୍ମ ସମ୍ପାଦିତ ହେଲା ଯାହାର ଦୃଷ୍ଟାନ୍ତ ପୃଥିବୀ ପୃଷ୍ଠରେ କେଉଁଠି ଦେଖିବାକୁ ମିଳୁ ନାହିଁ । ଉକ୍ତ ସଫଳତାଟି ଏତେ ବଡ଼ ସଫଳତା ଥିଲା ଯେ, ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅବତାରକୁ ଉକ୍ତ ସଫଳତା ପ୍ରାପ୍ତ ହୋଇ ନାହିଁ । ଆଁହଜରତ ସ.ଅଙ୍କ ଅବତାରତ୍ୱର ଏହା ହିଁ ସର୍ବ ବୃହତ୍ ପ୍ରମାଣ ଅଟେ । କାରଣ ଆପଣ ସ.ଅ ଏଭଳି ଏକ ଯୁଗରେ ଅବତୀର୍ଣ୍ଣ ତଥା ଆବିର୍ଭୂତ ହୋଇଥିଲେ, ଯେତେବେଳେ ଯୁଗ ଅତ୍ୟନ୍ତ ଅନ୍ଧକାର ଗ୍ରସ୍ତ ଥିଲା ଓ ଯୁଗ ସ୍ୱଭାବିକ ରୂପେ ଜଣେ ସୁଧାରକ ଏବଂ ସଂଶୋଧନକାରୀକୁ ଚାହୁଁ ଥିଲା । ପୁନଶ୍ଚ ଆପଣ ସ.ଅ ଏଭଳି ସମୟରେ ଇହଧାମ ତ୍ୟାଗ କଲେ ଯେତେବେଳେ ଲକ୍ଷ ଲକ୍ଷ ଲୋକମାନେ ସିର୍କ, ପ୍ରତିମା ପୂଜା ପରିତ୍ୟାଗ କରି ଏକେଶ୍ୱରବାଦ ଓ ସତ୍‌ମାର୍ଗକୁ ଆଦରି ନେଇଥିଲେ । ବାସ୍ତବରେ ଏହି ପୂର୍ଣ୍ଣ ସଂଶୋଧନ କେବଳ ଆପଣ ସ.ଅଙ୍କ ଦ୍ୱାରା ହିଁ ହୋଇଥିଲା ଓ ଆପଣ ସ.ଅଙ୍କ ନିମନ୍ତେ ହିଁ ଏହା ବିଶେଷିତ ଥିଲା । କାରଣ ଆପଣ ସ.ଅ ଏଭଳି ଏକ ଜାତି ଓ ଏକ ଜଙ୍ଗଲୀ ସ୍ୱଭାବ ତଥା ପଶୁ ପ୍ରବୃତ୍ତିର ଲୋକମାନଙ୍କୁ ମାନବିକ ଆଚରଣର ଶିକ୍ଷା ପ୍ରଦାନ କଲେ କିମ୍ବା ଅନ୍ୟ ଅର୍ଥରେ କହିବାକୁ ଗଲେ ପଶୁମାନଙ୍କୁ ମନୁଷ୍ୟ କଲେ । ପୁନଶ୍ଚ ମନୁଷ୍ୟରୁ ଶିକ୍ଷିତ ମନୁଷ୍ୟ ଓ ଶିକ୍ଷିତ ମନୁଷ୍ୟରୁ ଈଶ୍ୱରାଭିଳାଷୀ ମନୁଷ୍ୟ କରିଦେଲେ ଏବଂ ଆଧ୍ୟାତ୍ମିକତା ଅବସ୍ଥା ସେମାନଙ୍କ ମଧ୍ୟରେ ସଞ୍ଚାରିତ ଏବଂ ସ୍ପନ୍ଦିତ କଲେ ଏବଂ ପ୍ରକୃତ ଈଶ୍ୱରଙ୍କ ସହିତ ସେମାନଙ୍କର ସଂପର୍କ ସ୍ଥାପନ କରିଦେଲେ । ସେମାନେ ଈଶ୍ୱରଙ୍କ ମାର୍ଗରେ ଛେଳୀ ମେଣ୍ଢାଙ୍କ ପରି ଜେବହ୍ ହେଲେ ଓ ପିମ୍ପୁଡ଼ିମାନଙ୍କ ପରି ସେମାନଙ୍କୁ ଦଳି ଦିଆଗଲା । କିନ୍ତୁ ବିଶ୍ୱାସକୁ ହାତ ଛଡ଼ା କଲେ ନାହିଁ । ବରଂ ପ୍ରତ୍ୟେକ ବିପତ୍ତି ସମୟରେ ଆଗକୁ ପାଦ ବଢାଇଲେ । ଅତଏବ୍ ନିଃସନ୍ଦେହ ରୂପେ ସନ୍ଦେହ ରୂପେ ଆମ ପ୍ରିୟ ବାର୍ତ୍ତାବହ ହ. ମୁହମ୍ମଦ ଆଧ୍ୟାତ୍ମିକତା ସ୍ଥାପନକାରୀ ଦୃଷ୍ଟିରୁ କେବଳ ଦ୍ୱିତୀୟ ଆଦମ୍ ନଥିଲେ ବରଂ ବାସ୍ତବ ରୂପେ ଆପଣ ସ.ଅ ହିଁ ସେହି ଦ୍ୱତୀୟ ଆଦମ୍ ଥିଲେ ଯାହାଙ୍କ ମାଧ୍ୟମରେ ସକଳ ମାନବିକ କଲ୍ୟାଣ, ମୂଲ୍ୟବୋଧ ଚରମ ସୀମାକୁ ପହଞ୍ଚିଥିଲା ଏବଂ ସମସ୍ତ ସାଧୁ ଜାତି ନିଜ ନିଜ କାର୍ଯ୍ୟରେ ନିୟୋଜିତ ହୋଇଯାଇଥିଲେ ଏବଂ ମନୁଷ୍ୟ ସ୍ୱଭାବର ଏପରି କୌଣସି ଶାଖା ନଥିଲା ଯେଉଁ ଶାଖାରେ ଫଳ ଫଳି ନଥିଲା ଏବଂ ଖତ୍‌ମେ ନବୁୱତ୍ (ଅବତାରତ୍ୱର ମୋହର) ଆପଣ ସ.ଅଙ୍କ ଯୋଗୁଁ ବିଳମ୍ବିତ ହୋଇ ନଥିଲା ବରଂ ଅବତାରତ୍ୱର ସମସ୍ତ ସକଳ ପୂର୍ଣ୍ଣତ୍ୱ ଗୁଣାବଳୀ ଆପଣ ସ.ଅ ଠାରେ ହିଁ ସମାପ୍ତ ହୋଇଯାଇଥିଲା । ଆପଣ ସ.ଅ ଯଦିଓ ଐଶ୍ୱରିକ ଗୁଣାବଳୀର ପୂର୍ଣ୍ଣତମ ପରିପ୍ରକାଶକ ଥିଲେ ତେଣୁ ଆପଣ ସ.ଅଙ୍କ ଧର୍ମ ବିଧାନ ପ୍ରତାପ ଏବଂ ସୌନ୍ଦର୍ଯ୍ୟାତ୍ମକ ଦୃଷ୍ଟିରୁ ଉଭୟ ପ୍ରକାରର ବିଶେଷତାର ଅଧିକାରୀ ଥିଲା । ଆପଣ ସ.ଅଙ୍କ ଦୁଇଟି ନାମ ଅର୍ଥାତ୍ ମୁହମ୍ମଦ୍ ଓ ଅହେମଦ୍ ସ.ଅ ଉକ୍ତ ଅଭିପ୍ରାୟକୁ ଆୟୁଦ୍ଧ କରି ନାମକରଣ ହୋଇଛି ଓ ଆପଣ ସ.ଅଙ୍କ ସାଧାରଣ ଅବତାରତ୍ୱରେ କାର୍ପଣ୍ୟତା ଏବଂ ସଂଶୟର କୌଣସି ଅଂଶ ନାହିଁ । ବରଂ ଆପଣ ସ.ଅଙ୍କ ଅବତାରତ୍ୱ ପ୍ରାରମ୍ଭରୁ ହିଁ ସମଗ୍ର ମାନବ ଜାତି ଏବଂ ସମଗ୍ର ସଂସାର ନିମନ୍ତେ ଉଦ୍ଦିଷ୍ଟ ଥିଲା ।" **(ଲେକ୍ଚର୍ ସିୟାଲକୋଟ୍, ରୁହାନୀ ଖଜାଏନ୍, ଭାଗ-20, ପୃ-206)**



## ସମ୍ପାଦକୀୟ ସୟେଦିନା ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ମହାନ୍ ପଦ ମର୍ଯ୍ୟାଦା ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ପ୍ରକାଶରେ ।

(ମନ୍‌ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର୍)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | **ସମ୍ପାଦକୀୟ** (ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ମହାନ ପଦ ମର୍ଯ୍ୟାଦା ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ପ୍ରକାଶରେ) | ୨,୧୧, ୧୨, ୨୦ |
| ୨ | ଖୁତ୍‌ବା ଜୁମା ହୁଜୁର ଅନ୍ୱର୍ ଅ.ବ (୧୦-୧୧-୨୩) | ୩-୧୧ |
| ୩. | ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ (ମାନବିକ ସମାନତା) | ୧୩-୧୭ |
| ୪. | ଇସଲାମୀୟ ବର୍ଷକୁ ହିଜ୍‌ରତ୍ ସହିତ ସଂଶ୍ଳିଷ୍ଟ କରିବାର ତାତ୍ପର୍ଯ୍ୟ | ୧୭-୧୮ |
| ୫. | ନ୍ୟାୟ ସ୍ଥାପନ କରିବା ନିମନ୍ତେ ରସୁଲ୍ କରୀମ୍ ସ.ଅଙ୍କ ଶିକ୍ଷା ଓ ଆଦର୍ଶ | ୧୯-୨୦ |


ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହେମଦ୍ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଅ.ସ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ପଦ ମର୍ଯ୍ୟାଦା ଯେଭଳି ଭାବରେ ଚିହ୍ନିଥିଲେ, ସେଭଳି ଅନ୍ୟ କୌଣସି ବ୍ୟକ୍ତି ଚିହ୍ନି ପାରିଲା ନାହିଁ । ସୟେଦିନା ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ମହାନ ପଦ ମର୍ଯ୍ୟାଦାର ଯେଉଁ ପରିଚୟ ଆପଣ ଅ.ସଙ୍କୁ ପ୍ରାପ୍ତ ହେଲା ତାହା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇ ନାହିଁ । ସୟେଦିନା ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ପ୍ରତି ଥିବା ପ୍ରେମ ତଥା ଆନ୍ତରୀକତା ଯେଭଳି ଭାବରେ ଆପଣ ଅ.ସ ପରିପ୍ରକାଶ କଲେ ତାହା ଅନ୍ୟ କୌଣସି ବ୍ୟକ୍ତି ପରିପ୍ରକାଶ କରି ନାହିଁ। ଏହା କେବଳ ଦାବି ନୁହେଁ ବରଂ ବାସ୍ତବତା ଅଟେ । ଏହା ଏପରି ଦୃଢ଼ ବାସ୍ତବତା ଅଟେ ଯେ, ଏହାକୁ କୌଣସି ବ୍ୟକ୍ତି ପ୍ରତ୍ୟାଖ୍ୟାନ କରିପାରିବ ନାହିଁ ଏବଂ ଏହାକୁ କେହି ଭୁଲ୍ ବୋଲି ପ୍ରମାଣିତ କରିପାରିବ ନାହିଁ । ସୟେଦିନା ହ. ମୁହମ୍ମଦ୍ ସ.ଅଙ୍କ ସହିତ ପ୍ରତି ଥିବା ଆପଣ ଅ.ସଙ୍କ ପ୍ରେମ ତଥା ଆନ୍ତରୀକତାମୂଳକ ଯେଉଁ ଲେଖନୀ, କବିତା ଇତ୍ୟାଦି ଆକାରରେ ଆପଣ ଅ.ସଙ୍କ କଲମ ମୁନରୁ ନିସୃତ ହେଲା ତାହା ଆମମାନଙ୍କୁ ଅନ୍ୟ କେଉଁଠି ବି ଦୃଶ୍ୟମାନ ହେଉ ନାହିଁ । ସେହି କବିତା, ଲେଖନୀ, ସାହିତ୍ୟ, ପ୍ରବନ୍ଧ ଇତ୍ୟାଦି ଏପରି ରସାଶ୍ରୟୀ ଅଟନ୍ତି ଯେ, ଆପଣ ଅ.ସଙ୍କ ଶତ୍ରୁମାନେ ମଧ୍ୟ ଉକ୍ତ ଲେଖନୀ ଏବଂ ପ୍ରବନ୍ଧକୁ ପାଠ କରିବାରୁ ନିଜକୁ ଅଟକାଇ ପାରିଲେ ନାହିଁ।

ଯଦି କୌଣସି ବ୍ୟକ୍ତି ଆମର ଦାବିକୁ ଭୁଲ ବୋଲି ମନେକରେ ତେବେ ଆମେମାନେ ନିଜ ଦାବିର ସତ୍ୟତାର ପ୍ରମାଣ ଦେବା ନିମନ୍ତେ ପ୍ରସ୍ତୁତ ଅଛୁ । ଆପଣ ଅ.ସ ହ. ମୁହମ୍ମଦ ସ.ଅଙ୍କ ଧର୍ମର ଆତ୍ମରକ୍ଷା ଯେଭଳି ଭବ୍ୟ ବୈଭବ୍ୟତାର ସହିତ ରଣଭୂମିର ବୀର ଯୋଦ୍ଧା ସାଜି କଲେ, 1400 ବର୍ଷରେ କୌଣସି ବ୍ୟକ୍ତି ଏପରି ସେବା କରି ନାହିଁ କି କରିପାରିବା ନାହିଁ ଓ ନା ହିଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏହି ଯଶ ତଥା ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇପାରି ଥାଆନ୍ତା । କାରଣ ପବିତ୍ର କୁରଆନ୍ କରୀମ୍ ଏବଂ ହଦୀସ୍ ଅନୁଯାୟୀ ଉକ୍ତ ମର୍ଯ୍ୟାଦା କେବଳ ଆପଣ ଅ.ସଙ୍କ ସକାଶେ ହିଁ ଉଦ୍ଦିଷ୍ଟ ଥିଲା । ଯେପରିକି ଆୟତ୍ لِيُظْهِرَهُ عَلَى الدِّينِ كُلِّهِ ର ବ୍ୟାଖ୍ୟା କରି ବିଦ୍ୱାନ୍‌ମାନେ ଏହା ହିଁ କହିଲେ ଯେ, ଇସଲାମ୍ ଧର୍ମକୁ ଆନ୍ତର୍ଜାତୀକ ବିଜୟ ମେହେଦୀଙ୍କ ଯୁଗରେ ପ୍ରାପ୍ତ ହେବ । ସୁତରାଂ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀଙ୍କ ଦାବି ମସିହ୍ ଏବଂ ମେହେଦୀର ଦାବି ଅଟେ । ଆପଣ ଅ.ସଙ୍କ ମସିହ୍ ଓ ମେହେଦୀର ହେବାର ଦାବି ହେଉଛି ସେହି ଦାବି ଯେଉଁ ଦାବି ସଂପର୍କରେ ଆଁହଜରତ ସ.ଅ ଭବିଷ୍ୟବାଣୀ କରିଥିଲେ । ଅର୍ଥାତ୍ ଯେତେବେଳେ ସେହି ପ୍ରତିଶ୍ରୁତି ମସିହ୍ ଅବତୀର୍ଣ୍ଣ ହେବେ ସେତେବେଳେ ସେ ବିଶ୍ୱାସକୁ ଭୂପୃଷ୍ଠରେ ପୁନଃ ସ୍ଥାପନ କରିଦେବେ । ଅତଏବ୍ ଯେଭଳି ଭାବରେ ଆପଣ ଅ.ସ ଆଁହଜରତ ସ.ଅଙ୍କ ଧର୍ମର ଆତ୍ମରକ୍ଷା କରିଥିଲେ ତାହା କେବଳ ଓ କେବଳ ଆପଣ ସ.ଅଙ୍କର ହିଁ କାର୍ଯ୍ୟ ଥିଲା । ବନ୍ଧୁ ଓ ଶତ୍ରୁମାନେ ସମସ୍ତେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରୁଥିଲେ ଯେ, 1400 ବର୍ଷରେ ଇସଲାମ୍ ଧର୍ମର ସାହାଯ୍ୟ ଓ ସମର୍ଥନରେ ଯେଉଁ ପୁସ୍ତକ ଆପଣ ଅ.ସ ଲେଖିଛନ୍ତି ତାହା ଅନ୍ୟ କୌଣସି ବ୍ୟକ୍ତି ଲେଖି ନାହିଁ । ଯେପରିକି ମୁଁ କହିଲି କି କୌଣସି ବ୍ୟକ୍ତି ଏପରି ପୁସ୍ତକ ଲେଖିପାରି ନଥାଆନ୍ତା । କାରଣ ଏହି ମର୍ଯ୍ୟାଦା ଓ ଯଶ ତାହାଙ୍କ ବାର୍ତ୍ତାବହଙ୍କ ପକ୍ଷରୁ କେବଳ ଆପଣ ଅ.ସଙ୍କୁ ହିଁ ପ୍ରାପ୍ତ ହୋଇଥିଲା । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଯୁଗାବତାର ତଥା ଧର୍ମାଧକ୍ଷ ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହେଦୀଙ୍କ ଉପରେ ବିଶ୍ୱାସ ଆଣନ୍ତୁ। ସେହି ପ୍ରତିଶ୍ରୁତ ମସିହ୍ ଓ ମେହେଦୀଙ୍କ ଉପରେ ବିଶ୍ୱାସ ଆଣନ୍ତୁ ଯାହାଙ୍କ ସହିତ ଇସଲାମ୍ ଧର୍ମର ବିଜୟ ସଂଶ୍ଳିଷ୍ଟ ରହିଛି । ନିମ୍ନରେ ଆମ୍ଭେ ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦା ସଂପର୍କରେ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଆଦେଶାବଳୀ ଉପସ୍ଥାପିତ କରି ଦେଉଛୁ ।

### ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ଅବିଚଳତା ଏବଂ ଧୈର୍ଯ୍ୟ

ଆଁହଜରତ ସ.ଅ ନିଜ ଅବତାରତ୍ୱର ଦାବି ସତ୍ତ୍ୱେ ଜନ୍ମଗ୍ରହଣ କରିବା, ସହସ୍ର ସହସ୍ର ବିପତ୍ତିର ମୁଣ୍ଡ ଟେକି ଉଠିବା, ଲକ୍ଷ ଲକ୍ଷ ବିଘ୍ନକାରୀ ତଥା ହସ୍ତକ୍ଷେପକାରୀ ଶତ୍ରୁ ଏବଂ ଭୟ ଦେଖାଉଥିବା ବ୍ୟକ୍ତିମାନଙ୍କ ସମ୍ମୁଖରେ ଆପଣ ସ.ଅ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଅବିଚଳତା ପ୍ରଦର୍ଶନ କରିଥିଲେ । ଆପଣ ସ.ଅ ବର୍ଷ ବର୍ଷ ଧରି ସେହି ବିପତ୍ତି ଦେଖିଲେ ଏବଂ ସେହି ଦୁଃଖ କଷ୍ଟ ସହ୍ୟ କଲେ ଯାହା ସଫଳତା ଠାରୁ ସଂପୂର୍ଣ୍ଣ ରୂପେ ନିରୁତ୍ସାହିତ କରିଦେଉଥିଲା । ଦିନକୁ ଦିନ ଏହି ଦାରୁଣ ଦୁଃଖ ବୃଦ୍ଧି ପାଉଥିଲା । କାରଣ ଯେଉଁ ଦୁଃଖ ଉପରେ ଧୈର୍ଯ୍ୟ ପ୍ରଦର୍ଶନ କରିବା ଦ୍ୱାରା ସାଂସାରିକ ଅଭିପ୍ରାୟ ପ୍ରାପ୍ତ ହୋଇଯିବା ସଂପର୍କରେ କେହି ଭାବି ନଥିଲା କି ବିଚାର କରି ନଥିଲା । ବରଂ ଅବତାରତ୍ୱର ଦାବି କରିବା ଦ୍ୱାରା ସିଧା ସଳଖ ନିଜର ପୂର୍ବ ଏକତାକୁ ମଧ୍ୟ ହରାଇବାକୁ ପଡ଼ିବ । ତେଣୁ ଆପଣ ସ.ଅ ସେହି ଶତ୍ରୁ ତଥା ବିଧର୍ମୀ ଅବିଶ୍ୱାସକାରୀଙ୍କୁ କେବଳ ଗୋଟିଏ କଥା କହି ଲକ୍ଷ ଲକ୍ଷ ପାର୍ଥକ୍ୟତାକୁ କ୍ରୟ କରିନେଲେ ଏବଂ ସହସ୍ର ସହସ୍ର ବିପତ୍ତିକୁ ନିଜ ମୁଣ୍ଡ ଉପରେ ବହନ କରିନେଲେ। "ଆ ବଲଦ ! ମୋତେ ବିନ୍ଧ" ଅର୍ଥାତ୍ ନିଜେ ସେହି ବିପତ୍ତିକୁ ଡାକି ଆଣିଲେ । ଆପଣ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ନିଜ ମୃତ୍ତୃଭୂମିରୁ ନିର୍ବାସିତ ଓ ବିତାଡ଼ିତ ହେଲେ, ଶତ୍ରୁମାନେ ଆପଣ ଏବଂ ମୁସଲମାନମାନଙ୍କୁ ହତ୍ୟା କରିବା ନିମନ୍ତେ ପିଛା କଲେ, ବିଶ୍ୱାସକାରୀମାନଙ୍କର ଘର ଦ୍ୱାରା ସବୁ ଛାରଖାର କରିଦିଆଗଲା, ଆପଣ ସ.ଅଙ୍କୁ ଖାଦ୍ୟରେ ବିଷ ମିଶାଇ ଦିଆଗଲା, ଜୀବନରୁ ମାରି ଦେବାକୁ ହୀନ ଚକ୍ରାନ୍ତ ତଥା ଆପ୍ରାଣ ଉଦ୍ୟମ କରାଗଲା । ଯେଉଁମାନେ ଆପଣ ସ.ଅ ଓ ମୁସଲମାନମାନଙ୍କର ଶୁଭେଚ୍ଛୁ, ହିତୈଷୀ ଥିଲେ ସେମାନେ ଅଶୁଭେଚ୍ଛୁ ଏବଂ ଅନିଷ୍ଟକାରୀ ହୋଇଗଲେ । ଯେଉଁମାନେ ବନ୍ଧୁ ଥିଲେ ସେମାନେ ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାକୁ ଲାଗିଲେ ଏବଂ ଦୀର୍ଘକାଳ ପର୍ଯ୍ୟନ୍ତ ଆପଣ ସ.ଅଙ୍କୁ ସେହି ଦାରୁଣ ଦୁଃଖ ଦୁର୍ଦ୍ଦଶାକୁ ସହ୍ୟ କରିବାକୁ ପଡ଼ିଥିଲା। କାରଣ ଉକ୍ତ ବିପତ୍ତି ସମୟରେ ଅବିଚଳତା ପ୍ରଦର୍ଶନ କରିବା କୌଣସି କପଟତା, ଆଡମ୍ବର ପ୍ରିୟ ଏବଂ ଧୂର୍ତ୍ତ ବ୍ୟକ୍ତିର କାର୍ଯ୍ୟ ନୁହେଁ । ପୁନଶ୍ଚ ଯେତେବେଳେ ଦୀର୍ଘ କାଳ ପରେ ଇସଲାମ୍ ଧର୍ମ ଜୟଯୁକ୍ତ ହେଲା ସେତେବେଳେ ସେହି ଧନଧାନ୍ୟ ଏବଂ ଖ୍ୟାତିର ଦିନମାନଙ୍କରେ ଆପଣ ସ.ଅ କୌଣସି ନିଧି ଏକତ୍ରିତ କଲେ ନାହିଁ, କୌଣସି ପ୍ରାସାଦ କି ଭବନ ନିର୍ମାଣ କଲେ ନାହିଁ, କୌଣସି ଉଦ୍ୟାନ ତିଆରି କଲେ ନାହିଁ, ରାଜନ୍ୟ, ସମ୍ଭ୍ରାନ୍ତଙ୍କ ପରି କୌଣସି ଭୋଗ ବିଳାସକୁ ପସନ୍ଦ କଲେ ନାହିଁ, କୌଣସି ବ୍ୟକ୍ତିଗତ ଲାଭ ଉଠାଇଲେ ନାହିଁ । ବରଂ ଯାହା କିଛି ଆସିଲା (ମାଲେ ଗନିମତ୍, ଟଙ୍କା ପଇସା) ତାହାସବୁ ଅନାଥ, ଅଭାବି, ଦରିଦ୍ର ଓ ବିଧବାମାନଙ୍କ ମଧ୍ୟରେ ଏବଂ ଋଣ ନେଇଥିବା ବ୍ୟକ୍ତିମାନଙ୍କର କଲ୍ୟାଣରେ ଖର୍ଚ୍ଚ କରିଦେଲେ। ମହୂର୍ତ୍ତକ ପାଇଁ ମଧ୍ୟ ନିଜେ ତୃପ୍ତ ଓ ସନ୍ତୁଷ୍ଟ ହୋଇ କୌଣସି ଅର୍ଥ କି ଭୋଜନ ସେବନ କଲେ ନାହିଁ। ପୁନଶ୍ଚ ସ୍ୱଷ୍ଟ କଥନ ଏତେ ଥିଲା କି ଏକେଶ୍ୱରବାଦର ଉପଦେଶ ଦେଇ ସମସ୍ତ ଜାତି, ସମସ୍ତ ସଂପ୍ରଦାୟ, ଗୋଷ୍ଠୀ ଓ ସମଗ୍ର ସଂସାରର ଲୋକମାନେ ଯେଉଁମାନେ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ରେ ନିମଗ୍ନ ଥିଲେ ସେହି ସମସ୍ତ ଲୋକମାନଙ୍କୁ ଆପଣ ସ.ଅ ବିରୋଧୀ କରିନେଲେ । ଯେଉଁ ଆତ୍ମୀୟ ସ୍ୱଜନମାନେ ରହିଥିଲେ ସେମାନଙ୍କୁ ମୂର୍ତ୍ତି ପୂଜା କରିବାକୁ ବାରଣ କରିବାରୁ ସେମାନେ ଆପଣ ସ.ଅଙ୍କ ଶତ୍ରୁ ପାଲଟିଗଲେ । ଇହୁଦୀମାନଙ୍କ ସହିତ କଥା ବିଗିଡ଼ି ଯାଇ ସେମାନେ ମଧ୍ୟ ଆପଣ ସ.ଅଙ୍କର ଶତ୍ରୁ ପାଲଟିଗଲେ । କାରଣ ସେମାନଙ୍କୁ ନାନା ପ୍ରକାରର ମାନବ ପୂଜା ଏବଂ ସନ୍ଥ ପୂଜା ଓ କୁକର୍ମ କରିବାରୁ ବର୍ତ୍ତମାନ ଅଟକାଇବା ଉଚିତ୍.....ବର୍ତ୍ତମାନ ନ୍ୟାୟ ଏହା ଯେ, କ'ଣ ସଂସାର ପ୍ରାପ୍ତିର ଏହା ହିଁ ଯୋଜନା ରହିଥିଲା ।

**(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-108)**

### ଈଶ୍ୱରଙ୍କ ସଦିଚ୍ଛା, ଅନୁଗ୍ରହତା ଏବଂ ତାହାଙ୍କ ପ୍ରସନ୍ନତାରେ ନିଜକୁ ହଜାଇ ଦେଇଥିବା ଅବତାର ହ. ମୁହମ୍ମଦ୍ ସ.ଅ

ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ଏକମୁଖୀ ଶୈଳୀ, ସ୍ୱଷ୍ଟ ଆଭ୍ୟନ୍ତର ଓ ଈଶ୍ୱରଙ୍କ ନିମନ୍ତେ ବୀର ଏବଂ ସଂସାରର ଭୟ ଓ ଆଶା ଠାରୁ ସଂପୂର୍ଣ୍ଣ ରୂପେ ବିତୃଷ୍ଣା ଭାବ ପ୍ରକାଶକାରୀ ଏବଂ କେବଳ ଈଶ୍ୱରଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ଥିଲେ । ଆପଣ ସ.ଅ ହିଁ ସେହି ମହାପୁରୁଷ ଅଟନ୍ତି ଯିଏ ଈଶ୍ୱରଙ୍କ ଇଚ୍ଛା ଏବଂ ତାହାଙ୍କ ପ୍ରସନ୍ନତା ତଥା ଅନୁଗ୍ରହତାରେ ନିମଜ୍ଜିତ ଏବଂ ନିମଗ୍ନ ହୋଇ ଉକ୍ତ କଥାକୁ କୌଣସି ଭ୍ରୂକ୍ଷେପ କଲେ ନାହିଁ ଯେ, ଏକେଶ୍ୱରବାଦ ଘୋଷଣା ଏବଂ ଡାକରା ଦେବା ଫଳରେ ମୋ ଉପରେ କେଉଁ କେଉଁ ବିପତ୍ତି ଅବତୀର୍ଣ୍ଣ ହେବ ଓ ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ମୁସ୍‌ରିକ୍‌ମାନଙ୍କ ହାତରୁ କେଉଁ ଦୁଃଖ ପାଇ ନଥିବେ? ବରଂ ସମସ୍ତ କ୍ରୁରତା, କଠୋରତାକୁ **(ଅବଶିଷ୍ଟାଂଶ.................ପୃ-11ରେ)**

# (ଖୁତ୍‌ବା ଜୁମା)

ଯଦି ପ୍ରଭୁଙ୍କ ବିଶେଷ ସମର୍ଥନ ନଥାଆନ୍ତା ଓ ଆଁହଜରତ ସ.ଅଙ୍କ ସମୟାନୁପଯୋଗୀ କାର୍ଯ୍ୟ ମୁସଲମାନମାନଙ୍କୁ ସବୁବେଳେ ସତର୍କ ଏବଂ ସାବଧାନ ନରଖିଥାନ୍ତା, ଆପଣ ସ.ଅ ଶତ୍ରୁମାନଙ୍କ ଉପରେ ଚଢଉ କରି ସେମାନଙ୍କର ଏକତାକୁ ଭଙ୍ଗ କରି ସେମାନଙ୍କୁ ବିକ୍ଷିପ୍ତ କରିଦେବା ନିମନ୍ତେ ଯୋଜନା ପ୍ରସ୍ତୁତ କରି ନଥାଆନ୍ତେ ତେବେ ସେହି ଦିନମାନଙ୍କରେ ମୁସଲମାନମାନଙ୍କର ବିନାଶ ଓ ଧ୍ୱଂସରେ କୌଣସି ସନ୍ଦେହର ଅବକାଶ ନଥାଆନ୍ତା ।

---

ରସୁଲୁଲ୍ଲାଃ ସ.ଅ ଯେତେବେଳେ ଜନ୍ନତୁଲ୍ ବକିକୁ ମୁସଲମାନମାନଙ୍କର କବର ନିମନ୍ତେ ଚୟନ କରିନେଲେ ସେତେବେଳେ ଏହାପର ଠାରୁ ଆଜି ପର୍ଯ୍ୟନ୍ତ ସେହି କବର ସ୍ଥଳୀକୁ (ସମାଧୀ ପୀଠକୁ) ଏକ ବିଶେଷ ଓ ଅନନ୍ୟ ମର୍ଯ୍ୟାଦା ପ୍ରାପ୍ତ ହୋଇ ଆସିଛି ଏବଂ ଚିରକାଳ ପର୍ଯ୍ୟନ୍ତ ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ।

---

ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ବିୟୋଗ ଆଁହଜରତ ସ.ଅଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ବିୟୋଗ ପରେ ଆପଣ ସ.ଅ ତାଙ୍କ କପାଳକୁ ଯେତେବେଳେ ଚୁମ୍ବନ ଦେଲେ ସେତେବେଳେ ଆପଣ ସ.ଅଙ୍କ ଚକ୍ଷୁ ଅଶ୍ରୁଳମୟ ଥିଲା ।

---

ବିନାତୁନ୍ ନବୀ (ଆଁହଜରତ ସ.ଅଙ୍କ କନ୍ୟାମାନେ) ସ.ଅଙ୍କ କନ୍ୟା ହ. ରୁକିୟାହ୍ ର.ଅଙ୍କ ଅକାଳ ବିୟୋଗ ଏବଂ ହ. ଉସ୍‌ମାନ୍ ଗନି ର.ଅଙ୍କ ସହିତ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ନିକାହ୍ (ବିବାହ) ଓ ପୁନଶ୍ଚ ତାଙ୍କର ଅକାଳ ବିୟୋଗ ଚର୍ଚ୍ଚା ।

---

ଏକ ବର୍ଣ୍ଣନାରା ବର୍ଣ୍ଣିତ ହୋଇଛି ଯେ, ରସୁଲ୍ କରୀମ୍ ସ.ଅ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ବିୟୋଗ ଉପରାନ୍ତ କହିଲେ, ମୋର ଯଦି ତୃତୀୟ କନ୍ୟା ସନ୍ତାନ ଥାଆନ୍ତା ତେବେ ମୁଁ ତା'ର ବିବାହ ମଧ ହ. ଉସ୍‌ମାନ୍ ର.ଅଙ୍କ ସହିତ କରି ଦେଇଥାଆନ୍ତି ।

---

ବନି ଗତ୍‌ଫାନ୍ ଯୁଦ୍ଧ, ବୁହ୍‌ରାନ୍ ଯୁଦ୍ଧ, ସରିୟା ବନୁ ହାରିସା ସମେତ । ଇସଲାମୀୟ ଇତିହାସ ସଂପର୍କିତ ସନ୍ 2 ହିଜ୍ରୀ ଓ 3 ହିଜ୍ରୀର କେତେକ ଘଟଣାବଳୀର ଚର୍ଚ୍ଚା ।

---

ପାଲେଷ୍ଟାଇନ୍‌ର ନିରୀହ ନିଷ୍ପେଷିତ ଓ ଅତ୍ୟାଚାରିତ ନାଗରିକମାନଙ୍କ ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ବାରମ୍ବାରେ ଅହ୍ୱାନ ।

---

ଅନେକ ଥର ବୃହତ୍ ରାଷ୍ଟ୍ରମାନେ ଏବଂ ରାଜନୈତି ନେତୃବୃନ୍ଦମାନେ ମଧ ପାଲେଷ୍ଟାଇନ୍‌ବାସୀଙ୍କ ପ୍ରାଣକୁ କୌଣସି ଗୁରୁତ୍ୱ ଦେଉ ନାହାନ୍ତି, ତହିଁରେ ସେମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ନିହିତ ରହିଛି । କିନ୍ତୁ ସେ ଯାହା ହେଉ ସେହି ଲୋକମାନଙ୍କୁ ମଧ ଏହା ମନେରଖିବା ଉଚିତ୍ ଯେ, ଅଲ୍ଲାଃତାଲା କିଛି କାଳ ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦେଇଛନ୍ତି ଏବଂ ସେମାନଙ୍କ ଯେଉଁ ଧାରଣା ରହିଛି ଯେ, ଜଗତ କହିଲେ କେବଳ ଇହ ଜଗତକୁ ହିଁ ବୁଝାଏ । ଏହା ସେମାନଙ୍କର ଭ୍ରମ ଅଟେ । ବରଂ ଇହ ଜଗତ ପରବର୍ତ୍ତୀ ମଧ ଆଉ ଏକ ଜଗତ ରହିଛି । ଯାହା ସାର୍ବକାଳୀନ ଅଟେ

---

ଆମମାନଙ୍କୁ ମଧ ଦୁଆ କରିବା ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି, ଅଲ୍ଲାଃତାଲା ଅତ୍ୟାଚାରିତ ପାଲେଷ୍ଟାଇନ୍‌ବାସୀଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନ କରନ୍ତୁ ଏବଂ ସେମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରରୁ ମୁକ୍ତି ପ୍ରଦାନ କରନ୍ତୁ ।

---

ହମିଦୁର୍ ରହମାନ୍ ଖାନ୍ ସାହେବଙ୍କ ପତ୍ନି ସ୍ୱର୍ଗତା ଶ୍ରୀମତି ମନସୁରାହ୍ ବାସ୍ମା ସାହେବା ଓ ଫୈସଲାବାଦ୍ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର୍ ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ ଅହେମଦ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମଜା ଯନାଜାଃ ଗାଏବ୍ ।

---

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 10 November 2023 ମସିହା ଅନୁଯାୟୀ ୧୦ ନବୁଓତ୍ / ୧୪୦୨ ସହିଜ୍ରୀ ଶମ୍‌ଶୀ, ସ୍ଥାନ- ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ।

ଖୁତ୍‌ବାର ଏହି ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَ إِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା କ୍ରମରେ ବଦର୍ ଯୁଦ୍ଧ ପରେ ଘଟିଥିବା ଘଟଣାବଳୀର ଚର୍ଚ୍ଚା ଚାଲିଥିଲେ । ସେହି ଘଟଣା ମଧ୍ୟରେ ଦୁଇ ହିଜ୍ରୀର ଘଟିଥିବା କେତେକ ପ୍ରମୁଖ ଘଟଣାବଳୀ । ରହିଛି ତନ୍ମଧ୍ୟରୁ ଏକ ଘଟଣା ହେଉଛି ମଦିନାର କବରସ୍ତାନ ଜନ୍ନତୁଲ୍ ବକିର ସ୍ଥାପନା । ଜନ୍ନତୁଲ୍ ବକିର ମୂଳଦୁଆ ସଂପର୍କରେ ଯେଉଁ ବିସ୍ତୃତ ବିବରଣୀ ପ୍ରାପ୍ତ ହୋଇଛି ତାହା ଏହିପରି ଯେ, ଆଁହଜରତ ସ.ଅଙ୍କ ମଦିନାରେ ଆଗମନ ପରେ ସେଠାରେ ଅନେକ କବରସ୍ତାନ (କବର ସ୍ଥଳୀ) ରହିଥିଲା । ଇହୁଦୀ ମାନଙ୍କର ନିଜସ୍ୱ ସ୍ୱତନ୍ତ୍ର କବରସ୍ତାନ ହେଉଥିଲା । ଅପରପକ୍ଷେ ଆରବୀୟ ସଂପ୍ରଦାୟମାନଙ୍କର ଭିନ୍ନ ଭିନ୍ନ କବରସ୍ତାନ ଥିଲା । ପବିତ୍ର ମଦିନା ଭୂମି ସେତେବେଳେ ବିଭିନ୍ନ ଅଞ୍ଚଳରେ ବିଭକ୍ତ ହୋଇଥିଲା। ଅତଃ ପ୍ରତ୍ୟେକ ସଂପ୍ରଦାୟ ନିଜର ମୃତକମାନଙ୍କୁ ଖୋଲା ସ୍ଥାନମାନଙ୍କରେ କବର ଦେଉଥିଲେ । କୁବାର ସଂପ୍ରଦାୟର ପୃଥକ କବରସ୍ତାନ ଥିଲା ଯାହାକି ଅଧିକ ବିଖ୍ୟାତ ଥିଲା । କାରଣ ସେଠାରେ ଛୋଟ ଛୋଟ ଆହୁରି ଅନେକ କବରସ୍ତାନମାନ ମଧ ରହିଥିଲା । ବନୁ ଜଫର୍ ସଂପ୍ରଦାୟର ନିଜସ୍ୱ କବରସ୍ତାନ ଥିଲା । ବନୁ ସଲ୍‌ମାର ନିଜସ୍ୱ ଏକ ପୃଥକ କବରସ୍ତାନ ରହିଥିଲା । ଅନ୍ୟ କବରସ୍ତାନମାନଙ୍କ ମଧ୍ୟରେ ବନୁ ସାଆଦାର କବରସ୍ତାନ ରହିଥିଲା ଯେଉଁ ସ୍ଥାନରେ ପରବର୍ତ୍ତୀ ସମୟରେ ସୁକୁନ୍ ନବୀ ସ.ଅ ସ୍ଥାପନ ହେଲା । ଯେଉଁ ସ୍ଥାନରେ ମସ୍‌ଜିଦେ ନବ୍‌ୱୀ ସ୍ଥାପିତ ହେଲା ସେଠାରେ ମଧ ପୁଳାଏ ପୁଳାଏ ଖଜୁରୀ କୋଳିର ଉଦ୍ଭିଦମାନଙ୍କ ମଧ୍ୟରେ ଅବିଶ୍ୱାସକାରୀଙ୍କର କେତେକ କବର ମଧ ରହିଥିଲା । ସେହି ସମସ୍ତ କବରସ୍ତାନମାନଙ୍କ ମଧ୍ୟରେ ବକିଉଲ୍ ଗର୍କଦ୍ ନାମକ ଏକ ସର୍ବପୁରାତନ କବରସ୍ଥାନ ଥିଲା । ପୁନଶ୍ଚ ନବୀ କରୀମ୍ ସ.ଅ ଯେତେବେଳେ ଉକ୍ତ ସ୍ଥାନକୁ କବରସ୍ଥାନ ନିମନ୍ତେ ଚୟନ କଲେ ସେତେବେଳେ ତାହା ପର ଠାରୁ ଆଜି ପର୍ଯ୍ୟନ୍ତ ସେହି କବରସ୍ଥାନକୁ ଏକ ବିଶେଷ ମର୍ଯ୍ୟାଦା ଓ ମହତ୍ତ୍ୱ ପ୍ରାପ୍ତ ହୋଇଛି । ଚିରକାଳ ପର୍ଯ୍ୟନ୍ତ ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ହୋଇ ରହିବ ।

ହ. ଉବିଦୁଲ୍ଲାଃ ବିନ୍ ଅବି ରାଫେ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏପରି ଏକ ସ୍ଥାନର ସନ୍ଧାନରେ ଥିଲେ ଯେଉଁଠି କେବଳ ମୁସଲମାନମାନଙ୍କର କବର ଥିବ । ଅତଏବ୍ ଉକ୍ତ ଅଭିପ୍ରାୟ ଅନୁଯାୟୀ ଆଁହଜରତ ସ.ଅ ବିଭିନ୍ନ ସ୍ଥାନକୁ ପରିଦର୍ଶନ ମଧ କଲେ । ସ୍ୱୟଂ ଯାଇ ଦେଖିଲେ । ଅତଏବ୍ ଉକ୍ତ ଗୌରବ ବକିଉଲ୍

ଗର୍କଦ୍ ଭାଗ୍ୟରେ ଲିଖିତ ହୋଇଥିଲା । ପ୍ରିୟ ମୁନିବ ତଥା ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଲେ, ମୋତେ ଏହି ଆଦେଶ ଦିଆଯାଇଛି ଯେ, ମୁଁ ଏହି ସ୍ଥାନକୁ ଅର୍ଥାତ୍ ବକିଉଲ୍ ଗର୍କଦ୍‌କୁ ମନୋନୀତ କରିନେବି । ସେହି କାଳରେ ଉକ୍ତ ସ୍ଥାନରେ ବକିଉଲ୍ ଖଜୁରୀ ମଧ୍ୟ କୁହାଯାଉଥିଲା । ଉକ୍ତ ସ୍ଥାନରେ ଅସଂଖ୍ୟ ବୃକ୍ଷ ଏବଂ ସ୍ୱତଃ ଭାବରେ ଉତ୍ପନ୍ନ ହୋଇଥିବା ଗୁଳ୍ମ ହେଉଥିଲା । ମଶା ଓ ଅନ୍ୟାନ୍ୟ ଭୂମିଜ ଜୀବଜନ୍ତୁ ସେହି ସ୍ଥାନରେ ବହୁଳ ମାତ୍ରାରେ ବାସ କରୁଥିଲେ । ଯେତେବେଳେ ସେହି ସ୍ଥାନମାନଙ୍କରେ ନର୍ଦ୍ଦମା ଏବଂ ଆବର୍ଜନା ଯୋଗୁଁ କିମ୍ବା ଜଙ୍ଗଲ ଯୋଗୁଁ ମଶାମାନେ ଉଡୁଥିଲେ ସେତେବେଳେ ଏପରି ପ୍ରତିତ ହେଉଥିଲା ଯେପରି ଧୂମ୍ରାଭ ବାଦଲ୍ ଆଛନ୍ନ ହୋଇଯାଇଛି । ସେଠାରେ ଯେଉଁ ବ୍ୟକ୍ତିଙ୍କୁ ସର୍ବ ପ୍ରଥମେ କବର ଦିଆଯାଇଥିଲା ସେ ଥିଲେ ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅ ।

ରସୁଲୁଲ୍ଲାଃ ସ.ଅ ହ. ଉସମାନ୍ ବିନ୍ ମଜଉନ୍ ର.ଅଙ୍କ କବର ମୁଣ୍ଡ ପାଖରେ ଚିହ୍ନ ସ୍ୱରୂପ ଏକ ପଥର ରଖି ଦେଇଥିଲେ ଏବଂ କହିଲେ, ଏ ହେଉଛନ୍ତି ଆମର ପଥ ପ୍ରଦର୍ଶକ । ଲୋକମାନେ ଆଁହଜରତ ସ.ଅଙ୍କୁ ପ୍ରଶ୍ନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହାଙ୍କ (ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅଙ୍କ) ପରେ ଯେଉଁ ବ୍ୟକ୍ତିଙ୍କର ବିୟୋଗ ହେବ ତାଙ୍କୁ କେଉଁଠି କବର ଦିଆଯିବ । ଆପଣ ସ.ଅ ଉତ୍ତର ଦେଲେ ଯେ, ଆମର ପଥପ୍ରଦର୍ଶକ ଉସ୍‌ମାନ୍ ବିନ୍ ମଜଉନ୍‌ଙ୍କ ପାଖରେ ମୃତ ବ୍ୟକ୍ତିକୁ କବର ଦେବ । ଆରବୀ ଭାଷାରେ ବକି ଏପରି ସ୍ଥାନକୁ କୁହାଯାଏ ଯେ, ଯେଉଁଠି ବୃକ୍ଷର ସଂଖ୍ୟା ଅଧିକ ଥାଏ ବା ମାଳ ମାଳ ହୋଇ ବୃକ୍ଷ ରହିଥାଏ । ଅର୍ଥାତ୍ ଅଧିକ ସଂଖ୍ୟକ ବୃକ୍ଷ ଥିବା ସ୍ଥାନକୁ ବକି କୁହାଯାଏ । ସେ ଯାହା ହେଉ ପବିତ୍ର ମଦିନା ଭୂମି ଉକ୍ତ ସ୍ଥାନକୁ ବକିଉଲ୍ ଗର୍କଦ ନାମରେ ଖ୍ୟାତ ହେବାକୁ ଲାଗିଲା । କାରଣ ସେଠାରେ ଗର୍କଦ୍ ବୃକ୍ଷର ଆଧିକ୍ୟତା (ଅଧିକ ସଂଖ୍ୟାରେ) ରହିଥିଲା । ବୈକୁଣ୍ଠ ଶବ୍ଦର ଆରବୀ ଭାଷାରେ ଏକ ଅର୍ଥ ରହିଛି ତାହା ହେଲା ଉଦ୍ୟାନ କିମ୍ବା ମୁକ୍ତା (ମୋତି) । ତେଣୁ ଉକ୍ତ ସ୍ଥାନଟି ବହୁଳ ରୂପେ ଅଣଆରବ୍ୟ ଭ୍ରମଣକାରୀଙ୍କ ଗହଣରେ ଜନ୍ନତୁଲ୍ ବକି ନାମରେ ଖ୍ୟାତ ଅଟେ ।

ଅବ୍‌ଦୁଲ୍ ହମିଦ୍ କାରି ସାହେବ ଏହି ବୃତ୍ତାନ୍ତ ଉଲ୍ଲେଖ କରିଛନ୍ତି । ପୁନଶ୍ଚ କୁହନ୍ତି ଯେ, ଆମେମାନେ ଉକ୍ତ କଥାକୁ ଆଦୌ ଭୁଲିବା ଉଚିତ୍ ନୁହଁ ଯେ, ଆରବବାସୀ ସାଧାରଣତଃ ନିଜର କବରଗୁଡ଼ିକୁ ଜନ୍ନତ୍ (ବୈକୁଣ୍ଠ) ବୋଲି ଡାକନ୍ତି । ତେଣୁ ଉକ୍ତ କବରସ୍ଥାନର ନାମ ମକାବିରୁଲ୍ ବକି ମଧ୍ୟ ଅଟେ । ଏହା ଆରବୀୟମାନଙ୍କର ଅଶିକ୍ଷିତ ତଥା ପୁର ପଲ୍ଲୀରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସର୍ବାଧିକ ବିଖ୍ୟାତ ଓ ବହୁ ପ୍ରଚଳିତ ଶବ୍ଦ ଅଟେ । **(ଜୁସ୍ତୁଜୁଏ ମଦିନା, ଲେଖକ-ଅବ୍‌ଦୁଲ୍ ହମିଦ୍ କାରି, ପୃ-598, ପ୍ରକାଶନ ସ୍ଥାନ-ଓରିଏଣ୍ଟାଲ ପବ୍ଲିକେଶନ୍‌ସ୍ ଲାହୋର, ପାକିସ୍ତାନ-2007 ମସିହାରୁ ଉଦ୍ଧୃତ)**

ହ. ମିର୍ଜା ବଶୀର୍ ଅହେମଦ ସିରତ୍ ଖାତମୁନ୍ ନବୀୟନ୍‌ରେ ତତ୍‌ସଂକ୍ରାନ୍ତରେ ଯାହା ବର୍ଣ୍ଣନା କରିଛନ୍ତି ତାହା ଏହିପରି ଅଟେ ଯେ, "ସେହି ବର୍ଷର ଶେଷାର୍ଦ୍ଧରେ ଅର୍ଥାତ୍ 2 ହିଜ୍ରୀରେ ଆଁହଜରତ ସ.ଅ ସାହାବାମାନଙ୍କୁ ପାଇଁ ମଦିନାରେ ଏକ କବରସ୍ଥାନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଲେ, ଯାହାକୁ ଜନ୍ନତୁଲ୍ ବକି କୁହନ୍ତି । ଏତଦ୍‌ପରେ ସାହାବାମାନଙ୍କୁ ପ୍ରାୟତଃ ସେହି କବରସ୍ଥାନରେ ହିଁ କବର ଦିଆଯାଇଥିଲା । ଉକ୍ତ କବରସ୍ଥାନରେ ଯେଉଁ ସାହାବିଙ୍କୁ ସର୍ବ ପ୍ରଥମେ କବର ଦିଆଯାଇଥିଲା ସେ ଥିଲେ ଉସ୍‌ମାନ୍ ବିନ୍ ମଜଉନ୍ ର.ଅ । ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅ ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରୁ ଅନ୍ୟତମ ମୁସଲମାନ ବ୍ୟକ୍ତି ଥିଲେ ଏବଂ ଅତ୍ୟନ୍ତ ପୁଣ୍ୟବାନ, ସଦାଚାରୀ, ସାଧୁ ଓ ଜଣେ ଉପାସନାକାରୀ ବ୍ୟକ୍ତିଟିଏ ଥିଲେ। ମୁସଲମାନ ହେବା ପରେ ଦିନେ ସେ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଅନୁମତି ପ୍ରଦାନ କରନ୍ତୁ କି ମୁଁ ଚାହୁଁଛି ଯେ, ମୁଁ ସଂପୂର୍ଣ୍ଣ ରୂପେ ସଂସାରକୁ ପରିତ୍ୟାଗ କରି ସଂସାର ଠାରୁ ବିଛିନ୍ନ ହୋଇ, ସ୍ତ୍ରୀ ପିଲା ଛୁଆଙ୍କ ଠାରୁ ପୃଥକ୍ ହୋଇ ନିଜର ଜୀବନ କେବଳ ଈଶ୍ୱରଙ୍କ ଉପାସନାରେ ଉତ୍ସର୍ଗ ତଥା ସମର୍ପିତ କରିଦେବି । କିନ୍ତୁ ଆପଣ ସ.ଅ ଏଥି ନିମନ୍ତେ ତାଙ୍କୁ ଅନୁମତି ପ୍ରଦାନ କଲେ ନାହିଁ । ବରଂ ଯେଉଁ ଲୋକମାନେ ସଂସାର ତ୍ୟାଗୀ (ସନ୍ନ୍ୟାସୀ) ହେବାକୁ ଇଚ୍ଛା ପ୍ରକାଶ କରୁ ନଥିଲେ କିନ୍ତୁ ରୋଜା, ନମାଜ ଏପରି ଅଧିକ୍ୟତାର ସହିତ ପାଳନ କରୁଥିଲେ ଯେ, ଆତ୍ମୀୟ ସ୍ୱଜନ ତଥା ସଂପର୍କୀୟମାନଙ୍କର ଅଧିକାର ସମ୍ପାଦନ କରିବାର ପ୍ରଭାବ ସେମାନଙ୍କ ଉପରେ ପଡୁଥିଲା । ସେହି ଲୋକମାନଙ୍କ ସଂପର୍କରେ ମଧ୍ୟ ରସୁଲୁଲ୍ଲାଃ ସ.ଅ କହିଲେ, ହେ ମୁସଲମାନମାନେ ! ତୁମମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ତୁମେମାନେ ଈଶ୍ୱରଙ୍କ ଅଧିକାର ସମ୍ପାଦନ କର, ସ୍ତ୍ରୀ ଓ ସନ୍ତାନମାନଙ୍କର ଅଧିକାର ସମ୍ପାଦନ କର, ଅତିଥିମାନଙ୍କର କର୍ତ୍ତବ୍ୟ ସମ୍ପାଦନ କର ଏବଂ ନିଜ ଆତ୍ମାର ମଧ୍ୟ କର୍ତ୍ତବ୍ୟ ତଥା ଅଧିକାର ସମ୍ପାଦନ କର । କାରଣ ଏହି ସମସ୍ତ ଅଧିକାର ଓ କର୍ତ୍ତବ୍ୟ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ଅଟେ ଏବଂ ଏହାକୁ ସମ୍ପାଦନ କରିବା ଉପାସନା ଅନ୍ତର୍ଭୁକ୍ତ ଅଟେ । ଉପରୋକ୍ତ ଅଧିକାରଗୁଡ଼ିକୁ ସମ୍ପାଦନ କରିବା ଉପାସନା ପରିସରର୍ଭୁକ୍ତ ଅଟେ । ଅତଏବ୍ ଆପଣ ସ.ଅ ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅଙ୍କୁ ସଂସାର ତ୍ୟାଗୀ ହେବା ଅର୍ଥାତ୍ ସନ୍ନ୍ୟାସୀ ହେବା ନିମନ୍ତେ ଅନୁମତି ପ୍ରଦାନ କଲେ ନାହିଁ ଓ ଇସ୍‌ଲାମ୍ ଧର୍ମରେ ଅନାସକ୍ତ, ସନ୍ନ୍ୟାସୀ ଓ ବ୍ରହ୍ମଚର୍ଯ୍ୟତ୍ୱକୁ ଅବୈଧ ବୋଲି ବିବେଚିତ କରି ଧର୍ମାବଲମ୍ବୀମାନଙ୍କ ସକାଶେ ନ୍ୟୁନାଧିକ୍ୟତା ମଧ୍ୟରେ ଥିବା ମଧ୍ୟବର୍ତ୍ତୀ ମାର୍ଗ ଏବଂ ପନ୍ଥାକୁ ଅବଲମ୍ବନ କରିବା ନିମନ୍ତେ କୁହାଯାଇଛି ଏବଂ ଏହି ମାର୍ଗ ସ୍ଥାପିତ ହୋଇଛି । ସୁତରାଂ ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅଙ୍କ ବିୟୋଗ ଯୋଗୁଁ ଆଁହଜରତ ସ.ଅ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଥିଲେ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅଙ୍କ ବିୟୋଗ ପରେ ଆପଣ ସ.ଅ ତାଙ୍କ କପାଳକୁ ଯେତେବେଳେ ଚୁମ୍ବନ ଦେଲେ ସେତେବେଳେ ଆପଣ ସ.ଅଙ୍କ ଚକ୍ଷୁ ଅଶ୍ରୁଳମୟ ଥିଲା । ହ. ଉସ୍‌ମାନ୍ ବିନ୍ ମଜଉନ୍ ର.ଅଙ୍କୁ କବର ଦେବା ପରେ ଆପଣ ସ.ଅ ହ. ଉସମାନ୍ ବିନ୍ ମଜଉନ୍ ର.ଅଙ୍କ କବର ମୁଣ୍ଡ ପାଖରେ ଚିହ୍ନ ସ୍ୱରୂପ ଏକ ପଥର ପୋତି ଦେଲେ, ପୁନଶ୍ଚ ଆପଣ ସ.ଅ ବେଳେବେଳେ ଜନ୍ନତୁଲ୍ ବକି ଠାରେ ଯାଇ ତାଙ୍କ ପାଇଁ ଦୁଆ କରୁଥିଲେ । ଉସମାନ୍ ର.ଅ ପ୍ରଥମ ପ୍ରବାସକାରୀ ବ୍ୟକ୍ତି ଥିଲେ ଯିଏ ମଦିନାରେ ମୃତ୍ୟୁ ବରଣ କରିଥିଲେ ।" **(ସିରତ୍ ଖତମୁନ୍ ନବୀୟିନ୍ ସ.ଅ, ପୃ-462-463)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଜି ଅମ୍ର ଯୁଦ୍ଧ ଅବା ବନି ଗତ୍‌ଫାନ ଯୁଦ୍ଧର ଚର୍ଚ୍ଚା ମଧ୍ୟ କରିଦେଉଛି । ଆଁହଜରତ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ଗତ୍‌ଫାନ୍ ସଂପ୍ରାଦୟର ସାଖା ବନୁ ସାଆଲବା ଓ ବନୁ ମୁହାରିବ୍ ଜି ଅମ୍ର ସ୍ଥାନରେ ଏକତ୍ରିତ ହୋଇଛନ୍ତି । ଉକ୍ତ ସ୍ଥାନଟି ଗତ୍‌ଫାନ୍ ଅଞ୍ଚଳରେ ଏକ ବସ୍ତି ଅଟେ । ସେମାନଙ୍କର ଉଦ୍ଦେଶ୍ୟ ଏହା ଥିଲା କି ମଦିନା ରାଜ୍ୟର ଆଖପାଖ ଅଞ୍ଚଳ ଉପରେ ଆକ୍ରମଣ କରିବେ । ସେହି ଅଞ୍ଚଳଗୁଡ଼ିକୁ ଏକତ୍ରିତ କରିବା ଏବଂ ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉସ୍‌କାଇଲା ବାଲା ଜଣେ ବ୍ୟକ୍ତି ଥିଲା ଯାହାର ନାମ ଦୁଉସୁର୍ ବିନ୍ ହାରିସ୍ ଥିଲା । ଉକ୍ତ ଖବର ପାଇବା ମାତ୍ରେ ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ ଏବଂ 450 ସଂଖ୍ୟା ବିଶିଷ୍ଟ ସାହାବାମାନଙ୍କର ସୈନ୍ୟବାହିନୀ ଧରି ମଦିନାରୁ ବାହାରିଲେ । ଆପଣ ସ.ଅଙ୍କ ପାଖରେ କିଛି ଅଶ୍ୱମାନେ ମଧ୍ୟ ରହିଥିଲା ଓ ମଦିନାରେ ରସୁଲୁଲ୍ଲାଃ ସ.ଅ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କୁ ନିଜର ପ୍ରତିସ୍ଥାନିକ ରୂପେ ନିଯୁକ୍ତ କରିଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-290, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ସିହାରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ176, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ରବିଉଲ୍ ଅୱଲ୍ ମାସ 3 ହିଜ୍ରୀରେ ଗତ୍‌ଫାନ୍ ଯୁଦ୍ଧ ହୋଇଥିଲା । 12 ରବିଉଲ୍ ଅୱଲରେ ଆପଣ ସ.ଅ ଉକ୍ତ ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କରିଥିଲେ । ମଦିନାବାସୀଙ୍କୁ 11 ଦିନ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ଠାରୁ ଅଲଗା ରହିବା ଅର୍ଥାତ୍ ବିରହ ସହ୍ୟ କରିବାକୁ ପଡ଼ିଥିଲା । ଏତଦ୍‌ପରେ ଆପଣ ସ.ଅ 24 ରବିଉଲ୍ ଅୱଲ୍‌ରେ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲେ । ରସୁଲୁଲ୍ଲାଃ ସ.ଅ ଗତ୍‌ଫାନ୍ ଯୁଦ୍ଧକୁ ପ୍ରତିହତ ଏବଂ ସମାପ୍ତ କରିବା ନିମନ୍ତେ ଗତ୍‌ଫାନ୍‌ର ଯେଉଁ ସ୍ଥାନରେ ଶିବିର ସ୍ଥାପନ କରିଥିଲେ ସେହି ସ୍ଥାନର ନାମ ଜି ଅମ୍ର ଥିଲା । ସେହି କାରଣରୁ ଉକ୍ତ ଯୁଦ୍ଧକୁ ଜି ଅମ୍ର ଯୁଦ୍ଧ ଓ ଗତଫାନ୍ ସଂପ୍ରଦାୟ ଯୋଗୁଁ ସେହି ଯୁଦ୍ଧକୁ ଗତଫାନ୍ ଯୁଦ୍ଧ ମଧ୍ୟ କୁହାଯାଏ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-290, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ) (ଦାଏରାହ୍ ମାଆରିଫ୍ ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-367-368, ମକତବା ଦାରୁଲ୍ ମୁଆରିଫ୍, ଲାହୋର)**

ଅବିଶ୍ୱାସକାରୀ ଗୋଷ୍ଠୀଙ୍କ ବିରୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ପ୍ରସ୍ଥାନ ସଂପର୍କରେ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅରସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବିସ୍ତୃତ ବିବରଣୀ ଏହିପରି ଉଲ୍ଲିଖିତ ହୋଇଛି ଯେ, ମଦିନାରୁ ବାହାରିବା ପରେ ସାହାବାମାନଙ୍କୁ ଜୁଲ୍ କସ୍ସା ନାମକ ସ୍ଥାନରେ ବନୁ ସାଆଲ୍‌ବାର ଜଣେ ବ୍ୟକ୍ତି ମିଳିଲା । ଜୁଲ୍ କସ୍ସା ରବ୍‌ଜାହ୍ ମାର୍ଗରେ ମଦିନା ଠାରୁ 24 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ସେହି ବ୍ୟକ୍ତିର ନାମ ଯବ୍‌ବାର ଥିଲା । ସାହାବମାନେ ଉକ୍ତ ବ୍ୟକ୍ତିକୁ ଗିରଫ କରିନେଲେ ଓ ତା'କୁ ପଚାରିଲେ ଯେ, କୁଆଡ଼େ ଯାଉଛ ? ସେ କହିଲା, ୟସ୍ରିବ୍ ଯିବାକୁ ଚାହୁଁଛି ଏବଂ ନିଜର ବୃତ୍ତି ଅନ୍ୱେଷଣ ସକାଶେ ଯାଉଛି । ତେବେ ଉକ୍ତ ବ୍ୟକ୍ତିକୁ ନବୀ କରୀମ୍ ସ.ଅଙ୍କ ନିକଟକୁ ଅଣାଗଲା । ସେ ଆଁହଜରତ ସ.ଅଙ୍କୁ ନିଜ ସଂପ୍ରଦାୟର ଅବସ୍ଥା ସଂପର୍କରେ ଅବଗତ କରାଇଲା । ଆପଣ ସ.ଅ ଉକ୍ତ ବ୍ୟକ୍ତିକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । ତେବେ ସେ ତୁରନ୍ତ ମୁସଲମାନ ହୋଇଗଲା । ଆଁହଜରତ ସ.ଅଙ୍କ ଉଦ୍ଦେଶ୍ୟ ସଂପର୍କରେ ଯେତେବେଳେ ସେହି ବ୍ୟକ୍ତିକୁ ଜ୍ଞାତ ହେଲା ଯେ, ଆପଣ ସ.ଅ ବନୁ ସାଆଲ୍‌ବା ଓ ବନୁ ମହାରିବ୍ ଉପରେ ଚଢଉ ତଥା ଆକ୍ରମଣ କରିବା ନିମନ୍ତେ ବାହାରିଛନ୍ତି ସେତେବେଳେ ସେହି ବ୍ୟକ୍ତି ଜଣକ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲା, ହେ ମୁହମ୍ମଦ୍ ସ.ଅ! ସେମାନେ ଆପଣ ସ.ଅଙ୍କର କଦାପି ମୁକାବିଲା କରିବେ ନାହିଁ । ସେମାନଙ୍କୁ ଆପଣ ସ.ଅଙ୍କ ଆଗମନର ସୂଚନା ଯଦି ମିଳିଯାଏ ତେବେ ସେମାନେ ପଳାୟନ କରି ପର୍ବତର ଶୀର୍ଷ ଦେଶରେ ଯାଇ ଚଢିଯିବେ । ଆଁହଜରତ ସ.ଅ ଆଗକୁ ପାଦ ଅଗ୍ରସର କରି ଜି ଅମର ନାମକ ଝରଣା ପାଖରେ ପହଞ୍ଚିଲେ, ସେଠାରେ ଶିବିର ପକାଇଲେ । ହଠାତ୍ ସେଠାରେ ଜୋରରେ ବର୍ଷା ହୋଇଗଲା ଏବଂ ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କ ବସ୍ତ୍ର ସବୁ ଓଦା ହୋଇଗଲା । ଆପଣ ସ.ଅ ନିଜର ଓଦା ବସ୍ତ୍ରକୁ ଶୁଖିବା ନିମନ୍ତେ ବୃକ୍ଷ ଉପରେ ପକାଇ ଦେଲେ ଏବଂ ସ୍ୱୟଂ ବୃକ୍ଷ ତଳେ ବିଶ୍ରାମ କଲେ । ଅନ୍ୟ ସାହାବାମାନେ ନିଜ ନିଜ କାର୍ଯ୍ୟରେ ନିମଗ୍ନ ଥିଲେ । ଏହିଠାରେ ନବୀ କରୀମ୍ ସ.ଅଙ୍କୁ ସହୀଦ୍ କରିଦେବା ନିମନ୍ତେ ହୀନ ଚକ୍ରାନ୍ତ କରାଯାଇଥିଲା । ତତ୍‌ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ସେହି ଘଟଣାଟି ହେଉଛି ଜଣେ ଖଡ୍‌ଗଧାରୀ ବ୍ୟକ୍ତିର ଯିଏ ଆଁହଜରତ ସ.ଅଙ୍କ ସ୍କନ୍ଧ ଉପରେ ଖଡ୍‌ଗ ରଖି ଆଁହଜରତ ସ.ଅଙ୍କୁ ଧମକ ଦେଇଥିଲା। ସୁତରାଂ ଏହି ଲୋକମାନେ ଯେତେବେଳେ ପର୍ବତର ଶୀର୍ଷରେ ଥିବା କୋରଡ଼ରେ ଲୁଚି ଯାଇଥିଲେ ଓ ଉପର ପର୍ବତରୁ ଆଁହଜରତ ସ.ଅଙ୍କ ସମସ୍ତ ଗତିବିଧି ଉପରେ ନଜର ରଖିଥିଲେ । ଅବିଶ୍ୱାସକାରୀମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ଏକ ସ୍ଥାନରେ ଏକୁଟିଆ ଦେଖିବାକୁ ପାଇଲେ ସେତେବେଳେ ସେମାନେ ନିଜର ଅଧିପତି ଦୁଉସୁର୍ ନିକଟକୁ ଆସିଲେ । ଉକ୍ତ ବ୍ୟକ୍ତି (ଅଧିପତି) ସେହି ସମସ୍ତ ଲୋକମାନଙ୍କ ଠାରୁ ଅଧିକ ସାହସୀ ଓ ବୀର ଥିଲା । ଅବିଶ୍ୱାସକାରୀମାନେ ତା'କୁ କହିଲେ, ବର୍ତ୍ତମାନ ମୁହମ୍ମଦ ସ.ଅ ସଂପୂର୍ଣ୍ଣ ଏକୁଟିଆ ବିଶ୍ରାମ କରୁଛନ୍ତି । ବର୍ତ୍ତମାନ ତୁମର ଏହି କାମ କି ତୁମେ ତାଙ୍କ ସହିତ ମୁହାଁମୁହିଁ ହୁଅ। ବର୍ଣ୍ଣନାରେ ଏହିପରି ଉଲ୍ଲେଖ ରହିଛି ଯେ, ସ୍ୱୟଂ ଦୁଉସୁର ଖଡ୍‌ଗ ଧରି ବାହରିଲା ଏବଂ ଆଁହଜରତ ସ.ଅଙ୍କ ମୁଣ୍ଡ ପାଖରେ ଯାଇ ପହଞ୍ଚିଗଲା । ହଠାତ୍ ସେ ଆପଣ ସ.ଅଙ୍କୁ ସମ୍ବୋଧିତ କରି କହିଲା, ହେ ମୁହମ୍ମଦ୍ ଆଜି ତୁମକୁ ମୋ ହାତରୁ କିଏ ରକ୍ଷା କରିବ ? ଆଁହଜରତ ସ.ଅ ବିବ୍ରତ ନହୋଇ ବରଂ ଶାନ୍ତ ହୋଇ କହିଲେ, **ଅଲ୍ଲାଃ** । ପ୍ରତ୍ୟୁତ୍ତରରେ ଆଁହଜରତ ସେହି ବ୍ୟକ୍ତିକୁ କହିଲେ, ତୁମକୁ ମୋ ଠାରୁ ଆଜି କିଏ ରକ୍ଷା କରିବ ? ଉକ୍ତ କଥା ଶୁଣି ସେ ଭୂମି ଉପରେ ପଡ଼ିଗଲା ଓ ଖଡ୍‌ଗଟି ତା' ହାତରୁ ଖସିଗଲା । ଆଁହଜରତ ସ.ଅ ତଳେ ପଡ଼ି ଯାଇଥିବା ଉକ୍ତ ଖଡ୍‌ଗଟିକୁ ତୁରନ୍ତ ଧରି ପକାଇଲେ ଏବଂ ଉକ୍ତ ବ୍ୟକ୍ତିକୁ କହିଲେ, ହେ ଦୁଉସୁର୍ (ବ୍ୟକ୍ତି) ! ବର୍ତ୍ତମାନ ତୋତେ ମୋ କବଳରୁ କିଏ ରକ୍ଷା କରିବ ? ପ୍ରତ୍ୟୁତ୍ତରରେ ଦୁଉସୁର କହିଲା لَا أَحَدٌ وَأَنَا أَشْهَدُ أَنْ لَّا إِلٰهَ إِلَّا اللّٰهُ وَأَنَّ مُحَمَّدًا رَّسُوْلُ اللّٰهِ وَاللّٰهِ لَا أُكْثِرُ عَلَيْكَ جَمْعًا أَبَدًا କେହି ବି ନୁହେଁ । ମୋତେ ତ' ବର୍ତ୍ତମାନେ କେହି ବି ରକ୍ଷା କରିପାରିବ ନାହିଁ ଏବଂ ମୁଁ ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଅଲ୍ଲାଃଙ୍କ ବ୍ୟତୀତ କେହି ବି ଉପାସନା ଯୋଗ୍ୟ ନୁହନ୍ତି ଏବଂ ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି। ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ଭବିଷ୍ୟତରେ ମୁଁ ଆପଣ ସ.ଅଙ୍କ ବିରୁଦ୍ଧରେ କେବେ ବି ଲୋକମାନଙ୍କୁ ଏକତ୍ରିତ କରିବି ନାହିଁ । ସେ ଏହି ପ୍ରତିଜ୍ଞା କଲା । ଆପଣ ସ.ଅ ତା'ରି ଖଡ୍‌ଗ ତା'କୁ ଦେଇଦେଲେ । ସେହିପରି ଏକ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ଦୁଉସୁର୍ ଆପଣ ସ.ଅଙ୍କ ଆଡ଼କୁ ଧ୍ୟାନ କରି କହିଲା, ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ଆପଣ ସ.ଅ ଉପକାର କରିବାରେ ମୋ ଠାରୁ ସର୍ବୋତ୍ତମ ବ୍ୟକ୍ତି ଅଟନ୍ତି। ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, أَنَا أَحَقُّ بِذٰلِكَ مِنْكَ । ଅର୍ଥାତ୍ ମୁଁ ତୁମ ଠାରୁ ଅଧିକ ଉପକାରକାରୀ ବ୍ୟକ୍ତିର ଅଧିକାରୀ ଅଟେ ହେ ଦୁଉସୁର୍ । ଦୁଉସୁର୍ ନିଜ ଜାତି ଆଡ଼କୁ ଫେରିଲେ । କିନ୍ତୁ ତା'ଙ୍କର ଅବସ୍ଥା ହିଁ ପରିବର୍ତ୍ତିତ ହୋଇଥିଲା । ସେ ନିଜ ଜାତିକୁ ତବ୍‌ଲିଗ୍ କରୁଥିଲେ । ଦୁଉସୁର୍ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲେ କି ମୋ ସହିତ କ'ଣ ଘଟିଥିଲା, ମୁଁ କିପରି ପଡ଼ିଗଲି ? ତଳେ ପଡ଼ିଯିବାର ଘଟଣାକୁ ସେ ଏହିପରି ବର୍ଣ୍ଣନା କଲେ କି, "ମୁଁ ସେଠାରେ ଏକ ଉଚ୍ଚ ବ୍ୟକ୍ତିକୁ ଦେଖିଲି । ମୁଁ ଯେତେବେଳେ ସେଠାରେ ଖଡ୍‌ଗ ଧରି ଛିଡ଼ା ହୋଇଥିଲି ସେତେବେଳେ ମୁଁ ଦେଖିଲି ଜଣେ ଅତ୍ୟୁଚ୍ଚ ସମ୍ପନ୍ନ ବ୍ୟକ୍ତି ସେଠାକୁ ଆସିଛି । ସେ ମୋ ଛାତିକୁ ଧକ୍କା ମାରି ମୋତେ ତଳେ ପକାଇ ମୋ ପିଠି ଉପରେ ବସିଗଲା । ସେତେବେଳେ ମୁଁ ଜାଣି ପାଇଲି ଯେ, ଏହି ବ୍ୟକ୍ତି ଜଣକ ଆଉ କେହି ନୁହଁ, ଏ ତ' ଜଣେ ଦେବଦୂତ ଲାଗୁଛି । ସୁତରାଂ ମୁଁ ସେହି ସମୟରେ ସ୍ୱୀକାରୋକ୍ତି ପ୍ରକାଶ କଲି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନାହାନ୍ତି ଏବଂ ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି। ସେ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି! ମୁଁ ତାଙ୍କ ବିରୁଦ୍ଧରେ କେବେ ବି ଆନ୍ଦୋଳିତ (ହର୍କତ୍ କରିବି ବା ପ୍ରତିକ୍ରିୟା ଦେଖାଇବି) ହେବି ନାହିଁ । ଏହାପରେ ସେ ନିଜ ଜାତିକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବାକୁ ଲାଗିଲା । ଅଲ୍ଲାଃତାଲା ତାଙ୍କ (ଦୁଉସୁର) ମାଧ୍ୟମରେ ଅନେକ ଲୋକମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରିଥିଲେ । ସେ ଯାହା ହେଉ ନା କାହିଁକି ଏହାପରେ ଆପଣ ସ.ଅ ମଦିନା ଫେରି ଆସିଲେ ଏବଂ କେଉଁଠି ବି କୌଣସି ଯୁଦ୍ଧ ହେଲା ନାହିଁ । ଉକ୍ତ ଯୁଦ୍ଧ ପାଇଁ ଆପଣ ସ.ଅ ମୋଟ୍ 11 ଦିନ ମଦିନାରୁ ବାହାରେ ରହିଥିଲେ ଏବଂ ଏକ କଥନ ଅନୁଯାୟୀ 15 ଦିନ ମଦିନା ବାହାରେ ରହିଥିଲେ । ଅବୁ ଉମର୍ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ନଜଦ୍‌ରେ ସଂପୂର୍ଣ୍ଣ ସଫର ମାସ ଅବସ୍ଥାନ କରିଥିଲେ । ସେ ଯାହା ହେଉ ବିଭିନ୍ନ ବର୍ଣ୍ଣନା ରହିଛି, କିନ୍ତୁ ଏହି ଯାତ୍ରାଟି କିଛି ଦିନର ଯାତ୍ରା ଥିଲା ।"

କେତେକ ବିଦ୍ୱାନ୍‌ମାନେ ଉପରୋକ୍ତରେ ବର୍ଣ୍ଣିତ ଘଟଣାବଳୀକୁ ଅର୍ଥାତ୍ ଆପଣ ସ.ଅଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ଜାତୁର୍ ରିକାଆ ଯୁଦ୍ଧ ଘଟଣା ବୋଲି ବିବେଚିତ କରିଛନ୍ତି ଏବଂ ଏହାକୁ ଗୋଟିଏ ଘଟଣା ରୂପେ ସ୍ୱୀକାର କରିଛନ୍ତି। କିନ୍ତୁ ଅନେକ ଗବେଷକମାନେ କହିଛନ୍ତି ଯେ, ଉଭୟ ଘଟଣା ଦୁଇଟି ଭିନ୍ନ ଭିନ୍ନ ଯୁଦ୍ଧର ଘଟଣା ଅଟନ୍ତି । ଜାତୁର୍ ରିକାଅ ଯୁଦ୍ଧ ଅବସରରେ ଆକ୍ରମଣକାରୀ ବ୍ୟକ୍ତିର ନାମ ଗୋରିସ୍ ମଧ୍ୟ ବର୍ଣ୍ଣିତ ହୋଇଛି ଏବଂ ତା' ସଂପର୍କରେ ଏହା ମଧ୍ୟ କୁହାଯାଇଥାଏ ଯେ, ଗୋରିସ୍ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲା । ପୁନଶ୍ଚ ଏହା ମଧ୍ୟ କୁହାଯାଏ ଯେ, ଗୋରିସ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନଥିଲା । ହେଲେ ସେ ଆପଣ ସ.ଅଙ୍କ ସହିତ ଏହି ଅଙ୍ଗୀକାର କରିଥିଲା ଯେ, ଭବିଷ୍ୟରେ ସେ କେବେ ବି ଆପଣ ସ.ଅଙ୍କ ସହିତ ମୁକାବିଲା କରିବ ନାହିଁ । ବୁଖାରୀରେ ମଧ୍ୟ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣିତ ହୋଇଛି। **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-290, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ସିହାରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ176, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଜୀବନୀ ଇନ୍‌ସାଇକ୍ଲୋପିଡ଼ିୟା, ଭାଗ-6, ପୃ-7 ମକ୍‌ତବା ଦାରୁଲ୍ ମୁଆରିଫ୍) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-381-382, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସହିଉଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ-ଗଜ୍‌ୱତୁର୍ ରିକାଅ, ହିଦିସ୍ ନଂ-4136)**

ଉକ୍ତ ଅବଧିରେ ଘଟିଥିବା ଘଟଣାବଳୀ ମଧ୍ୟରେ ଏହି ଘଟଣାଟି ମଧ୍ୟ ରହିଛି ଯେ, ହ. ରୁକିୟା ର.ଅଙ୍କ ବିୟୋଗ ଓ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ବିବାହ । ଉକ୍ତ ବିସ୍ତୃତ ବିବରଣୀଟି ଏହିପରି ରହିଛି ଯାହାକୁ ଅବ୍‌ଦୁଲ୍ଲାଃ ବିନ୍ ମୁକ୍‌ନିଫ୍ ବିନ୍ ହାରିସା ଅନ୍‌ସାରୀ ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧ ନିମନ୍ତେ ବାହାରିଲେ ସେତେବେଳେ ହ. ଉସ୍‌ମାନ୍ ର.ଅଙ୍କୁ ନିଜର ସୁପୁତ୍ରୀ ହ. ରୁକିୟା ପାଖରେ ଛାଡ଼ିଦେଲେ । ହ. ରୁକିୟାହ୍ ଅସୁସ୍ଥ ଥିଲେ ଏବଂ ସେହି ଦିନ ହ. ରୁକିୟାହ୍ ର.ଅଙ୍କର ଅକାଳ ବିୟୋଗ ହୋଇଥିଲା । ଯେଉଁ ଦିନ ଅଲ୍ଲାଃତାଲା ବଦର୍ ଯୁଦ୍ଧରେ ଆଁହଜରତ ସ.ଅଙ୍କୁ ବିଜୟ ପ୍ରଦାନ କଲେ ସେହି ବିଜୟର ଶୁଭ ସୂଚନା ହ. ଜୈଦ୍ ବିନ୍ ହାରିସା ମଦିନା ଅଭିମୁଖେ ନେଇ ଆସିଥିଲେ । ରସୁଲୁଲ୍ଲାଃ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ସକାଶେ ବଦର୍‌ରେ ମାଲେ ଗନିମତ୍‌ରେ ଏକ ଅଂଶ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଧାର୍ଯ୍ୟ କରିଥିଲେ ଏବଂ ଆପଣ ସ.ଅଙ୍କ ବଦର୍ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କ ତୁଲ୍ୟ ଆପଣଙ୍କର ଅଂଶ ଧାର୍ଯ୍ୟ କରିଥିଲେ । ରସୁଲୁଲ୍ଲାଃ ସ.ଅ ହ. ରୁକିୟାହ୍ ର.ଅଙ୍କ ବିୟୋଗ ପରେ ହ. ଉସ୍ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ସହିତ ନିଜର କନ୍ୟା ହ. ଉମ୍ମେ କୁଲସୁମ୍ ର.ଅଙ୍କ ବିବାହ କରିଦେଲେ । **(ଅତ୍ତବକାତୁଲ୍ କୁବ୍ରା ଲିଇବ୍ନି ସାଆଦ୍, ଭାଗ-3, ପୃ-41, ଜିକ୍ରୁ ଇସଲାମ୍ ଉସ୍ମାନ୍ ବିନ୍ ଅଫ୍ଫାନ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1990 ମସିହା)**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ଉସମାନ୍ ର.ଅଙ୍କୁ ଦୁଆର ପାଖରେ ଭେଟ ହେଲେ ଓ କହିବାକୁ ଲାଗିଲେ, ହେ ଉସ୍ମାନ୍ ! ଏ ହେଉଛନ୍ତି ହ. ଜିବ୍ରାଇଲ୍ ଅ.ସ ସେ ମୋତେ ଏହି ସୂଚନା ଦେଇଛନ୍ତି ଯେ, ଅଲ୍ଲାଃତାଲା ଉମ୍ମେ କୁଲସୁମ୍ ର.ଅଙ୍କ ନିକାହ୍ ରୁକିୟା ର.ଅଙ୍କ ତୁଲ୍ୟ ନିକାହ୍ର ହକ୍ ମେହେର (ମେହେରର ଅଧିକାର) ଓ ତା' (ହ. ରୁକିୟାହ୍ ର.ଅଙ୍କ ପ୍ରତି) ସହିତ ତୁମର ଯେଉଁ ସଦ୍‌ବ୍ୟବହାର ରହିଥିଲା ସେହି କାରଣରୁ ଉମ୍ମେ କୁଲସୁମ୍ ସହିତ ତୁମର ନିକାହ୍ ଅଲ୍ଲାଃତାଲା କରିଦେଲେ । **(ସୁନନ୍ ଇବ୍‌ନେ ମାଜାହ୍, ଇଫ୍‌ତିତାହଲ୍ କିତାବ୍, ଫଜ୍‌ଲୁ ଉସ୍ମାନ୍ ର.ଅ, ହଦିସ୍ ନଂ-110)**

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ନିଜର କନ୍ୟା ଉମ୍ମେ କୁଲସୁମ୍‌ଙ୍କ ବିବାହ ହ. ଉସ୍ମାନ୍ ର.ଅଙ୍କ ସହିତ କଲେ ସେତେବେଳେ ଆପଣ ସ.ଅ ହ. ଉମ୍ମେ ଐମନ୍ ର.ଅଙ୍କୁ କହିଲେ, ହେ ଉମ୍ମେ ଐମନ୍! ତୁମେ ମୋର କନ୍ୟା ଉମ୍ମେ କୁଲସୁମ୍‌ଙ୍କୁ ପ୍ରସ୍ତୁତ କରି ଉସ୍ମାନଙ୍କ ଘରେ ଛାଡ଼ି ଦେଇ ଆସିବ ଏବଂ ତା' ସମ୍ମୁଖରେ ଢୋଲ ବଜାଇବ । ସୁତରାଂ ସେ ଏହିପରି ହିଁ କଲେ। ତିନି ଦିନ ପରେ ରସୁଲ୍ କରୀମ୍ ସ.ଅ ଉମ୍ମେ କୁଲସୁମ୍‌ଙ୍କ ନିକଟକୁ ଆସିଲେ ଓ କହିଲେ, ହେ ମୋର ପ୍ରିୟ ସୁପୁତ୍ରୀ ! ତୁମେ ନିଜ ସ୍ୱାମୀଙ୍କୁ କେମିତିକା ବ୍ୟକ୍ତି ରୂପେ ପାଇଲ ? ଅର୍ଥାତ୍ ସେ କିପରିକା ବ୍ୟକ୍ତି ଅଟନ୍ତି ? ଉମ୍ମେ କୁଲସୁମ୍ ଉତ୍ତର ଦେଲେ, ପିତାଶ୍ରୀ ! ସେ ସର୍ବୋତ୍କୃଷ୍ଟ ସ୍ୱାମୀ ଅଟନ୍ତି । **(ସିରତ୍ ଉମ୍ମୁଲ୍ ମୁମିନିନ୍ ଉସମାନ୍ ବିନ୍ ଅଫ୍ଫାନ୍, ଶଖ୍‌ସିୟତା ୱ ଅସରୁହୁ, ଲେଖକ-ଅଲୀ ମୁହମ୍ମଦ୍ ଅସ୍‌ସଲାବୀ, ପୃ-41, ଅଲ୍‌ଫଜଲ୍ ଅୱଲ୍, ଜୁନ୍ ନୁରୈନ୍ ଉସମାନ୍ ବିନ୍ ଅଫ୍ଫାନ୍ ର.ଅ, ବୈନା ମକ୍କତା ୱଲ୍ ମଦନିୟତା, ଜୱାଜୁହୁ ମିନ୍ ଉମ୍ମେ କୁଲସୁମ୍, ସନ୍-3-ହିଜ୍ରୀ, ଦାରୁଲ୍ ମାଆରିଫା, ବୈରୁତ୍-2006 ମସିହା)**

ହ. ଉମ୍ମେ କୁଲସୁମ୍ ର.ଅ ହ. ଉସ୍ମାନ୍ ର.ଅଙ୍କ ଘରେ 9 ହିଜ୍ରୀ ପର୍ଯ୍ୟନ୍ତ ରହିଲେ, ଏହାପରେ ସେ ଅସୁସ୍ଥ ହୋଇ ମୃତ୍ୟୁ ବରଣ କରିଥିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କର ନମାଜ ଯନାଜାଃ ପାଠ କରିଥିଲେ ଓ ତାଙ୍କ କବର ପାଖରେ ବସିଥିଲେ। ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ନବୀ କରୀମ୍ ସ.ଅଙ୍କୁ ହ. ଉମ୍ମେ କୁଲସୁମ୍‌ଙ୍କ କବର ପାଖରେ ଏପରି ଅବସ୍ଥାରେ ବସିଥିବାର ଦେଖିଲେ ଯେ, ଆପଣ ସ.ଅଙ୍କ ଚକ୍ଷୁ ଲୋତକାପ୍ଲୁତ ଥିଲା । **(ମୁମିନିନ୍ ଉସ୍ମାନ୍ ବିନ୍ ଅଫ୍ଫାନ୍, ଶଖ୍‌ସିୟତା ୱ ଅସରୁହୁ, ଲେଖକ-ଅଲୀ ମୁହମ୍ମଦ୍ ଅସ୍‌ସଲାବୀ, ପୃ-41, ଅଲ୍ ମବ୍‌ହସୁସ୍ ସାଲିସି: ମୁଲାଜିମତୁ ଲିନ୍ ନବୀୟି ସ.ଅ ଫିଲ୍ ମଦିନତି/ୱଫାତୁ ଉମ୍ମେ କୁଲସୁମ୍, ଦାରୁଲ୍ ମାଆରିଫା, ବୈରୁତ୍-2006 ମସିହା)**

ବୁଖାରୀର ବର୍ଣ୍ଣନାରେ ଉକ୍ତ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ହିଲାଲ୍ ହ. ଅନସ୍ ବିନ୍ ମାଲିକ୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି ଯେ, ଆମେମାନେ ରସୁଲୁଲ୍ଲାଃଙ୍କ ସୁପୁତ୍ରୀଙ୍କ ଯନାଜାଃରେ ଉପସ୍ଥିତ ଥିଲୁ । ସେ କହିଲେ, ରସୁଲୁଲ୍ଲାଃ ସ.ଅ ଉମ୍ମେ କୁଲସୁମ୍ ର.ଅଙ୍କ କବର ପାଖରେ ବସିଥିଲେ । ମୁଁ ଦେଖିଲି ଯେ, ଆପଣ ସ.ଅଙ୍କ ଚକ୍ଷୁରୁ ଅଶ୍ରୁ ଧାର ଧାର ହୋଇ ବହି ଯାଉଥିଲା । **(ସହିଉଲ୍ ବୁଖାରୀ, କିତାବୁଲ୍ ଯନାଏଜ୍, ବାବ୍ ମଇଁ ୟଦ୍‌ଖୁଲା କବୁଲ୍ ମରଅତ, ହଦିସ୍ ନଂ-1342)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ହ. ଉମ୍ମେ କୁଲସୁମ୍ ର.ଅଙ୍କ ବିୟୋଗ ଅବସରରେ କହିଲେ, "ମୋର ଯଦି ତୃତୀୟ କନ୍ୟା ସନ୍ତାନ ଥାଆନ୍ତା ତେବେ ମୁଁ ତା'କୁ ମଧ୍ୟ ଉସ୍ମାନ୍‌ଙ୍କ ସହିତ ବିବାହ କରିଦେଇ ଥାଆନ୍ତି।" **(ଅତ୍ତବକାତୁଲ୍ କୁବ୍ରା ଲିଇବ୍ନି ସାଆଦ୍, ଭାଗ-3, ପୃ-41, ଜିକ୍ରୁ ଇସଲାମ୍ ଉସ୍ମାନ୍ ବିନ୍ ଅଫ୍ଫାନ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1990 ମସିହା)**

ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ଏକ ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ସ.ଅ ଦେଖିଲେ ଯେ, ହ. ଉସ୍ମାନ୍ ର.ଅ ବସିଥିଲେ ଓ ହ. ଉମ୍ମେ କୁଲସୁମ୍ ବିନ୍ତ୍ ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗ ଯୋଗୁଁ ଦୁଃଖରେ କାନ୍ଦୁଥିଲେ । ବର୍ଣ୍ଣନାକାରୀ କୁହନ୍ତି ଯେ, ଆପଣ ସ.ଅଙ୍କ ସହିତ ଆପଣଙ୍କ ଦୁଇ ସାଥି ଅର୍ଥାତ୍ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅ ମଧ୍ୟ ଥିଲେ । ରସୁଲୁଲ୍ଲାଃ ସ.ଅ ପଚାରିଲେ: ହେ ଉସ୍ମାନ୍! ତୁମେ କେଉଁ କାରଣରୁ କାନ୍ଦୁଛ ? ହ. ଉସ୍ମାନ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏଇଥି ପାଇଁ କାନ୍ଦୁଛି ଯେ, ମୋର ଆପଣ ସ.ଅଙ୍କ ସହିତ ଜ୍ୱାଇଁର ସଂପର୍କ ଆଜିଠୁ ସମାପ୍ତ ହୋଇଗଲା । ଆପଣ ସ.ଅ କହିଲେ, ହେ ଉସମାନ୍ ! କାନ୍ଦ ନା । ମୁଁ ସେହି ଅସ୍ତିତ୍ୱଙ୍କ ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି ! ମୋର ଯଦି ଏକଶତ କନ୍ୟା ସନ୍ତାନ ଥାଆନ୍ତେ ଓ ଗୋଟିଏ ଗୋଟିଏ କରି ସମସ୍ତଙ୍କର ମୃତ୍ୟୁ ଘଟି ଥାଆନ୍ତା ତେବେ ମୁଁ ପ୍ରତ୍ୟେକ କନ୍ୟାର ମୃତ୍ୟୁ ପରେ ତୁମ୍ ସହିତ ଅନ୍ୟ କନ୍ୟାର ବିବାହ କରିଦେଇ ଥାଆନ୍ତି । ଅର୍ଥାତ୍ ଶହେରୁ ଶହେ କନ୍ୟା ଯଦି ବିବାହ କରିବାକୁ ପଡ଼ିଥାଆନ୍ତେ ତେବେ ମଧ୍ୟ ମୁଁ ତୁମ ସହିତ ନିଜର କନ୍ୟାର ବିବାହ କରିଦେଇ ଥାଆନ୍ତି । **(କନ୍‌ଜୁଲ୍ ଉମ୍ମାଲ, ଭାଗ-13, ପୃ-21, କିତାବୁଲ୍ ଫଜାଏଲ, ଫଜାଇଲୁସ୍ ସାହାବତା ଜୁନ୍ ନୁରୈନ୍ ଉସମାନ୍ ବିନ୍ ଅଫ୍ଫାନ୍, ହଦିସ୍ ନଂ-36201, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2004 ମସିହା)**

ସେ ଯାହା ହେଉ ନା କାହିଁକି, ଉକ୍ତ ସଂପର୍କଟି ପ୍ରେମ ସଂପର୍କର ପରିପ୍ରକାଶ ଥିଲା ଯାହାକି ଉଭୟ ପକ୍ଷରୁ ହୋଇଥିଲା । ହ. ଉସମାନ୍ ର.ଅଙ୍କୁ ଉକ୍ତ କଥାର ଦୁଃଖ ଥିଲା ଯେ, ଆଁହଜରତ ସ.ଅଙ୍କ ସହିତ ଜ୍ୱାଇଁ ହେବାର ସଂପର୍କ ସମାପ୍ତ ହୋଇଯାଇଛି । କିନ୍ତୁ ଆଁହଜରତ ସ.ଅ ତାଙ୍କ ପ୍ରତି ଅତ୍ୟନ୍ତ ସମବେଦନା ଓ ସହାନୁଭୂତି ପ୍ରଦର୍ଶନ କରି ତାଙ୍କୁ ଏହି ଆଶ୍ୱାସନା ଦେଲେ ଯେ, ଉକ୍ତ ସଂପର୍କଟି ତ' ବଳବତ୍ତର ରହିବ, ତୁମେ ଏଥିପ୍ରତି ଆଦୌ ଚିନ୍ତିତ ହୁଅ ନାହିଁ ।

ହ.ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉକ୍ତ ବିବାହର ଚର୍ଚ୍ଚା ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି କରିଛନ୍ତି ଯେ, "ରୁକିୟାହ୍ ବିନ୍ତ୍ ରସୁଲୁଲ୍ଲାଃ ସ.ଅ ଓ ହ. ଉସ୍ମାନ୍ ବିନ୍ ଅଫ୍ଫାନ୍‌ଙ୍କ ପତ୍ନୀଙ୍କ ବିୟୋଗ ପରେ ଆଁହଜରତ ସ.ଅ ନିଜର ଦ୍ୱିତୀୟ କନ୍ୟା ଉମ୍ମେ କୁଲସୁମ ଯିଏ ହ. ଫାତିମା ର.ଅଙ୍କ ଠାରୁ ଜ୍ୟୋଷ୍ଠ ଥିଲେ ଓ ରୁକିୟାଙ୍କ ଠାରୁ କନିଷ୍ଠ ଥିଲେ ତାଙ୍କର ବିବାହ ହ. ଉସ୍ମାନ୍ ର.ଅଙ୍କ ସହିତ କରିଦେଲେ । ସେହି କାରଣରୁ ହ. ଉସ୍ମାନ୍ ର.ଅଙ୍କୁ ଜୁନ୍ ନୁରୈନ୍ ଅର୍ଥାତ୍ ଦୁଇଟି ଜ୍ୟୋତି ବୋଲି କୁହାଯାଏ । ଉମ୍ମେ କୁଲସୁମଙ୍କ ଏହା ଦ୍ୱିତୀୟ ବିବାହ ଥିଲା । କାରଣ ଉମ୍ମେ କୁଲସୁମ୍ ଓ ରୁକିୟାହ୍ ପ୍ରାରମ୍ଭରେ ଆଁହଜରତ ସ.ଅଙ୍କ ଚଚା ଅବୁ ଲହବ୍‌ର ଦୁଇ ପୁତ୍ର ସହିତ ବିବାହ କରିଥିଲେ । କିନ୍ତୁ ରୁଖସତି ହେବା ପୂର୍ବରୁ ଧାର୍ମିକ ବିରୋଧୀ ହେବା ଯୋଗୁଁ ଉକ୍ତ ସଂପର୍କଠି ଭାଙ୍ଗି ଯାଇଥିଲା । ଆଁହଜରତ ସ.ଅ ପ୍ରଥମେ ହ. ଉସ୍ମାନ୍ ର.ଅଙ୍କ ସହିତ ହ. ରୁକିୟାହ୍ ର.ଅଙ୍କ ବିବାହ କଲେ ଓ ରୁକିୟା ର.ଅଙ୍କ ବିୟୋଗ ପରେ ଉମ୍ମେ କୁଲସୁମ୍‌ଙ୍କ ବିବାହ କରିଦେଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଉଭୟ କନ୍ୟାଙ୍କର ବଂଶ ପରମ୍ପରା ଆଗକୁ ବଢି ପାରି ନଥିଲା । କାରଣ ଉମ୍ମେ କୁଲସୁମ୍‌ଙ୍କ ଠାରୁ କୌଣସି ସନ୍ତାନ ଜାତ ହେଲା ନାହିଁ ଓ ରୁକିୟାହ୍ ର.ଅଙ୍କ ଠାରୁ ଜାତ ଏକ ପୁତ୍ର ସନ୍ତାନ୍ 6 ବର୍ଷ ପରେ ମୃତ୍ୟୁ ବରଣ କଲା । ଉମ୍ମେ କୁଲସୁମ୍‌ଙ୍କ ନିକାହ୍ 12 ରବିଉଲ୍ ଅୱଲ୍ 3 ହିଜ୍ରୀରେ ହୋଇଥିଲା ।"

**(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ପୃ-463-464)**

ଉକ୍ତ ଅବଧିର ଘଟଣାବଳୀ ମଧ୍ୟରେ ବୁହ୍‌ରାନ୍ ଯୁଦ୍ଧର ଚର୍ଚ୍ଚା ମଧ୍ୟ ରହିଛି । ଉକ୍ତ ଯୁଦ୍ଧକୁ ବୁହରାନ୍ ଯୁଦ୍ଧ ବ୍ୟତୀତ ଫୁରୁଅ ଯୁଦ୍ଧ ଓ ବନୁ ସୁଲୈମ୍ ଯୁଦ୍ଧ ମଧ୍ୟ କୁହାଯାଏ। ବୁହରାନ୍ ଫୁରୁଅ ଉପତ୍ୟକାରେ ହିଜାଜର ଖଣିମାନଙ୍କ ମଧ୍ୟରୁ ଏକ ଖଣି ଖାଦାନ୍ ଅଟେ ଏବଂ ଫୁରୁଅ ଉପତ୍ୟକା ମଦିନା ଠାରୁ 96 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ। ଆଁହଜରତ ସ.ଅଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ଯେ, ବନୁ ସୁଲୈମ୍ ସଂପ୍ରଦାୟ ବିପୁଳ ସଂଖ୍ୟାରେ ବୁହରାନ୍ ଠାରେ ଏକତ୍ରିତ ହୋଇଛନ୍ତି ସେତେବେଳେ ଆପଣ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକତୁମ୍ ର.ଅଙ୍କୁ ମଦିନାରେ ନିଜର ନାଏବ୍ ନିଯୁକ୍ତ କଲେ । ଅପରପକ୍ଷେ ଅନ୍ୟ ବର୍ଣ୍ଣନା ଅନୁଯାୟୀ ହ. ଉମର୍ ର.ଅଙ୍କୁ ନିଜର ନାଏବ୍ ନିଯୁକ୍ତ କରି 300 ସାହାବାମାନଙ୍କ ସୈନ୍ୟଦଳ ନେଇ ବୁହ୍‌ରାନ ଅଭିମୁଖେ ବାହାରିଲେ । କିନ୍ତୁ ଆପଣ ସ.ଅ ବାହାରିବାର କାରଣ ପ୍ରକାଶ କଲେ ନାହିଁ । ମୁସଲମାନମାନଙ୍କର ସୈନ୍ୟବାହିନୀ ଯେତେବେଳେ ଏକ ରାତ୍ରର ବ୍ୟବଧାନରେ ପହଞ୍ଚିଲା ସେତେବେଳେ ସେଠାରେ ସେମାନଙ୍କୁ ବନୁ ସୁଲୈମ୍‌ର ଏକ ବ୍ୟକ୍ତି ମିଳିଲା ସେ ଆଁହଜରତ ସ.ଅଙ୍କୁ କହିଲା ଯେ, ସେହି ଲୋକମାନେ ବିକ୍ଷିପ୍ତ ହୋଇଯାଇଛନ୍ତି ।

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ଅତଏବ୍ ଆପଣ ସ.ଅ ସେହି ବ୍ୟକ୍ତିକୁ ଏକ ସାହାବିଙ୍କୁ ହସ୍ତାନ୍ତର କରିଦେଲେ ଏବଂ ଆଗକୁ ପ୍ରସ୍ଥାନ କଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ ବୁହରାନ୍ ଠାରେ ପହଞ୍ଚିଗଲେ । ଆପଣ ସ.ଅ ସେଠାରେ କୌଣସି ବ୍ୟକ୍ତିକୁ ପାଇଲେ ନାହିଁ । କାରଣ ସମସ୍ତେ ନିଜ ନିଜ ଜଳକୁଣ୍ଡ ସ୍ଥାନ ଅଭିମୁଖେ ଖେଳେଇ ହୋଇଯାଇଥିଲେ। ସୁତରାଂ ଆଁହଜରତ ସ.ଅ ଫେରି ଆସିଲେ ଓ ଯୁଦ୍ଧ କରିବାର କୌଣସି ସ୍ଥିତି ଉପୁଜିଲା ନାହିଁ । ରସୁଲୁଲ୍ଲାଃ ସ.ଅ ଉକ୍ତ ଯୁଦ୍ଧ ନିମନ୍ତେ 6 ଜମାଦିଉଲ୍ ଉଲାରେ ମଦିନାରୁ ବାହାରିଲେ ଓ 10 ରାତ୍ର ବାହାରେ ରହିବା ପରେ ଆପଣ ସ.ଅ 16 ଜମାଦିଉଲ୍ ଉଲାରେ ଫେରି ଆସିଥିଲେ। ଅପରପକ୍ଷେ ଇବ୍‌ନେ ଇସହାକ୍ ଏହା ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କୁରୈଶମାନଙ୍କର ବାଣିଜ୍ୟିକ ଯାତ୍ରୀ ସମୂହକୁ ଅଟକାଇବାକୁ ଚାହୁଁଥିଲେ। ଏପର୍ଯ୍ୟନ୍ତକି ଆପଣ ସ.ଅ ବୁହ୍‌ରାନ ପହଞ୍ଚିଗଲେ ଯାହା ହିଜାଜ୍‌ରେ ଫୁରୁଅ ଉପତ୍ୟକାର ଆଖପାଖରେ ଅବସ୍ଥିତ ଥିବ ଏକ ଖଣି ଅଟେ । ସୁତରାଂ ଆପଣ ସ.ଅ ସେଠାରେ ରବିଉଲ୍ ଆଖିର ଓ ଜମାଦିଉଲ୍ ଉଲାର ଦୁଇ ମାସ ଅବସ୍ଥାନ କରିଥିଲେ। ଏତଦ୍‌ପରେ ଆପଣ ସ.ଅ ମଦିନା ଫେରି ଆସିଲେ । ଉକ୍ତ ଅବଧି ମଧ୍ୟରେ ଆପଣ ସ.ଅଙ୍କୁ ଆଉ ଯୁଦ୍ଧ କରିବାକୁ ପଡ଼ିଲା ନାହିଁ । **(ଶରହୁଲ୍ ଜର୍କାନୀ ଅଲଲ୍ ମୱାହିବ୍ ଅଲ୍ ଲୁଦ୍‌ନିୟାହ୍, ଭାଗ-2, ପୃ-382-383, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1996 ମସିହା) (ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-513, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-2001 ମସିହା) (ଜୀବନୀ ଶବ୍ଦକୋଷ, ପୃ-226, ଜୱାର୍ ଏକାଡ଼େମୀ, କରାଚୀ-2003 ମସିହା)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ବୁହ୍‌ରାନ୍ ଯୁଦ୍ଧର ବିସ୍ତୃତ ବିବରଣୀ ଏହିପରି ପ୍ରଦାନ କରନ୍ତି ଯେ, "ବର୍ତ୍ତମାନ ଜି ଅମ୍ର ଯୁଦ୍ଧକୁ ଅଧିକ ସମୟ ଅତିବାହିତ ହୋଇ ନଥିଲା ଅର୍ଥାତ୍ ରବିଉଲ୍ ଅୱଲ୍ ଶେଷ 3 ହିଜ୍ରୀରେ ଆଁହଜରତ ସ.ଅଙ୍କୁ ଭୟଙ୍କର ସୂଚନା ପ୍ରାପ୍ତ ହେଲା ଯେ, ବନୁ ସୁଲୈମ୍ ପୁନଶ୍ଚ ବୁହ୍‌ରାନ ନାମକ ଏକ ସ୍ଥାନରେ ଏକତ୍ରିତ ହେଉଛନ୍ତି ଏବଂ ମଦିନା ଉପରେ ସହସା ଆକ୍ରମଣ କରିବା ଉଦ୍ଦେଶ୍ୟରେ ବିପୁଳ ସଂଖ୍ୟାରେ ଏକତ୍ରିତ ହେଉଛନ୍ତି । ସେମାନଙ୍କ ସହିତ କୁରୈଶମାନଙ୍କର ଏକ ସୈନ୍ୟ ଟୁକୁଡ଼ି ମଧ୍ୟ ରହିଛି । ନିଃସହାୟ ଆଁହଜରତ ସ.ଅ ନିଜର ସାହାବାମାନଙ୍କର ଏକ ଜମାଅତ୍‌କୁ ସାଙ୍ଗରେ ଧରି ମଦିନା ବାହାରିଲେ । କିନ୍ତୁ ଅଭ୍ୟାସଗତ ଏହି ନୃଶଂସ ଜଙ୍ଗଲୀ ଲୋକ ନିଜର ଶିକାର ଉପରେ ସହସା ଓ ଅବଚେତନ ଅବସ୍ଥାରେ ଆକ୍ରମଣର ସୁଯୋଗକୁ ଆପେକ୍ଷା କରୁଥିଲେ, ଆପଣ ସ.ଅଙ୍କ ଆଗମନ ସୂଚନା ପାଇବା ପରେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ ଏବଂ ଆଁହଜରତ ସ.ଅ କିଛି କାଳ ସେଠାରେ ଅବସ୍ଥାନ କରି ଫେରି ଆସିଲେ ।"

ବନୁ ସୁଲେମ୍ ଓ ବନୁ ଗତ୍‌ଫାନର ଏହିପରି ବାରମ୍ବାର ମଦିନାର ଉପରେ ଆକ୍ରମଣ କରିବାର ଉଦ୍ଦେଶ୍ୟମୂଳକ ଭାବରେ ଏକତ୍ରିତ ହେବା ସ୍ପଷ୍ଟ ପ୍ରକାଶିତ କରେ କି ଆରବର ମରୁଭୂମିର ଏହି ଜଙ୍ଗଲୀ ଏବଂ ନୃଶଂସନୀୟ ଯୋଦ୍ଧୃ ସଂପ୍ରଦାୟ ଇସ୍‌ଲାମ୍ ଧର୍ମର ଘୋର ଏବଂ ପ୍ରାଣର ଶତ୍ରୁଥିଲେ । ସେମାନେ ଦିନ ରାତି ଏହି ଚିନ୍ତାରେ ରହୁଥିଲେ କି କୌଣସି ଅବସର ସେମାନଙ୍କୁ ଯଦି ପ୍ରାପ୍ତ ହୁଏ ତେବେ ସେମାନେ ମୁସଲମାନମାନଙ୍କୁ ଧ୍ୱଂସ କରିଦେବେ । ବର୍ତ୍ତମାନ ଟିକିଏ ସେତେବେଳର ସନ୍ଧିକ୍ଷଣ ମୁହୂର୍ତ୍ତ ତଥା ପରିସ୍ଥିତି ବିଷୟରେ ଆକଳନ କର କି ସେମାନଙ୍କ ଉପରେ କିପରି ଦିନ ଅତିବାହିତ ହୋଇଥିଲା ? ଗୋଟିଏ ପକ୍ଷରେ ମକ୍କାର କୁରୈଶମାନେ ଯେଉଁମାନଙ୍କୁ ଇସ୍‌ଲାମ ଧର୍ମ ପ୍ରତି ବିଦ୍ୱେଷତା ଓ ବଦର୍ ଯୁଦ୍ଧର ପ୍ରତିଶୋଧମୂଳକ ମନୋଭାବ ସେମାନଙ୍କୁ ସଂପୂର୍ଣ୍ଣ ରୂପେ ଅନ୍ଧ କରି ଦେଇଥିଲା ଓ ସେମାନେ ଖାନା କାଆବାର ପରଦା ସହିତ ସଂଶ୍ଳିଷ୍ଟ ହୋଇ ଶପଥ କରିଥିଲେ ଯେ, ସେମାନେ ଯେପର୍ଯ୍ୟନ୍ତ ମୁସଲମାନମାନଙ୍କର ଧ୍ୱଂସ ସାଧନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ଶାନ୍ତିରେ ନିଃଶ୍ୱାସ ନେବେ ନାହିଁ । ଅର୍ଥାତ୍ ଶାନ୍ତିରେ ବସି ପାରିବେ ନାହିଁ । ଅନ୍ୟ ପଟରେ ଆରବର ମରୁଭୂମିରେ ଏହି ରକ୍ତାକ୍ତ ହିଂସ୍ର ଲୋକମାନେ ରହିଥିଲେ ଯେଉଁମାନଙ୍କୁ କୁରୈଶମାନଙ୍କର ଉପଦ୍ରବ ଏବଂ ଇସ୍‌ଲାମ୍ ଧର୍ମର ଶତ୍ରୁତା, ମୁସଲମାନମାନଙ୍କର ରକ୍ତର ତୃଷ୍ଣା ଅଧୀର କରି ରଖିଥିଲା । ସୁତରାଂ ଦେଖ ବଦର ଯୁଦ୍ଧର ପରେ କିଛି ମାସ ଭିତରେ ଆପଣ ସ.ଅ ଅନେକ ଥର ସ୍ୱୟଂ ସେହି ହିଂସ୍ର ଆରବୀୟ ସଂପ୍ରଦାୟର ରକ୍ତାକ୍ତ ଉଦ୍ଦେଶ୍ୟରୁ ନିଜକୁ ସୁରକ୍ଷିତ କରି ରଖିବା ନିମନ୍ତେ ଯାତ୍ରା କରିବାକୁ ପଡ଼ିଥିଲା । ଯେପରି ସାର ୱିଲିୟମ୍ ମିଓର ବ୍ୟାଖ୍ୟା କରିଛନ୍ତି । ଏହି ଦିନ ମଧ୍ୟ ଅତ୍ୟନ୍ତ ଭୀଷଣ ଗ୍ରୀଷ୍ମ କାଳର ଦିନ ଥିଲା ଏବଂ ଆରବ୍ୟ ମରୁଭୂମିର ଗ୍ରୀଷ୍ମ ମଧ୍ୟ ପ୍ରଚଣ୍ଡ ଥିଲା ।

ଯଦି ଈଶ୍ୱରଙ୍କର ବିଶେଷ ସାହାଯ୍ୟ ପ୍ରାପ୍ତ ହୋଇ ନଥାଆନ୍ତା ଓ ଆଁହଜରତ ସ.ଅଙ୍କ ସମୟାନୁଯାୟୀ ପଦକ୍ଷେପ ମୁସଲମାନମାନଙ୍କୁ ସବୁବେଳେ ସତର୍କ ଓ ହୁଶିଆର ନରଖି ଥାଆନ୍ତା ଓ ଆପଣ ସ.ଅ ଶତ୍ରୁମାନଙ୍କର ଉପରେ ଚଢଉ କରିବା ପୂର୍ବରୁ ସେମାନଙ୍କୁ ଏକତାକୁ ବିକ୍ଷିପ୍ତ ଏବଂ ଛତ୍ରଭଙ୍ଗ କରିଦେବାର ଯୋଜନା ଅବଲମ୍ବନ ନକରି ଥାଆନ୍ତେ ତେବେ ସେହି ଦିନମାନଙ୍କରେ ମୁସଲମାନମାନଙ୍କର ବିନାଶ ଓ ଧ୍ୱଂସରେ କୌଣସି ସନ୍ଦେହ ନଥିଲା । ଏହି ସମସ୍ତ ପ୍ରସଙ୍ଗ ବାହ୍ୟ ବିପଦ ଥିଲା । ଅନ୍ୟ ସମସ୍ତ ପ୍ରସଙ୍ଗ ଆଭ୍ୟନ୍ତରୀଣ ବିପଦ ମଧ୍ୟ କିଛି କମ ନଥିଲା । ସ୍ୱୟଂ ମଦିନା ଭିତରେ ମୁସଲମାନମାନଙ୍କ ସହିତ ମିଶି ବାସ କରୁଥିବା କପଟବିଶ୍ୱାସୀମାନେ ଉପସ୍ଥିତ ଥିଲେ । ଯେଉଁମାନଙ୍କୁ ନିଃସନ୍ଦେହ ରୂପେ ପୋଷା ସର୍ପ କ ହିଲେ ଅତ୍ୟୁକ୍ତି ହେବ ନାହିଁ । ଏତଦ୍‌ଭିନ୍ନ ବିଶ୍ୱାସଘାତ ଓ ଗୁପ୍ତ ଷଡ଼ଯନ୍ତ୍ରର ଅଭ୍ୟାସୀ ଇହୁଦୀ ଲୋକମାନେ ରହିଥିଲେ ଯେଉଁମାନଙ୍କର ଶତ୍ରୁତାର ଗଭୀରତା ଓ ବ୍ୟାପକତା ଚରମ ସୀମାକୁ ପହଞ୍ଚି ଯାଇଥିଲା । ଅଲ୍ଲାଃ ! ଅଲ୍ଲାଃ ! ସେହି ପ୍ରାରମ୍ଭିକ ମୁସଲମାନମାନଙ୍କ ପାଇଁ ଏହା କିଭଳି ବିପତ୍ତିର ଦିନ ଥିଲା !! ସ୍ୱୟଂ ସେମାନଙ୍କର ତୁଣ୍ଡରୁ ହିଁ ଶୁଣି ନିଅନ୍ତୁ। ଉବେି ବିନ୍ କାଆବ୍....ବର୍ଣ୍ଣନା କରନ୍ତି: "ସେହି କାଳରେ ସାହାବାମାନଙ୍କର ଏହି ଅବସ୍ଥା ରହିଥିଲା କି ସେମାନେ ଭୟାବସ୍ଥାରେ ରାତ୍ର ସମୟରେ ଅସ୍ତ୍ରକୁ ଓହଳାଇ ବା ଟଙ୍ଗାଇ ଶୋଉଥିଲେ ଏବଂ ଦିନରେ ମଧ୍ୟ ପ୍ରତ୍ୟେକ ସମୟ ଅସ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ରହୁଥିଲେ । କାରଣ ସେମାନଙ୍କ ଉପରେ କୌଣସି ଆକ୍ରମଣ ଯେପରି ନହୋଇଯାଉ ଏବଂ ସେମାନେ ପରସ୍ପରକୁ କହୁଥିଲେ ଯେ, ଦେଖ ! ଆମେମାନେ ଯେତେବେଳେ ଶାନ୍ତିମୟ ଜୀବନ ଯାପନ କିରବୁ ସେତେବେଳ ପର୍ଯ୍ୟନ୍ତ ଆମେ ଜୀବିତ ରହିବୁ କି ନାହିଁ ? ଈଶ୍ୱରଙ୍କ ବ୍ୟତୀତ ଆମକୁ ଅନ୍ୟ କାହାରି ଭୟ ନଥିବ ।"

ଏହି ଶବ୍ଦମାନଙ୍କରେ କେଉଁ ବିପତ୍ତି ଓ କେଉଁ ନିଃସହାୟତାର ପରିପ୍ରକାଶ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାର କେତେ ଔତ୍ସୁକତା ସେମାନଙ୍କ ମନରେ ରହିଥିଲା ଏହାର ଆକଳନ ପ୍ରତ୍ୟେକ ନ୍ୟାୟପ୍ରିୟ ବ୍ୟକ୍ତି ସ୍ୱୟଂ କରିପାରିବ । **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ପୃ-464-465)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ମଧ୍ୟ କେତେକ ସ୍ଥାନରେ ଏପରି ପରିସ୍ଥିତି ରହିଛି ଏବଂ ବିଶେଷ ରୂପେ ପାଲେଷ୍ଟାଇନ୍‌ବାସୀଙ୍କର ଏହି ଅବସ୍ଥା ମଧ୍ୟ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ସରିୟା ଜୈଦ୍ ବିନ୍ ହାରିସା ଥିଲା ଯାହାର ବିସ୍ତୃତ ବିବରଣୀ ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ବନୁ ସୁଲୈମ୍‌ର ପରାଜୟ ବନୁ କୈନ୍‌କା ସଂପ୍ରଦାୟର ନିର୍ବାସନ, ସୁୱୈକ୍ ଯୁଦ୍ଧରେ ଅବୁ ସୁଫିୟାନ୍‌ର ପଳାୟନ କରିବା ଓ ବନୁ ଗତ୍‌ଫାନ ଯୁଦ୍ଧରେ ବନୁ ସାଆଲ୍‌ବା ଓ ବନୁ ମୁହାରିବ୍‌ର ପରାଜୟ, ଏହି ସୈନ୍ୟ ପରାକ୍ରମ, ମଦିନାର ବୃଦ୍ଧି ପାଉଥିବା ଶକ୍ତି ଉପରେ ପ୍ରତିପାଦିତ କରେ । ଏସବୁଠୁ ଅଧିକ ବଦର ଯୁଦ୍ଧରେ ବିଶ୍ୱାସକାରୀଙ୍କ ସଫଳତା ଓ ଅବିଶ୍ୱାସକାରୀଙ୍କର ତିରସ୍କାରପୂର୍ଣ୍ଣ ପରାଜୟ ଯୋଗୁଁ ଇସ୍‌ଲାମ୍ ଧର୍ମର ଶତ୍ରୁମାନେ ଅର୍ଥନୈତିକ ସମସ୍ୟା ତଥା ବିପତ୍ତି ଯୋଗୁଁ ବହୁତ ଚିନ୍ତାଗ୍ରସ୍ତ ହେଲେ। କାରଣ ମକ୍କାରୁ ସିରୀୟା ଅଭିମୁଖେ ଯାଉଥିବା ବିଖ୍ୟାତ ରାଜପଥ ମଦିନାର ପଶ୍ଚିମରେ ଲୋହିତ ସାଗର ସହିତ ସଂଲଗ୍ନ ଥିଲା । ଅବୁ ସୁଫିୟାନ୍‌ର ବାଣିଜ୍ୟିକ ଯାତ୍ରୀସମୂହକୁ ମୁସଲମାନମାନେ ସେହି ମାର୍ଗରେ ଅଟକାଇବା ନିମନ୍ତେ ଉଦ୍ୟମ କରିଥିଲେ । ମଦିନାର ଆଖପାଖରେ ସଂପ୍ରଦାୟ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସନ୍ଧି ସ୍ଥାପନ କରି ସାରିଥିଲେ । ଅତଃ ମକ୍କାର ଅବିଶ୍ୱାସକାରୀମାନେ ସେହି ମାର୍ଗକୁ ବାଣିଜ୍ୟ ନିମନ୍ତେ ଅବଲମ୍ବନ କରିବାକୁ କୌଣସି ମତେ ମଧ୍ୟ ପ୍ରସ୍ତୁତ ନଥିଲେ । ଇସ୍‌ଲାମ୍ ଧର୍ମାବଲମ୍ବୀ ପକ୍ଷରୁ ଅବିଶ୍ୱାସକାରୀଙ୍କ ଅର୍ଥନୈତିକ କଟକଣା ଯୋଗୁଁ ସେହି ଲୋକମାନେ ଘୋର ସମସ୍ୟାର ସମ୍ମୁଖୀନ ହେଲେ ଏବଂ ଚିନ୍ତିତ ହେଲେ। ସିରୀୟାର ଜଣାଶୁଣା ମାର୍ଗକୁ ଛାଡ଼ି ସେମାନେ ନୂତନ ମାର୍ଗ ସନ୍ଧାନ କରିବାକୁ ଲାଗିଲେ । ଦିନେ ସଫ୍‌ୱାନ୍ ବିନ୍ ଉମୈୟାହ୍ ମକ୍କାର ଅବଜ୍ଞକାରୀମାନଙ୍କୁ କହିବାକୁ ଲାଗିଲା ଯେ, ମୁହମ୍ମଦ ସ.ଅ ଓ ତା'ର ସାଥିମାନେ ଆମକୁ ଶାନ୍ତିରେ ବଞ୍ଚିବାକୁ ଦେଉ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ନାହାନ୍ତି । ବାଣିଜ୍ୟିକ କେନ୍ଦ୍ର ପର୍ଯ୍ୟନ୍ତ ଯିବାରୁ ଆମକୁ ଅଟକାଇ ଦେଇଛନ୍ତି। ବର୍ତ୍ତମାନ ଆମେ ଆଉ କିଛି ବୁଝିପାରୁ ନାହୁଁ ଯେ, ଆମେ ବର୍ତ୍ତମାନ କ'ଣ କରିବୁ ? ସେମାନେ ସମୁଦ୍ର ତଟରୁ ପଛଘୁଞ୍ଚା ଦେବାର ନାଁ ନେଉ ନାହାନ୍ତି । ସମୁଦ୍ର ଉପକୂଳସ୍ଥ ଅନେକ ସଂପ୍ରଦାୟ ସେମାନଙ୍କ ସହିତ ସନ୍ଧି ସ୍ଥାପନ କରି ନେଇଛନ୍ତି । ସେମାନେ ତାଙ୍କ ସହିତ ମିଶି ଯାଇଛନ୍ତି । ବର୍ତ୍ତମାନ ଆମେ ଯିବୁ ତ' କେଉଁ ଆଡ଼କୁ ଯିବୁ ଓ କରିବୁ ତ' କ'ଣ କରିବୁ ? ଏହି ମକ୍କାରେ ଯଦି ଆମ ରହୁ ତାହାହେଲେ ଏହି ଧନକୁ ମଧ୍ୟ ଖାଇଯିବୁ ଅର୍ଥାତ୍ ସମାପ୍ତ ହୋଇଯିବ । ଅର୍ଥାତ୍ ଆମ ପାଖରେ ଯାହାକିଛି ରହିଛି ତାହାକୁ ଖାଇ ସାରିଦେବୁ। ଏତଦ୍‌ପରେ ଆମ ପାଖରେ ଆଉ କିଛି ବଳିବ ନାହିଁ ଯାହା ସାହାଯ୍ୟରେ ଆମେ ଜୀବନ ଯାପନ କରିପାରିବୁ । ଉକ୍ତ ଧନକୁ ଆମେମାନେ ସିରୀୟା ଓ ଶୀତ ଋତୁରେ ହବ୍‌ଶା (ଇଥିଓପିୟା) ଅଭିମୁଖେ ବାଣିଜ୍ୟ ବ୍ୟବସାୟ ଉଦ୍ଦେଶ୍ୟରେ ନେଇ ଯାଉଥିଲୁ। ବର୍ତ୍ତମାନ କ'ଣ ହେବ ? ସଫ୍‌ୱାନ୍ ବିନ୍ ଉମୈୟାହ୍‌ର ଉକ୍ତ କଥାକୁ ଶୁଣି ସମସ୍ତେ ଚିନ୍ତିତ ଥିଲେ । ଅସ୍‌ୱଦ୍ ବିନ୍ ମୁତ୍‌ଲିବ୍ ପରାମର୍ଶ ଦେଲା କି ସମୁଦ୍ର ଉପକୂଳ ମାର୍ଗକୁ ପରିତ୍ୟାଗ କରି ଇରାକ୍ ପଟୁ ଦେଇ ସିରୀୟା ଯାଇ ହେବ । ସଫ୍‌ୱାନ୍ କହିଲା, ମୋତେ ତ' ଉକ୍ତ ମାର୍ଗ ଆଦୌ ଜଣା ନାହିଁ । ଅବୁ ଜମ୍‌ଆ କହିଲା କି ମୁଁ ତୋତେ ଏପରି ଏକ ମାର୍ଗଦର୍ଶକ ସଂପର୍କରେ କହିବି ଯିଏ ଉକ୍ତ ମାର୍ଗ ସଂପର୍କରେ ସଂପୂର୍ଣ୍ଣ ରୂପେ ଅବଗତ । ସେ କହିଲା ସେହି ବ୍ୟକ୍ତି ହେଉଛି ଫୁରାତ୍ ବିନ୍ ହୟ୍ୟାନ୍ ଇଜ୍‌ଲୀ । ସେ ଉକ୍ତ ମାର୍ଗ ଦେଇ ଯିବା ଆସିବା କରେ ଓ ସେ ଉକ୍ତ ମାର୍ଗ ଦେଇ ଯିବା ଆସିବା କରିବା ହେତୁ ସଂପୂର୍ଣ୍ଣ ରୂପେ ଅବଗତ ଅଟେ । ସଫ୍‌ୱାନ୍ ଅଲ୍ଲାଃତାଲାଙ୍କ ଶପଥ କରି କହିଲା, ଅତି ଉତ୍ତମ । ମୁଁ ତ' ଏହା ହିଁ ଚାହୁଁଥିଲି । ଫୁରାତ୍‌କୁ ଡକାଗଲା। ତା'ର ଆଗମନ ଫଳରେ ସଫ୍‌ୱାନ ତା'କୁ କହିଲା, ମୁଁ ବାଣିଜ୍ୟିକ ଯାତ୍ରୀ ସମୂହକୁ ଧରି ସିରୀୟା ଅଭିମୁଖେ ଯିବାକୁ ଚାହୁଁଛି, ମୁହମ୍ମଦ ସ.ଅ ଆମର ବାଣିଜ୍ୟିକ ଯାତ୍ରୀ ସମୂହ ଯୋଗୁଁ ଆମକୁ ବହୁତ ହଇରାଣ କରି ରଖିଛି । ନାଉଜୁ ବିଲ୍ଲାଃ । କାରଣ ଆମର ବାଣିଜ୍ୟିକ ଯାତ୍ରୀସମୂହ ସେମାନଙ୍କ ନିକଟ ଦେଇ ଅତିକ୍ରମ କରିଥାଆନ୍ତି। ମୁଁ ଇରାକ୍ ମାର୍ଗ ଦେଇ ସିରୀୟା ଯିବାକୁ ଚାହୁଁଛି । ଫୁରାତ୍ କହିଲା, ମୁଁ ତୁମକୁ ଇରାକ୍‌ର ଏପରି ଏକ ମାର୍ଗ ଦେଇ ନେଇଯିବି ଯେଉଁ ମାର୍ଗ ସଂପର୍କରେ ମୁହମ୍ମଦ ସ.ଅଙ୍କ ସାହାବାମାନଙ୍କୁ କୌଣସି ସୂଚନା ମିଳିବ ନାହିଁ । ଉକ୍ତ ମାର୍ଗଟି ନିର୍ଜଳ ଏବଂ ମରୁଭୂମି ଓ ନିର୍ଜନ ମାର୍ଗ ଅଟେ । ସଫ୍‌ୱାନ୍ କହିଲା, ମୁଁ ମଧ୍ୟ ଏହିପରି ଚାହୁଁଛି । ସେହି ମରୁଭୂମି ମାର୍ଗ ଆମ ପାଇଁ କୌଣସି ଅଧିକ ସମସ୍ୟା ଏବଂ ଚିନ୍ତାର କାରଣ ନୁହେଁ । କାରଣ ବର୍ତ୍ତମାନ ଶୀତ ଋତୁ ରହିଛି ତେଣୁ ଆମକୁ ମାର୍ଗରେ ଜଳର କମ୍ ଆବଶ୍ୟକତା ପଡ଼ିବ। ତେଣୁ ଉକ୍ତ କଷ୍ଟକୁ ଆମେମାନେ ସହ୍ୟ କରିନେବୁ । ସେ ଯାହା ହେଉ ସେ ଯାତ୍ରା ପାଇଁ ପ୍ରସ୍ତୁତି ହୋଇଗଲା । ଏହାପରେ ସଫ୍‌ୱାନ୍ ବିନ୍ ଉମୈୟାହ୍ ଯାତ୍ରୀସମୂହକୁ ପ୍ରସ୍ତୁତି କରିବାକୁ କହିଦେଲା କି ସମସ୍ତେ ପ୍ରସ୍ତୁତ ହୋଇଯାଆନ୍ତୁ । ଜମା ପୁଞ୍ଜି (ଏକମାତ୍ର ସମ୍ବଳ/ପାଥେୟ) ନିଜ ସାଙ୍ଗରେ ନେଇନେଲା । ରୌପ୍ୟ (ଚାନ୍ଦି) ବାସନ କୁସନ, ରୌପ୍ୟ ବୃକ୍ଷ ଡାଳ ଓ ଅନ୍ୟାନ୍ୟ ଜିନିଷ ପତ୍ର ମଧ୍ୟ ସାଙ୍ଗରେ ନେଇନେଲା । ଅବୁ ଜମ୍‌ଆ ମଧ୍ୟ ସଫ୍‌ୱାନାକୁ 300 ମିସ୍କାଲ୍ (ମାପକ) ସ୍ୱର୍ଣ୍ଣ (ସୁନା) ଓ ରୌପ୍ୟ ଡାଳ ଧରାଇ ଦେଲା । କାରଣ ସେ ତା' ପାଇଁ କିଣାକିଣି କରିପାରିବ। ଏକ ମିସ୍କାଲ୍ ସୁନାର ମୂଲ୍ୟ ପାଖାପାଖି 4.37 ଗ୍ରାମ ଅଟେ । ସେ ଯାହା ହେଉ ବିପୁଳ ପରିମାଣର ସ୍ୱର୍ଣ୍ଣ ଓ ରୌପ୍ୟ ସାମଗ୍ରୀ ରହିଥିଲା । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସଫ୍‌ୱାନ୍ ବହୁ ପରିମାଣର ଅର୍ଥ ଧରି ବାହାରିଲା । ଯହିଁରେ ରୂପାର ଡାଳ ଓ ବାସନ କୁସନ ଥିଲା । ସେହି ରୂପାର ଓଜନ ମୂଲ୍ୟ 30,000 ଦିରହମ୍ ଅର୍ଥ ବିଶିଷ୍ଟ ଥିଲା । ଅବୁ ସୁଫିୟାନ ବିନ୍ ହର୍ବ ମଧ୍ୟ ନିଜ ସହିତ ବିପୁଳ ପରିମାଣର ରୂପା ନେଇ ବାହାରିଲା ଏବଂ କୁରୈଶ୍‌ର ଅନ୍ୟାନ୍ୟ ଲୋକମାନେ ମଧ୍ୟ ନିଜ ନିଜର କିଣାକିଣି ନିମନ୍ତେ ସୁନା,ରୂପା ଇତ୍ୟାଦି ଯାତ୍ରୀସମୂହକୁ ହସ୍ତାନ୍ତରିତ କରିଦେଲେ । ସଫ୍‌ୱାନ୍ ଓ ଅବୁ ସୁଫିୟାନ୍ ବ୍ୟତୀତ ଅନେକ ଲୋକମାନେ ମଧ୍ୟ ସେହି ବାଣିଜ୍ୟିକ ଯାତ୍ରୀସମୂହ ସହିତ ସାମିଲ୍ ହୋଇ ବାହାରି ପଡ଼ିଲେ, ଉଦାହରଣ ସ୍ୱରୂପ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ରବିୟାହ୍, ହୁୱୈତିବ୍ ବିନ୍ ଅବ୍‌ଦୁଲ୍ ଉଜ୍ଜା ଇତ୍ୟାଦି ଲୋକମାନେ । ଫୁରାତ୍ ବିନ୍ ହୈୟ୍ୟାନ୍‌ର ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଇରାକ୍ ମାର୍ଗ ଦେଇ ସିରୀୟ ଆଡ଼କୁ ବାଣିଜ୍ୟ କରିବା ନିମନ୍ତେ କୁରୈଶ୍‌ର ଏହି ଯାତ୍ରୀ ସମୂହ ବାହାରିଲା ।

ସରିୟାର ଇତିହାସ ଓ ଅନ୍ୟାନ୍ୟ ନାମ ସଂପର୍କରେ ଉଲ୍ଲେଖ ମିଳେ ଯେ, ଉକ୍ତ ସରିୟା ଜମାଦିଉଲ୍ ଉଖ୍ରା 3 ହିଜ୍ରୀରେ ସଂଘଟିତ ହୋଇଥିଲା । ସରିୟା ସ୍ଥାନ ଦୃଷ୍ଟିରୁ ଉକ୍ତ କାର୍ଯ୍ୟାନୁଷ୍ଠାନକୁ ସରିୟା କର୍‌ଦାହ୍ ମଧ୍ୟ କୁହାଯାଏ । କର୍‌ଦାହ୍ ନଜଦ୍ ଜଳକୁଣ୍ଡ ମଧ୍ୟରୁ ଏକ ଜଣକୁଣ୍ଡ ଅଟେ । ମକ୍କାର କୁରୈଶ୍‌ମାନେ ଅତି ସାବଧାନତାର ସହିତ ଓ ସତର୍କତାର ସହିତ ଉକ୍ତ ମାର୍ଗକୁ ଅବଲମ୍ବନ କଲେ ଯାହାର ଚର୍ଚ୍ଚା ଉପରେ ହୋଇ ସାରିଛି । ସେମାନଙ୍କର ଏହି ପ୍ରଚେଷ୍ଟା ରହିଥିଲା କି କୌଣସି ମତେ ମଦିନା ପର୍ଯ୍ୟନ୍ତ ଉକ୍ତ ଖବରଟି ନପହଞ୍ଚୁ । ଅନ୍ୟଥା ଆମର ସେହି ମାର୍ଗ ଦେଇ ଯିବା ଦୁଷ୍କର ହୋଇଯିବ। କିନ୍ତୁ ଅଲ୍ଲାଃତାଲାଙ୍କୁ ଅନ୍ୟ କିଛି ସ୍ୱୀକାର ଥିଲା । ମକ୍କାବାସୀଙ୍କ ଠାରୁ ଉକ୍ତ ସୂଚନା ଗୁପ୍ତ ହୋଇପାରୁ ନଥିଲା । ସୁତରାଂ ନୁଐମ୍ ବିନ୍ ମସ୍‌ଉଦ୍ ଅଶ୍‌ଜଇକୁ ଉକ୍ତ ଯୋଜନା ସଂପର୍କରେ ଜ୍ଞାତ ହୋଇଗଲା । ସେହି ଦିନମାନଙ୍କରେ ନୁଐମ୍‌କୁ କୌଣସି କାମରେ ମଦିନା ଯିବାକୁ ପଡ଼ିଲା । ନୁଐମ୍ ବିନ୍ ମସ୍‌ଉଦ୍ ବର୍ତ୍ତମାନ ବିଧର୍ମୀ ଓ ଅବିଶ୍ୱାସକାରୀ ବ୍ୟକ୍ତି ଥିଲା । ସେ ମଦିନାରେ ବନୁ ନୁଜୈର୍‌ର ଅଧିପତି କିନ୍ନା ବିନ୍ ଅବି ହୁକୈକ୍ ଘରେ ଅବସ୍ଥାନ ବା ଅଧିବାସ ଗ୍ରହଣ କଲା । କିନାନା ନୁଐମ୍‌କୁ ମଦ୍ୟପାନ କରାଇଲା । ସୁଲୈତ୍ ବିନ୍ ନୁମାନ ବିନ୍ ଅସ୍‌ଲମ୍ ନାମକ ଜଣେ ସାହାବି ବନୁ ନୁଜୈର୍ ସଂପ୍ରଦାୟ ଘରେ ଅନେକ ସମୟରେ ଯିବା ଆସିବା କରୁଥିଲେ । ସେହି ସମୟରେ ସୁଲୈତ୍ ସେଠାରେ ଆସିଗଲେ ଯେଉଁଠି କିନାନା ବିନ୍ ଅବି ହୁକୈକ୍ ଓ ନୁଐମ୍ ମଜ୍‌ଲିସ୍ (ସଭା) ସଜାଇ ବସିଥିଲେ । ନୁଐମ୍ ମଦ୍ୟ ନିଶାରେ ବୁଡ଼ିଯାଇଥିଲା। ତେଣୁ ସେ ନିଜ ଉପରେ ନିୟନ୍ତ୍ରଣ ରଖି ନପାରି ନିଶାସକ୍ତ ଅବସ୍ଥାରେ ହିଁ ସମସ୍ତ ରହସ୍ୟକୁ ଉନ୍ମୋଚିତ କରିଦେଲା । ସେ ସଫ୍‌ୱାନ ବିନ୍ ଉମୈୟାହ୍‌ର ତତ୍ତ୍ୱାବଧାନରେ ଇରାକ୍ ମାର୍ଗ ଦେଇ ସିରୀୟା ଅଭିମୁଖେ ଯାଉଥିବା ବାଣିଜ୍ୟିକ ଯାତ୍ରୀସମୂହ ସଂକ୍ରନ୍ତରେ ସବୁକିଛି କହିଦେଲା । ସୁଲୈତ୍ ବିନ୍ ନୁମାନ୍ ଉକ୍ତ କଥା ଶୁଣି ବାହାରକୁ ଆସିଲେ ଓ ଆଁହଜରତ ସ.ଅଙ୍କୁ ଯାଇ ସମସ୍ତ ବୃତ୍ତାନ୍ତ କହିଦେଲେ । ରସୁଲୁଲ୍ଲାଃ ସ.ଅ ଉକ୍ତ ସୂଚନା ପାଇବା ମାତ୍ରେ ତୁରନ୍ତ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ଏକ ଶତ (100) ଜଣ ଅଶ୍ୱାରୋହୀ ପ୍ରେରଣ କରିଦେଲେ । ସେହି ଅଶ୍ୱାରୋହୀଙ୍କ ସେନାପତିତ୍ୱର ଦାୟିତ୍ୱ ହ. ଜୈଦ୍ ବିନ୍ ହାରିସାଙ୍କ ଉପରେ ନ୍ୟସ୍ତ କଲେ ।

ହ. ଜୈଦ୍ ବିନ୍ ହାରିସାଙ୍କ ନିମନ୍ତେ ଏହା ସର୍ବ ପ୍ରଥମ ସୁଯୋଗ ଥିଲା ଯେତେବେଳେ ତାଙ୍କୁ କୌଣସି ଇସ୍‌ଲାମୀୟ ସୈନ୍ୟବାହିନୀର ସେନାପତିତ୍ୱ ପଦର ନିଯୁକ୍ତ କରାଗଲା ସେ ସେହି ଅଭିଯାନରେ ସାଫଲ୍ୟମଣ୍ଡିତ ହେଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ହ. ଜୈଦ୍ ବିନ୍ ହାରିସାଙ୍କୁ ଅଶ୍ୱାରୋହୀଙ୍କ ସହିତ ପ୍ରେରଣ କଲେ। ହ. ଜୈଦ୍ ବିନ୍ ହାରିସା ସେମାନଙ୍କ ଅଭିମୁଖେ ବାହାରିଲେ ଓ ଯାତ୍ରୀସମୂହକୁ ଯାଇ ଧରି ପକାଇଲେ । ଯାତ୍ରୀ ସମୂହ ମଧ୍ୟରୁ ଅଧିପତି ଜଙ୍ଗଲ ଆଡ଼କୁ ପଳାୟନ କଲେ । ସାହାବାମାନେ ଗୋଟିଏ ଦୁଇ ଜଣ ଲୋକଙ୍କୁ ବନ୍ଦୀ କଲେ ଓ ଯାତ୍ରୀ ସମୂହର ସମସ୍ତ ଧନକୁ ନେଇ ନବୀ କରୀମ୍ ସ.ଅଙ୍କ ପାଖକୁ ଆସିଗଲେ । ଆପଣ ସ.ଅ ସେହି ମାଲି ଗନିମତ୍‌ର ପାଞ୍ଚ ଭାଗ କଲେ ଓ ପଞ୍ଚମାଂଶ ଧନ ସେତେବେଳେ 20,000 ଦିରହମ୍ ମୂଲ୍ୟ ସହିତ ତୁଲ୍ୟ ଥିଲା । ଅନ୍ୟ ଧନ ଆପଣ ସ.ଅ ସରିୟାରେ ସାମିଲ୍ ହୋଇଥିବା ସୈନ୍ୟମାନଙ୍କ ମଧ୍ୟରେ ବାଣ୍ଟିଦେଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-395-398, ମକତବା ଦାରୁଲ୍ ମାଆରିଫ, ଲାହୋର) (କିତାବୁଲ୍ ମୁଗାଜ୍ ଲିଲ୍ ୱାକିଦି, ଭାଗ-1, ପୃ-198, ମକତବା, ଆଲିମୁଲ୍ କୁତୁବ୍) (ଜାବନୀ ଶବ୍ଦକୋଷ, ପୃ-233, ଜୱାରା ଏକାଡ଼େମୀ, କରାଚୀ-2003 ମସିହା)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଜୈଦ୍ ର.ଅ ଅତ୍ୟନ୍ତ ଦ୍ରୁତ ଗତିରେ ମାର୍ଗ ଅତିକ୍ରମ କଲେ ଓ ବର୍ତ୍ତମାନ କୁରୈଶ୍‌ର ଯାତ୍ରୀସମୂହ ସଂପୂର୍ଣ୍ଣ ରୂପେ ଅବଚେତନ ଅବସ୍ଥାରେ କର୍‌ଦାହ୍ ନାମର ଏକ ଝରଣା ପାଖରେ ଶିବିର ପକାଇବା ପାଇଁ ଯାଉଥିଲା କି ତା'କୁ ହ. ଜୈଦ୍ ଧରି ପକାଇଲେ ଓ ହଠାରତ୍ ଯଲ୍‌ଗାର୍‌ର ସଂପୂର୍ଣ୍ଣ ଯାତ୍ରୀସମୂହ ଉପରେ କବ୍‌ଜା କରିନେଲେ (ଅଧିକାର କଲେ) । ସଫ୍‌ୱାନ୍ ବିନ୍ ଉମୈୟାହ୍ ଓ ଅନ୍ୟାନ୍ୟ ଲୋକମାନଙ୍କୁ ପଳାୟନ କରିବା ଛଡ଼ା ଅନ୍ୟ କୌଣସି ଉପାୟ ଦୃଶ୍ୟମାନ ହେଲା ନାହିଁ । ଯାତ୍ରୀସମୂହର ମାର୍ଗଦର୍ଶନ ବୋଲାଉଥିବା ଫୁରାତ୍ ବିନ୍ ହୟ୍ୟାନକୁ ଓ ଅତିରିକ୍ତ ଦୁଇ ଜଣ ବ୍ୟକ୍ତିଙ୍କୁ ମୁସଲମାନମାନେ ଗିରଫ କରିନେଲେ । ବାସନ କୁସନ ଏବଂ ରୂପାର ବିପୁଳ ପରିମାଣର ଅଳଂକାର ଯାହା ଯାତ୍ରୀ ସମୂହ ପାଖରେ ରହିଥିଲା ଓ ଯାହାର ମୂଲ୍ୟ ପ୍ରାୟ ଏକ ଲକ୍ଷ ଦିରହମ ଥିଲା ତାହା ମାଲେ ଗନିମତ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଆକରରେ ହାତ ମୁଠାକୁ ଆସିଲା । ରସୁଲୁଲ୍ଲାଃ ସ.ଅ ପଞ୍ଚମାଂଶ ବାହାର କରି ମାଲେ ଗନିମତ୍ ସୈନ୍ୟବାହିନୀ ମଧ୍ୟରେ ବାଣ୍ଟି ଦେଲେ । କୁରେଶର ମାର୍ଗଦର୍ଶକ ଫୁରାତ୍ ବିନ୍ ହୟ୍ୟାନ୍ ନବୀ କରୀମ୍ ସ.ଅଙ୍କ ପବିତ୍ର ହସ୍ତ ଉପରେ ଇସଲାମ୍ ଧର୍ମ ସ୍ୱୀକାର କରିନେଲା ।

**(ଅର୍ ରହିକୁଲ୍ ମଖ୍ତୁମ୍, ଅନୁବାଦକ, ପୃ-337, ମକତବା ସଲ୍‌ଫିୟାହ)**

ଏହି ଯେଉଁ ଯାତ୍ରୀ ସମୂହମାନେ ରହିଥିଲେ ସେମାନଙ୍କୁ ରୋକିବାର ଆବଶ୍ୟକତା ଏଇଥିପାଇଁ ପଡ଼ିଲା କି ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଯୁଦ୍ଧ ସରଞ୍ଜାମ ଏକତ୍ରିତ କରୁଥିଲେ । ଆଜି କାଲିକା ଯୁଗରେ ଯେଉଭଳି Sanctions ପ୍ରୟୋଗ କରାଯାଏ ତାହା ଏହିପରି ଦଫାର ଏକ କିସମ ଥିଲା। ଏମାନେ କେବଳ ନିଜର ଲକ୍ଷ୍ୟ ହାସଲ କରିବା ନିମନ୍ତେ କାମ କରୁଥିଲେ ତାହା ନୁହଁ ବରଂ କେତେକ ସ୍ଥାନରେ ଭୁଲ୍ ଧରଣର କିସମର ପ୍ରୟୋଗ କରୁଥିଲେ । ଉଦାହରଣ ସ୍ୱରୂପ ଆମେରିକା ୟୁଗାଣ୍ଡା ଉପରେ Sanctions (କଟକଣା/ପ୍ରତିବନ୍ଧକ) ଏଇଥିପାଇଁ ଲଗାଇଦେଲେ ଯେ, ସେମାନେ ସଂସଦରେ LGBT ବିରୁଦ୍ଧରେ ନିୟମ ପାରିତ କରିଛନ୍ତି । ଅର୍ଥାତ୍ ନାମ ନେଉ ନାହାନ୍ତି କିନ୍ତୁ ପ୍ରକୃତରେ ଏହା ହିଁ ଭିତରି କଥା ରହିଛି । ହୁଜୁର ଅନୱର୍ ଅ.ବ କହିଲେ, ତେବେ ସେହି ଲୋକମାନଙ୍କର ଯଦି ଏହି ଅବସ୍ଥା ରହିଛି ତେବେ ସେମାନେ ଇସଲାମ୍ ଧର୍ମ ଉପରେ ପୁଣି ଆପତ୍ତି କରିବାର କିଛି ଯଥାର୍ଥତା ନାହିଁ । ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଖୁତ୍‌ବାର ଅବଶିଷ୍ଟାଂଶ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ପାଲେଷ୍ଟାଇନ୍‌ର ଅତ୍ୟାଚାରିତମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ପୁନଃ କହୁଛି । ବର୍ତ୍ତମାନ ଅନ୍ତତଃ ଏତିକି ତ' ହୋଇଛି ଯେ, କେତେକ ଅଣ ମୁସଲମାନ ଓ କେତେକ ରୈଜନୈତିକ ନେତୃବନ୍ଦମାନେ ଡ଼ରି ଡ଼ରି କିଛି ନା କିଛିଟା ଉକ୍ତ ଅତ୍ୟାଚାର ବିରୁଦ୍ଧରେ କହିବାକୁ ସାହସ କରିଛନ୍ତି । ବରଂ କେତେକ ଇହୁଦୀମାନେ ମଧ୍ୟ ଉକ୍ତ କାର୍ଯ୍ୟାନୁଷ୍ଠାନ ପ୍ରତି ଅତିଷ୍ଠତା ପ୍ରକାଶ କରିଛନ୍ତି ଏବଂ ଇସ୍ରାଇଲୀୟ ସରକାରଙ୍କୁ କହିଛନ୍ତି ଯେ, ଆମେମାନଙ୍କୁ କାହିଁକି ବଦନାମ କରୁଛନ୍ତି । ସେ ଯାହା ହେଉ ଛୋଟ ଛୋଟ ଛୋଟ ସ୍ୱର କେଉଁଠି ନା କେଉଁଠି ଅଣମୁସଲମାନମାନଙ୍କ ମଧ୍ୟରେ ବି ଉଠିବାକୁ ଲାଗିଲାଣି। ବର୍ତ୍ତମାନ ଏହା କହୁଛନ୍ତି ଯେ, 4 ଘଣ୍ଟା ପାଇଁ ଯୁଦ୍ଧ ବିରତି କରନ୍ତୁ । ଏହାକୁ ସେମାନେ Psuseରେ ଆଖ୍ୟା ପ୍ରଦାନ କରିଛନ୍ତି । କାରଣ ପାଲେଷ୍ଟାଇନ୍‌ମାନଙ୍କ ପର୍ଯ୍ୟନ୍ତ ସାହାଯ୍ୟ ଯେପରି ପହଞ୍ଚି ପାରୁ । ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ଏହାକୁ କେତେଦୂର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ଓ ଅବଶିଷ୍ଟ 24 ଘଣ୍ଟାର ସମୟ ରହିଛି। ସେହି ସମୟ ମଧ୍ୟରେ ସେମାନେ ପାଲେଷ୍ଟାଇନବାସୀଙ୍କ ଉପେରେ କେତେ ଅତ୍ୟାଚାର କରିବେ ତାହା ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ଇସ୍ରାଇଲ୍ କେତେ ବୋମା ବର୍ଷଣ କରିବ । ଅନେକ ସମୟରେ ବଡ଼ ବଡ଼ ରାଷ୍ଟ୍ରମାନେ, ରାଜନେତାମାନେ ପାଲେଷ୍ଟାଇନ୍‌ବାସୀଙ୍କର ଜୀବନକୁ କୌଣସି ଗୁରୁତ୍ୱ ଦେଉ ନାହାନ୍ତି । ତହିଁରେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ରହିଛି । କିନ୍ତୁ ସେ ଯାହା ହେଉ ସେହି ଲୋକମାନଙ୍କୁ ମଧ୍ୟ ଏହା ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲା ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସେମାନଙ୍କୁ ଢିଲା ଦେଇଛନ୍ତି ଏବଂ ସଂସାର କହିଲେ କେବଳ ଇହ ଜଗତକୁ ବୁଝାଏ ନାହିଁ ବରଂ ଏହା ପରବର୍ତ୍ତୀ ଜଗତ ମଧ୍ୟ ରହିଛି ।

ସେମାନେ ଏହା ମନେକରୁଛନ୍ତି ଯେ, ଏହି ସଂସାରରେ ସେମାନେ ଲାଭବାନ ହୋଇଯିବେ ତେବେ ସବୁ କିଛି ପ୍ରାପ୍ତ ହୋଇଯିବ । ଇହଧାମରେ ମଧ୍ୟ ଧରପକଡ଼ ହୋଇପାରିବ ଏବଂ ପରବର୍ତ୍ତୀ ଧାମରେ ମଧ୍ୟ ଧରପକଡ଼ ହେବ । ସେ ଯାହା ହେଉ ଆମମାନଙ୍କୁ ମଧ୍ୟ ଦୁଆ କରିବା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ଅଲ୍ଲାଃତାଲା ଅତ୍ୟାଚାରିତ ପାଲେଷ୍ଟାଇନ୍‌ବାସୀଙ୍କୁ ନ୍ୟାୟ ପ୍ରଦାନ କିର ସେମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରରୁ ମୁକ୍ତି ପ୍ରଦାନ କରନ୍ତୁ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ପାଠ କରାଇବି । **ସର୍ବ ପ୍ରଥମ ଯନାଜାଃ** ହେଉଛି ହମିଦୁର୍ ରହମାନ୍ ଖାନ୍ ସାହେବଙ୍କ ପତ୍ନି ସ୍ୱର୍ଗତା ଶ୍ରୀମତି ମନସୁରାହ୍ ବାସ୍ମା ସାହେବାଙ୍କର । ବିଗତ ଦିନରେ ତାଙ୍କର ପରଲୋକ ହୋଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତା ମନ୍‌ସୁରା ବେଗମ୍ ସାହେବା ନୱାବ୍ ଅବ୍‌ଦୁଲ୍ଲାଃ ଖାନ୍ ସାହେବ ଓ ହ. ସାହିବଜାଦି ଅମତୁଲ୍ ହଫିଜ୍ ବେଗମ୍ ସାହେବାଙ୍କର ପୌତ୍ରୀ ଥିଲେ । ହ. ସାହେବ୍‌ଜାଦା ମିର୍ଜା ସରିଫ୍ ଅହେମଦ ସାହେବ ଓ ହ. ବୋର୍ଜିନବ ବେମଗ୍ ସାହେବାଙ୍କ ନାତୁଣୀ ଥିଲେ । ମିଆଁ ଅବ୍‌ବାସ୍ ଅହେମଦ ଖାନ୍ ସାହେବ ଓ ଅମତୁଲ୍ ବାରି ବେଗମ୍ ସାହେବାଙ୍କର ସୁପୁତ୍ରୀ ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କାରୀଣୀ ମହିଳାଟିଏ ଥିଲେ । ଉତ୍ତମ ସ୍ୱଭାବର ମହିଳାଟିଏ ଥିଲେ।

ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ତାଙ୍କ ନିକାହର ଯେତେବେଳେ ଘୋଷଣା କଲେ ସେତେବେଳେ ଆପଣ ଯେଉଁ ଖୁତ୍‌ବା ଦେଲେ ତହିଁରେ କେତେକ ଉପଦେଶାବଳୀ ମଧ୍ୟ ରହିଥିଲା । ଅତଏବ୍ ମୁଁ (ହୁଜୁର ଅନ୍‌ୱର୍ ଅ.ବ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ) ଖୁତ୍‌ବାର କେତେକାଂଶ ଏଠାରେ ମଧ୍ୟ ଶୁଣାଇ ଦେଉଛି (ବର୍ଣ୍ଣନା କରି ଦେଉଛି) ହ. ଖଲିଫା ସାଲିସ୍ ର.ଅ କହିଲେ, ନିକାହ୍ ସହିତ କନ୍ୟା ଓ ବର ଉପରେ ଏପରି ନୂତନ ଦାୟିତ୍ୱ ନ୍ୟସ୍ତ ହୋଇଥାଏ ଯାହା ଏହା ପୂର୍ବରୁ ଲାଗୁ ହୋଇ ନଥିଲା । **ପ୍ରଥମ** ସ୍ୱାମୀ ସ୍ତ୍ରୀର ପାରସ୍ପାରିକ ଦାୟିତ୍ୱ ରହିଛି ଅର୍ଥାତ୍ ସ୍ୱାମୀର ସ୍ତ୍ରୀ ଉପରେ ଓ ସ୍ତ୍ରୀର ସ୍ୱାମୀ ଉପରେ ଏବଂ ଉଭୟେ ମିଶି କେତେକ ଦାୟିତ୍ୱକୁ ସମ୍ପାଦନ କରିବେ ଯାହାର ସଂପର୍କ ସେମାନଙ୍କ ସନ୍ତାନ ସନ୍ତତିଙ୍କ ସହିତ ହୋଇଥାଏ। ଯେଉଁଠି ସନ୍ତାନର ପ୍ରଶ୍ନ ରହିଛି କେତେକ ଦାୟିତ୍ୱାବଳୀ ବିଭକ୍ତିକୃତ ହୋଇଛି । ମାତା ନିଜର ଶିଶୁକୁ ସ୍ତନ୍ୟପାନ କରାଇ ଥାଏ ପିତା ସ୍ତନ୍ୟପାନ କରାଇ ନଥାଏ । ପିତା ଘର ବାହାରେ ପିଲାର ଯତ୍ନ ନେଇଥାଏ । କାରଣ ସନ୍ତାନ ମଧ୍ୟରେ କୌଣସି ବ୍ୟର୍ଥ ଭ୍ରମଣ ହୋଇ କୁଚରିତ୍ର ଗୁଣ ସୃଷ୍ଟି ନହେଉ । ମା' ର ଏହି କର୍ତ୍ତବ୍ୟ ରହିଛି ସେ ଘରର କାନ୍ଥ ମଧ୍ୟରେ ରହି ସନ୍ତାନ ସହିତ ସଂପର୍କ ରଖିଥାଏ ଏବଂ ସେମାନଙ୍କୁ ଉଚିତ୍ ସଂସ୍କାର ପ୍ରଦାନ କରିଥାଏ । ସେ ଯାହା ହେଉ ଉଭୟେ ଯଦି ନିଜ ନିଜର ଦାୟିତ୍ୱ ଏବଂ ନିଜ ନିଜର କର୍ତ୍ତବ୍ୟକୁ ସଠିକ୍ ଭାବରେ ସମ୍ପାଦନ କରନ୍ତି ତେବେ ଅନେକ ପ୍ରକାରର ଅନିଷ୍ଟତା, ଦୁର୍ବଳତା ଠାରୁ ଆଜି ମଧ୍ୟ ଆମମାନଙ୍କର ସନ୍ତାନ ସନ୍ତତି ବର୍ତ୍ତି ପାରିବେ। ପୁନଶ୍ଚ ଆପଣ (ହ. ଖଲିଫା ସାଲିସ୍ ର.ଅ) କହିଲେ, ଆମେମାନେ ବିବାହ ପର୍ବ ଅବସରରେ ଯେଉଁ ଆୟତ୍ ପାଠ କରିଥାଉ ସେହି ପ୍ରକାରର ନୂତନ ଦାୟିତ୍ୱାବଳୀ ପ୍ରତି ଧ୍ୟାନ ଆକର୍ଷଣ କରି ଅଲ୍ଲାଃତାଲା କହିଲେ, କି ଏହା ଆବଶ୍ୟକ ଯେ, يٰۤاَيُّهَا النَّاسُ اتَّقُوْا رَبَّكُمُ **(ଅନ୍ ନିସା: 2)** ଏଠାରେ ଉକ୍ତ ଆୟତ୍‌ରେ اتَّقُوْا ର ଶବ୍ଦ ମଧ୍ୟ ରହିଛି ଏବଂ ଅନେକ contextରେ ଧର୍ମପରାୟଣତାର ଚର୍ଚ୍ଚା ରହିଛି context କିନ୍ତୁ ଉକ୍ତ ଆୟତଟି ଯାହାକୁ ନିକାହ୍ ଅବସରରେ ପାଠ କରାଯାଇଥାଏ ତାହା ଈଶ୍ୱରଙ୍କର ଧର୍ମପରାୟଣ ଅଟେ । ଈଶ୍ୱରଙ୍କ ଧର୍ମପରାୟଣତା କହିଲେ ଏହା ବୁଝାଏ ଯେ, ଅଲ୍ଲାଃତାଲା ଯେପରି ଭକ୍ତମାନଙ୍କର ଲାଳନ ପାଳନ କରିଥାଆନ୍ତି ତୁମେ ଦୁହେଁ ମଧ୍ୟ ଦୁହିଁଙ୍କର ଲାଳନ ପାଳନ କର । ସେହିପରି ତୁମ ଉପରେ ମଧ୍ୟ ଲାଳନ ପାଳନର କିଛି ନୂତନ ଦାୟିତ୍ୱ ନ୍ୟସ୍ତ ହେବାକୁ ଯାଉଛି ଏବଂ ସେହି ସ୍ଥିତିରେ ତୁମେମାନେ ତାହାକୁ ସମ୍ପାଦନ କରିପାରିବ ଯେତେବେଳେ ତୁମେମାନେ ପ୍ରକୃତ ପାଳନକର୍ତ୍ତା ଅର୍ଥାତ୍ ଅଲ୍ଲାଃତାଲାଙ୍କର ଧର୍ମପରାୟଣତା ମାର୍ଗ ଅବଲମ୍ବନ କରିବ । **ଦ୍ୱିତୀୟତଃ** ଉକ୍ତ ସଂପର୍କଟି ଅତ୍ୟନ୍ତ ସୂକ୍ଷ୍ମ ସଂପର୍କ ହୋଇଥାଏ । ଅନେକ ପ୍ରକାରର କୁଧାରଣା ଅସାବଧାନତା ଯୋଗୁଁ ସୃଷ୍ଟି ହୋଇଥାଏ ଏବଂ ତହିଁରୁ ବର୍ତ୍ତିବା ନିମନ୍ତେ ଆମମାନଙ୍କୁ ଆଦେଶ ଦିଆଯାଇଛି ଯେ, قُوْلُوْا قَوْلًا سَدِيْدًا **(ଅହଜାବ୍:71)** ଅର୍ଥାତ୍ କେବଳ ସତ୍ୟ ଦ୍ୱାରା ଏଠାରେ କାମ ଚଳିବ ନାହିଁ ବରଂ ଏପରି ବଚନ ଯହିଁରେ କୌଣସି ପ୍ରକାରର କୁଟୀଳତା ନଥିବ, ସଳଖତା ଥିବ ସେହି ମାର୍ଗକୁ ଯଦି ତୁମେମାନେ ଅବଲମ୍ବନ କରିବ ତେବେ ତୁମ ମଧ୍ୟରେ କୌଣସି misunderstanding (ଭୁଲ୍ ବୁଝାମଣା), କୌଣସି ଦ୍ୱେଷ ଓ ଘୃଣାଭାବ ସୃଷ୍ଟି ହେବ ନାହିଁ ।

**ତୃତୀୟତଃ** وَلْتَنْظُرْ نَفْسٌ مَّا قَدَّمَتْ لِغَدٍ **(ଅଲ୍ ହଶର୍:19)** ତୁମମାନଙ୍କର ଗୁରୁଜନମାନେ ତୁମ ଭବିଷ୍ୟ ପ୍ରତି ବିଚାର କରି ତୁମମାନଙ୍କର ସଂସ୍କାର କରିଛନ୍ତି ଓ ତୁମେମାନେ ନିଜ ଭବିଷ୍ୟ ପ୍ରତି ଚିନ୍ତିତ ହୋଇ ନିଜର ସନ୍ତାନମାନଙ୍କର ସଂସ୍କାର କରିବ । ଏ ଯେଉଁ ଭବିଷ୍ୟ ରହିଛି ତା'ର ସଂପର୍କ ସେହି ସଂସ୍କାର ସହିତ ରହିଛି ଯାହା ମାତାପିତା ସନ୍ତାନମାନଙ୍କର କରିଥାଆନ୍ତି । ପ୍ରତ୍ୟେକ ବଂଶଧରମାନଙ୍କର ଭିନ୍ନ ଭିନ୍ନ ଭବିଷ୍ୟ ରହିଛି । ଏହା ଗୋଟିଏ ପ୍ରକାରର ଭବିଷ୍ୟ ନୁହେଁ । ଏଥି ନିମନ୍ତେ ସଂସାର ଓ ସାଂସାରିକ ସମାଜ ସକ୍ରିୟ ରହିଥାଏ । ବର୍ତ୍ତମାନ ଯୁଗ ସଂପୂର୍ଣ୍ଣ ରୂପ ବଦଳି ଯାଇଛି। ଯାହା ହେବାର ଥିଲା ତାହାର ଓଲଟ ହୋଇଯାଇଛି । ସେହି ମହା ବିପ୍ଳବ ଯାହାର ସବୁବେଳେ ଶୁଭ ସମାଚାର ପ୍ରଦାନ କରାଯାଇଥିଲା ତା'ର ଲକ୍ଷଣ ଦିଗବଳୟରେ ଆମେମାନଙ୍କୁ ଦୃଶ୍ୟମାନ ହେଉଛି । ତେଣୁ ଆଜି ପିତା ଉପରେ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେହି ଦାୟିତ୍ୱଟି ଯାହାକି ଆମମାନଙ୍କର ଦାୟିତ୍ୱ ତଥା କର୍ତ୍ତବ୍ୟ ଥିଲା ତାହା ଠାରୁ ବି ଅଧିକ ସତର୍କତାର ସହିତ ବ୍ୟାପକ ଦାୟିତ୍ୱାବଳୀକୁ ଦୃଷ୍ଟିରେ ରଖି ନିଜର ସନ୍ତାନ ସନ୍ତତିଙ୍କର ଦାୟିତ୍ୱ ବହନ କରିବାର ଆବଶ୍ୟକତା ରହିଛି । କାରଣ ଅହେମଦିୟତ୍‌ର ସଂସ୍କାର ଓ ସେହି ସଂସ୍କାର ଯାହାର ସଂପର୍କ ସମଗ୍ର ସଂସାର ସହିତ ସଂଶ୍ଳିଷ୍ଟ ରହିଛି ତାହାର ବୋଝ ଆଗାମୀ ବଂଶଧରଙ୍କ ଉପରେ ପଡ଼ିବ, ତେବେ ଆଗାମୀ ବଂଶଧରମାନଙ୍କୁ ଉକ୍ତ ବୋଝ ଏବଂ ଦାୟିତ୍ୱକୁ ବହନ କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ହେବ । ଆପଣ (ଖଲିଫା ସାଲିସ୍) ର.ଅ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ସେହି ପ୍ରସଙ୍ଗକୁ ବୁଝିବା ନିମନ୍ତେ ଓ ତାହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ଆପଣ ର.ଅ ପୁନଶ୍ଚ କହିଲେ, ଯେଉଁ ପକ୍ଷର ମୁଁ ନିକାହ୍ ପାଠ କରିବା ନିମନ୍ତେ ଛିଡ଼ା ହୋଇଛି ତାହା ହେଉଛି ଜଣେ କନ୍ୟାର । ସେହି କନ୍ୟା ଆପଣଙ୍କର ଛୋଟ ଫୁପା (ପିଉସା) ନୱାବ୍ ଅବ୍‌ଦୁଲ୍ଲାଃ ଖାନ୍‌ଙ୍କର ପୌତ୍ରୀ ଓ ଫୁପି (ପିଉସୀ) ଅମତୁଲ୍ ହଫିଜ୍ ବେଗମ୍ ସାହେବାଙ୍କର ପୌତ୍ରି ଅଟନ୍ତି । ଆପଣ ର.ଅ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଚତୁର୍ଥ ପିଢୀ ଆରମ୍ଭ ହୋଇଯାଇଛି । ହ. ମିର୍ଜା ଶରୀଫ୍ ଅହେମଦ ସାହେବଙ୍କ ଉକ୍ତ କନ୍ୟା ନାତୁଣୀ ହେବ । ଏହି ଦ୍ୱିତୀୟ ମାର୍ଗ ଦ୍ୱାରା ତ' ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଉକ୍ତ କନ୍ୟାର ସଂପର୍କ ରହିଛି । ତେଣୁ ଦାୟିତ୍ୱ ଦ୍ୱିଗୁଣିତ

ହୋଇଯାଇଛି । ଯଦି ଦାୟିତ୍ୱ ଦୁଇ ଗୁଣା ରହିଛି, ତେବେ ଆମମାନଙ୍କ ନିମନ୍ତେ ଉକ୍ତ ଶୁଭ ସୂଚନା ମଧ୍ୟ ଦ୍ୱିଗୁଣିତ ଅଟେ । ଅପରପକ୍ଷେ ସତର୍କତା ଏବଂ ଚେତାବନୀ ମଧ୍ୟ ଦ୍ୱିଗୁଣିତ ଅଟେ । ଏତଦ୍ ପରେ ଆପଣ ର.ଅ ବଂଶର ଆବାଳା ବୃଦ୍ଧ ବନୀତାଙ୍କୁ ପୁନଶ୍ଚ ବୁଝାଇଲେ ଏବଂ କହିଲେ, ସେମାନଙ୍କୁ ନିଜ ନିଜର ଦାୟିତ୍ୱବଳୀକୁ ହୃଦୟଙ୍ଗମ କରିବା ଉଚିତ୍ । କାରଣ ଯଦି ଦୁଇଗୁଣା ଦାୟିତ୍ୱାବଳୀ ସମ୍ପାଦନ ଆପଣ କରିବେ ନାହିଁ ତେବେ ଦୁଇଗୁଣା ଚେତାବନୀକୁ ମଧ୍ୟ ଅବଲୋକନ (ସମ୍ମୁଖୀନ) କରିବାକୁ ପଡ଼ିବ । ଅଲ୍ଲାଃତାଲା କରନ୍ତୁ କି ବଂଶର ଆବାଳ ବୃଦ୍ଧ ବନୀତା ନିଜ ନିଜର ଦାୟିତ୍ୱାବଳୀକୁ ହୃଦୟଙ୍ଗମକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । **ଆମିନ୍** ।

ଆପଣ ର.ଅ ପୁନଶ୍ଚ କହିଲେ, ମୁଁ ଏପରି ଏକ ପକ୍ଷଙ୍କର ନିକାହର ଘୋଷଣା କରୁଛି ଯହିଁରେ ବର ଓ କନ୍ୟାର ସଂପର୍କ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ରହିଛି, ସଂପର୍କ ଦୃଷ୍ଟିରୁ ମୋ ମନରେ ଚିନ୍ତା ସୃଷ୍ଟି ହୋଇଥାଏ ଏବଂ ଦୁଆ କରିବା ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ ଯେ, ଅଲ୍ଲାଃତାଲା ସେହି ବର କନ୍ୟାଙ୍କୁ ସେହି ସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ସେମାନେ ସେବକ ଦୃଷ୍ଟିରୁ ଅନ୍ୟମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟନ୍ତି ଏବଂ ସେମାନେ ଅଧିକ ବଡ଼ ସେବକ ହୋଇ ସଂସାରରେ ନିଜର ଜୀବନ ଅତିବାହିତ କରିବା ଉଚିତ୍ । **(ଖୁତ୍‌ବାତେ ନାସିର୍, ଭାଗ-2,ପୃ-710-713, ଖୁତବା ନିକାହ୍, ଅକ୍ଟୋବର ମସା 5 ତାରିଖ 1981 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହେ ହେଉ ଏହି ଉପଦେଶପୂର୍ଣ୍ଣ ଶବ୍ଦାବଳୀ ରହିଥିଲା ତେଣୁ ଏଠାରେ ମୁଁ ଏହାକୁ ବର୍ଣ୍ଣନା କରି ଦେଇଛି । ସ୍ୱର୍ଗତା ବସ୍ପା ମନ୍‌ସୁରାହଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ ତାଙ୍କର ସୁପୁତ୍ରୀ ଆୟୁଷ୍ମତି ରାବିଆ ସାହେବା ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ଆବାଲ୍ୟ କାଳରୁ ହିଁ ଅଲ୍ଲାଃ ମିଆଁଙ୍କ ସହିତ ଆମର ପରିଚୟ କରାଇଥିଲେ । ନିଜର ଭାଗ୍ୟ ଉଜ୍ଜ୍ୱଳ ହେବା ନିମନ୍ତେ ଅଧିକ ଗୁରୁତ୍ୱ ଦେବା ପାଇଁ ଦୁଆ ଉପରେ ଜୋର ଦେବା ପାଇଁ କହୁଥିଲେ । ଅନେକ ସମୟରେ କହୁଥିଲେ ଯେ, ହେ ମୋର ସନ୍ତାନମାନେ ! ତୁମେମାନେ ଦୁଆ କର କି ଅଲ୍ଲାଃତାଲା ଭଲ ଲୋକଙ୍କ ସହିତ ତୁମେ ସମ୍ମୁଖୀନ ହୁଅ, ଭଲ ଲୋକଙ୍କ ସହିତ ତୁମର ସଂପର୍କ ଗଢ଼ି ଉଠୁ ଓ ପୁନଶ୍ଚ ଆମମାନେ ବଡ଼ ହୋଇ ଉକ୍ତ ଦୁଆର ଅର୍ଥ ବୁଝିଲୁ । ପିଲାବେଳେ ତ' ବୁଝି ପାରିଲୁ ନାହିଁ, କିନ୍ତୁ ବଡ଼ ହୋଇ ଏହାର ଅର୍ଥ ବୁଝିଲୁ। ରାବିଆ ସାହେବା କୁହନ୍ତି ମାତାଶ୍ରୀ ଲୋକମାନଙ୍କୁ ବହୁତ ଭଲ ପାଉଥିଲେ। ଆତ୍ମ ବଳିଦାନ ଦେଇ ଲୋକମାନଙ୍କର ଯତ୍ନ ନେଉଥିଲେ । ଏହା ହିଁ ବସ୍ତବତା ଅଟେ । ପ୍ରକାଶ୍ୟରେ ଲୋକମାନଙ୍କୁ ଏହା ପ୍ରତିତ ହେଉଥିଲା ଯେ, ମାତାଶ୍ରୀ କେବଳ ନିଜ ଉପରେ ବ୍ୟୟକାରୀଣୀ ମହିଳା ଅଟନ୍ତି । କିନ୍ତୁ ଏପରି ନୁହେଁ । ଏହା ସତ୍ୟ ନୁହେଁ। ସେ ସ୍ୱୟଂ ବଳିଦାନ ଦେଉଥିଲେ ଓ ଅନ୍ୟମାନଙ୍କର ଯତ୍ନ ମଧ୍ୟ ନେଉଥିଲେ । ଉଦାହରଣ ସ୍ୱରୂପ ଜଲ୍‌ସା ସଲାନା ଲଣ୍ଡନକୁ ମଧ୍ୟ ଯେତେବେଳେ ସେ ଆସୁଥିଲେ ସେତେବେଳେ ସେ ଅଭାବି ଓ ଦରିଦ୍ରମାନଙ୍କ ନିମନ୍ତେ ଉପହାର ନେଇ ଯାଉଥିଲେ ।

ନିଜ ପାଇଁ କିଛି ନେଉ ନଥିଲେ । ମତାଶ୍ରୀ ଜଣେ କନ୍ୟାକୁ ମଧ୍ୟ ପାଳିଥିଲେ ଏବଂ ସେହି ଝିଅକୁ ମାତାଶ୍ରୀ ଉତ୍ତମ ସଂସ୍କାର ମଧ୍ୟ ପ୍ରଦାନ କରିଥିଲେ ଓ ପୁନଶ୍ଚ ତା'ର ବିବାହ ମଧ୍ୟ କରାଇଥିଲେ । ଏତଦ୍‌ଭିନ୍ନ ଅନେକ ଝିଅମାନଙ୍କର ବିବାହ ମଧ୍ୟ କରିଥିଲେ । ଯଦ୍ଦ୍ୱାରାକି ସେହି ଝିଅମାନେ ଆମ ଘରକୁ ଯିବା ଆସିବା କରୁଥିଲେ । ମାତାଶ୍ରୀ ପଡ଼ୋଶୀମାନଙ୍କୁ ମଧ୍ୟ ଖାଇବା ପିଇବା ପ୍ରେରଣ କରୁଥିଲେ । କହିବାକୁ ଗଲେ ଗୋଟିଏ ଲଙ୍ଗର ଖାନା ଚାଲିଥିଲା ଆଣ ଘରେ । ଏପର୍ଯ୍ୟନ୍ତକି ବାହାର ରାସ୍ତାରେ କାମ କରୁଥିବା ଜଣେ ସଫେଇ କର୍ମୀ ମଧ୍ୟ ଖାଇବା ସମୟରେ ମାତାଶ୍ରୀଙ୍କ ପାଖକୁ ଖାଇବା ପାଇଁ ଆସୁଥିଲା ଏବଂ ଆହାର ଖାଉଥିଲା । ଅନେକ ଲୋକମାନଙ୍କୁ ମାତାଶ୍ରୀ ଓଜିଫା (ଭତ୍ତା) ଧାର୍ଯ୍ୟ କରିଥିଲେ । ମାତାଶ୍ରୀଙ୍କୁ ଯଦି କୁହାଯାଉଥିଲା କି ସେ ନିଜ ପାଇଁ କିଛି ଧନ ସଞ୍ଚୟ କରନ୍ତୁ ତେବେ ସେପରିପ୍ରାକ୍ଷୀରେ ମାତାଶ୍ରୀ କହୁଥିଲେ ଯେ, ମୁଁ କାଲି ସଂପର୍କରେ କିଛି ବି ଭାବି ନାହିଁ । ଅଲ୍ଲାଃତାଲା ମୋର ଆର୍ଥିକ ଅବଶ୍ୟକତାର ସ୍ୱୟଂ ମାଲିକ ଅଟନ୍ତି । ୱାକ୍‌ଫେ ଜିନ୍ଦିଗୀମାନ (ଉତ୍ସର୍ଗୀକୃତ ଜୀବନ)ଙ୍କୁ ମାତାଶ୍ରୀ ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କର ଯତ୍ନ ନେଉଥିଲେ । ନିକଟ ସଂପର୍କୀୟ ଯେଉଁ ଉତ୍ସର୍ଗୀକୃତ ଜୀବନ ଅଟନ୍ତି ସେମାନଙ୍କ ସହିତ ସଂପର୍କ ରଖୁଥିଲେ, ସେମାନଙ୍କୁ ନିମନ୍ତ୍ରଣ ଦେଉଥିଲେ ଏବଂ ଆମମାନଙ୍କୁ ମଧ୍ୟ କହୁଥିଲେ ଯେ, ଉତ୍ସର୍ଗୀକୃତ ଜୀବନ ମାନେ ତ' ବଳିଦାନ ଦେଇ ଥାଆନ୍ତି ତେଣୁ ସେମାନଙ୍କର ଧ୍ୟାନ ରଖିବା ଉଚିତ୍ । ପ୍ରତ୍ୟେକ ସଂପର୍କକୁ ଅତ୍ୟନ୍ତ ସୁନ୍ଦର ଭାବରେ ସମ୍ପାଦନ କରିଥିଲେ । ସବୁବେଳେ ଏହା କହୁଥିଲେ ଯେ, ମୁଁ ଏଥି ପାଇଁ ଆଦୌ ଭୃକ୍ଷେପ କରୁ ନାହିଁ ଯେ ମୋ ସହିତ କିଏ କିପରି ବ୍ୟବହାର ପ୍ରଦର୍ଶନ କରିବ ବା ମୋ ସହିତ କେଉଁ ବ୍ୟବହାର ପ୍ରଦର୍ଶନ କଲା । ମୁଁ ତ' ଯେତେବେଳେ ବି ହେଲା ଯଦି କୌଣସି ଦୋଷ ତ୍ରୁଟି କରୁଥିଲି, ମୋ ଦ୍ୱାରା ଯଦି କୋଣସି କଠୋରତା ସମ୍ପାଦନ ହୋଇଯାଉଥିଲା ତେବେ ସେପରିପ୍ରେକ୍ଷୀରେ ମୁଁ କ୍ଷମା ମାଗିବାରେ ଆଗ ଉଦ୍ୟମ କରୁଥିଲି । ଚାକରମାନଙ୍କୁ ମଧ୍ୟ ଯଦି ପାଟି କରୁଥିଲେ ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ମଧ୍ୟ କ୍ଷମା ମାଗି ନେଉଥିଲେ ଏବଂ ସେମାନଙ୍କୁ ପୁରସ୍କାର ମଧ୍ୟ ଦେଉଥିଲେ ।

ତାଙ୍କର ଭ୍ରାଇଁ ମିର୍ଜା ତକିଉଦ୍ଦୀନ୍ ସାହେବ କୁହନ୍ତି: "ଖୁବ୍ ଛୋଟ ବୟସରେ ଶାଶୁମା ଓସିୟତ୍ ମଧ୍ୟ କରିଥିଲେ । ଓସିୟତ୍ ଫର୍ମ ଦେଖି ପ୍ରଥମେ ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଥିଲି ଯେ, ପ୍ରାୟ 14 ବର୍ଷ ବୟସରେ ସେ ଓସିୟତ୍ କରି ଦେଇଥିଲେ। ଶାଶୁ ମା ପିଲା ବେଳର ସ୍ୱପ୍ନ ଆମକୁ ଶୁଣାଇଥିଲେ । ସେ ସ୍ୱପ୍ନରେ ଦେଖିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ପାଦକୁ ଜୋରରେ ଜାବୁଡ଼ି ଧରି କାନ୍ଦୁଛି । ମୁଁ ଯେତେବେଳେ ନିଦରୁ ଉଠିଲି ସେତେବେଳେ ମୁଁ ଦେଖିଲି ଯେ, ମୁଁ ପ୍ରକୃତରେ କାନ୍ଦୁଥିଲି । ତେଣୁ ଏପର୍ଯ୍ୟନ୍ତ ମୋର ଯେତେ କାମସବୁ ଥିଲା ଅଲ୍ଲାଃତାଲା ସମସ୍ତ କାମ ପୂର୍ଣ୍ଣ କରି ଦିଅନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ରୁହୀ ଶାହ୍ ନାମକ ତାଙ୍କର ଜଣେ ଚିହ୍ନା ପରିଚୟ ମହିଳା ଅଟନ୍ତି । ସେ କୁହନ୍ତି ଯେ, ସ୍ୱର୍ଗତା ମନ୍‌ସୁରା ବେଗମ ସାହେବା ଯଦି ବନ୍ଧୁତା କରୁଥିଲେ ତେବେ ସେ ଏହାକୁ ଭଲ ଭାବରେ ବନ୍ଧୁତ୍ୱତା କରୁଥିଲେ। ଅତ୍ୟନ୍ତ କୃତଜ୍ଞତା ସ୍ୱଭାବର ଅଧିକାରୀଣୀ ଥିଲେ । ଅଲ୍ଲାଃତାଲାଙ୍କ ପ୍ରସନ୍ନତାରେ ସନ୍ତୁଷ୍ଟ ତାହାଙ୍କ ପୁରସ୍କାରର କୃତଜ୍ଞତା ଜ୍ଞାପନ କାରୀଣୀ, ଲୋକମାନଙ୍କ ଉପରେ ଉପକାର ଏବଂ ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ପୁନଶ୍ଚ କୃତଜ୍ଞତା ବହୁତ ଜ୍ଞାପନ କରୁଥିଲେ, ଏତେ ଅଧିକ ଯେ, ମଣିଷ ଲଜ୍ଜିତ ହୋଇଯାଉଥିଲା ।

ତାଙ୍କର ଭାଉଜ ତାହିରା ଫାରୁକ୍ ସାହେବା କୁହନ୍ତି ଯେ, ଭାଉଜଙ୍କ ବଦଳରେ ମୋତେ ବନ୍ଧୁ ଓ ଭଉଣୀ କରି ନେଇଥିଲେ । ନିଃସ୍ୱାର୍ଥପର ହୋଇ ପ୍ରେମ କାରୀଣୀ ଏବଂ ପ୍ରକୃତ ବ୍ୟକ୍ତିତ୍ୱର ଅଧିକାରୀଣୀ ଥିଲେ । ସଂପର୍କର କର୍ତ୍ତବ୍ୟ ସମ୍ପାଦନ କରିବା ଜାଣିଥିଲେ । ଯାହା ନିଜ ପାଇଁ ପସନ୍ଦ କରୁଥିଲେ ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କରୁଥିଲେ । ମନରେ କେବେବି କୌଣସି କଥା ରଖୁ ନଥିଲେ । ସ୍ୱଷ୍ଟ ଏବଂ ଶତ ପ୍ରତିଶତ ଖାଣ୍ଟି ତଥା ପ୍ରକୃତ କଥା କହୁଥିଲେ । ନମାଜ, ରୋଜାର ନିୟମାନୁବର୍ତ୍ତୀ, ନିୟମିତ ପବିତ୍ର କୁରଆନ୍ କରୀମର ତିଲାୱତ୍ କାରୀଣୀ, ଖିଲାଫତ୍ ସହିତ୍ ଅସୀମ ଓ ଅସାଧାରଣ ସଂପର୍କ ରଖିଥିଲେ । ସେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିଥିଲେ। ତାଙ୍କ ଉପରେ ଜମାଅତ୍‌ର ଯେଉଁ ଦାୟିତ୍ୱ ବି ନ୍ୟସ୍ତ କରିଦିଆ ଯାଉଥିଲା ତାହାକୁ ସେ ଅତ୍ୟନ୍ତ ଆଗ୍ରହର ସହିତ ସମ୍ପାଦନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସ୍ୱର୍ଗତାଙ୍କ ସ୍ୱାମୀଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । **ଆମିନ୍** ।

**ଦ୍ୱିତୀୟ ଯନାଜାଃ** ହେଉଛି ଚୌଧୁରୀ ରଶିଦ୍ ଅହେମଦ ସାହେବଙ୍କର । ସ୍ୱର୍ଗତ ଚୌଧୁରୀ ସାହେବ ଫୈସଲାବାଦ୍ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର୍ ଥିଲେ । ଆଜିକାଲି ସେ ଆମେରିକାରେ ବାସ କରୁଥିଲେ । ତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଥିଲା । اِنَّا لِلّٰہِ وَاِنَّا اِلَیۡہِ رٰجِعُوۡنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ରଶିଦ୍ ସାହେବ ମଧ୍ୟ ମୁସି (ଓସିୟତ୍ କରିଥିଲେ) ଥିଲେ । ତାଙ୍କର ସୁପୁତ୍ର ରଫିକ୍ ତାହିରେ ସାହେବ ଲସ୍ ଏଞ୍ଜେଲସ୍ ଠାରେ ଜମାଅତୀୟ ସେବା ସମ୍ପାଦନ କରୁଛନ୍ତି । ବଂଶରେ ଅହେମଦିୟତ୍ ତାଙ୍କର ଜ୍ୟୋଷ୍ଠ ଭ୍ରାତା ଚୌଧୁରୀ ବର୍କତ୍ ଅଲୀ ସାହେବଙ୍କ ମାଧ୍ୟମରେ ଆସିଥିଲା ଏବଂ ଏହା ପରେ ତାଙ୍କର ପିତାଶ୍ରୀ ଏବଂ ଘରର ଅନ୍ୟ ସଦସ୍ୟମାନେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । 1974 ମସିହାରେ ସଂପ୍ରଦାୟିକତା ହୋଇଥିଲା ଏବଂ ଯଦିଚ ରଶିଦ୍ ସାହେବଙ୍କର କ୍ୱାର୍ଟର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଭିତରେ ରହିଥିଲା । କିନ୍ତୁ ତଥାପି ଉପଦ୍ରବୀମାନେ ତାଙ୍କର ଘର ଉପରକୁ ଅତର୍କିତ ଆକ୍ରମଣ କରିଥିଲେ ଏବଂ ତାଙ୍କ ଘର ଲୁଣ୍ଠନ କରି ତାଙ୍କର

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସମସ୍ତ ଆସବାବ ପତ୍ରରେ ଛିନ ଛତର କରି ନିଆଁ ଲଗାଇ ଦେଇଥିଲେ ।

ସେ ଯାହା ହେଉ ସ୍ୱର୍ଗତ ରଶିଦ୍ ସାହେବ ସେତେବେଳକୁ ସେଠାରୁ ଚାଲିଯାଇ ଥିଲେ ଏବଂ ଯେତେବେଳେ ଦୁଇ ତିନି ମାସ ପରେ ପରିସ୍ଥିତି ସ୍ୱାଭାବିକ ହେଲା ସେତେବେଳେ ବିଶ୍ୱବିଦ୍ୟାଳୟକୁ ଫେରିଥିଲେ । ଭାଇସ୍ ଚାନ୍ସେଲର (କୁଳପତି) ଯେକି କ୍ରିସେଣ୍ଟ ମିଲ୍‌ର ମାଲିକ୍ ଥିଲା ସେ କହିଲେ, ମୁଁ ଆପଣଙ୍କର କ୍ଷତିପୂରଣ ଦେବାକୁ ଚାହୁଁଛି । ଆପଣ ମୋତେ କୁହନ୍ତୁ ଯେ, ଆପଣଙ୍କର କେତେ କ୍ଷତି ହୋଇଛି? ଚୌଧୁରୀ ରଶିଦ୍ ସାହେବ ଆକାଶ ଆଡ଼କୁ ଆଙ୍ଗୁଠି ଦ୍ୱାରା ଇଙ୍ଗିତ କରି କହିଲେ ଆଦୌ ନୁହେଁ । ମୁଁ କାହା ଠାରୁ କୌଣସି ସାହାଯ୍ୟ ନେବି ନାହିଁ । ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଏହି କ୍ଷତି ସହ୍ୟ କରୁଛି ଏବଂ ଅଲ୍ଲାଃତାଲାଙ୍କ ସକାଶେ ମୋତେ ଉକ୍ତ କ୍ଷତି ସହ୍ୟ କରିବାକୁ ପଡ଼ିଛି ଏବଂ ଅଲ୍ଲାଃତାଲା ହିଁ ଏହାର କ୍ଷତିଭରଣା କରିଦେବେ । ସେ ଯାହା ହେଉ ଅଲ୍ଲାଃତାଲା ପୁନଶ୍ଚ ଏପରି କୃପାବତୀର୍ଣ୍ଣ କଲେ ଯେ, ସ୍ୱଳ୍ପ ସମୟ ମଧ୍ୟରେ ସମସ୍ତ କ୍ଷତିଭରଣା ହୋଇଗଲା । ଖିଲାଫତ୍ ସହିତ ଅତ୍ୟନ୍ତ ନିଷ୍ଠାପୂର୍ଣ୍ଣ ପ୍ରେମ ଓ ଆଜ୍ଞାବହତାର ଏକ ସଂପର୍କ ଥିଲା । ଖଲିଫାଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ଚେଷ୍ଟା କରୁଥିଲେ । ବିଶ୍ୱସ୍ତତା ଏତେ ଥିଲା କି ୟୁନିଭର୍ସିଟି ଗ୍ରାଣ୍ଟ କମିଶନ୍ (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ)ର ସେ ସଦସ୍ୟ ଥିଲେ । ଏହା ତାଙ୍କ ପାଇଁ ସବୁଠୁ ବଡ଼ ମର୍ଯ୍ୟାଦା ମଧ୍ୟ ଥିଲା ।

ଏକଦା ମିଟିଂ ଥିଲା ତାଙ୍କୁ ମିଟିଂ ଯିବା ନିମନ୍ତେ ଟ୍ରେନ୍ ଯାତ୍ରା ପାଇଁ ଏ.ସି (ବାତାନୁକୂଳିତ) ପାଇଁ ଟିକଟ ଭଡ଼ା ମଧ୍ୟ ମିଳିଲା । ଫେରିବା ସମୟରେ ତାଙ୍କର କେତେକ ସଂପର୍କୀୟମାନେ କହିଲେ, ଆଜ୍ଞା ! ଆମେ ଆପଣଙ୍କ ସହିତ ଏ.ସି ବଗିରେ ଯିବୁ । ତେଣୁ ସେ ନିଜର ଟିକଟ ବଦଳାଇ ନେଲେ ଏବଂ ଦ୍ୱିତୀୟ ଶ୍ରେଣୀରେ ସଂପର୍କୀୟମାନଙ୍କ ସହିତ ବସିଗଲେ ଓ ଅତିରିକ୍ତ ପଇସା ଯାହା ଥିଲା ତାହା ସରକାରଙ୍କୁ ଫେରସ୍ତ କରିଦେଲେ । ଏକଦା ସେଠାରେ ତାଙ୍କର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଯେଉଁ ଚେୟାରମ୍ୟାନ ଥିଲେ ତାଙ୍କ କାର୍ଯ୍ୟାଳୟକୁ ଯେତେବେଳେ ଗଲେ ସେତେବେଳେ ସେ ସ୍ୱର୍ଗତ ଚୌଧୁରୀ ରଶିଦ ସାହେବଙ୍କୁ ସାକ୍ଷାତ କରିବା ନିମନ୍ତେ ନିଜର କାର୍ଡ଼ ପ୍ରେରଣ କଲେ । ତେବେ ଡାଇରେକ୍ଟର (ନିର୍ଦ୍ଦେଶକ) ସାହେବ ସ୍ୱୟଂ ବାହାରକୁ ଆସିଗଲେ ଏବଂ ନିଜର ଏକ ବନ୍ଧୁ ଯିଏ ସେଠାରେ ବସିଥିଲେ ତାଙ୍କୁ କହିବାକୁ ଲାଗିଲେ ଯେ, ଏ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କର ବିଶ୍ୱସ୍ତତାର ମୁଁ ଆପଣଙ୍କ ଆଗରେ ଚର୍ଚ୍ଚା କରୁଥିଲି । ତେବେ ଚୌଧୁରୀ ରଶିଦ୍ ସାହେବ ସେଠାରେ ତୁରନ୍ତ ଜମାଅତ୍‌ର ପରିଚୟ ମଧ୍ୟ କରାଇଲେ ଯେ, ମୁଁ ଅହେମଦି ଅଟେ । ଏହି ସମସ୍ତ ବିଶ୍ୱସ୍ତତା ଅହେମଦି ହେବା ଯୋଗୁଁ ମୋ ଭିତରେ ରହିଛି । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଅହେମଦିମାନଙ୍କ ନିମନ୍ତେ ଏକ ନୀତିଶିକ୍ଷା ଅଟେ । ସର୍ବଦା ବିଶ୍ୱସ୍ତତା ମାଧ୍ୟମରେ ନିଜର ଦାୟିତ୍ୱକୁ ସମ୍ପାଦନ କରିବା ଉଚିତ୍ ଏବଂ କୌଣସି ପ୍ରକାରର ଆର୍ଥିକ ଉତ୍କୋଚ ମାଗିବା ଉଚିତ୍ ନୁହଁ ।

ଚାନ୍ଦା ପୈଠ କରିବା ଏବଂ ଆର୍ଥିକ ବଳିଦାନ ଦେବାରେ ସର୍ବେଗ୍ରେ ରହୁଥିଲେ । ଅଭିଭାବକ, ଭାଇ ଭଉଣୀଙ୍କ ବ୍ୟତୀତ ଆଁହଜରତ ସ.ଅ, ହ. ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ନିୟମିତ ଭାବରେ ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରୁଥିଲେ । ଅତ୍ୟନ୍ତ ପ୍ରେମକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପିଲାମାନଙ୍କ ପରି ଓ ଭାଇ ପରି ରଖୁଥିଲେ । ନମାଜେ ମଗ୍‌ରିବ୍ ବିଶେଷ ରୂପେ ଆମେମାନେ ସମସ୍ତେ ଏକତ୍ରିତ ହୋଇ ତାଙ୍କ ଘରେ ପାଠ କରୁଥିଲୁ । ସର୍ବଦା ସ୍ମିତହାସ୍ୟ ମୁଖମଣ୍ଡଳ ସହିତ ସାକ୍ଷାତ୍ କରୁଥିଲେ । ଅତ୍ୟନ୍ତ ମିତବ୍ୟୟୀ ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

☆--☆--☆

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ

ନିଜେ ମୁଣ୍ଡ ପାତି ସହ୍ୟ କରି ନିଜ ପରମେଶ୍ୱରଙ୍କ ଆଦେଶ ପାଳନ କଲେ । ଆତ୍ମ ସଂଗ୍ରାମ ଏବଂ ଉପଦେଶାବଳୀର ଯେଉଁ ଯେଉଁ ପନ୍ଥା ରହିଥିଲା ସେହି ସମସ୍ତ ସତ୍ତ୍ୱକୁ ଆପଣ ସ.ଅ ପାଳନ କଲେ । ଭୟ ଦେଖାଉଥିବ ବ୍ୟକ୍ତିଙ୍କୁ ଭ୍ରୂକ୍ଷେପ କଲେ ନାହିଁ ଏବଂ ସେମାନଙ୍କୁ କିଛି ଗୁରୁତ୍ୱ ଦେଲେ ନାହିଁ । ଆମ୍ଭେ ସତ ସତ କହୁଛୁ ଯେ, ସମସ୍ତ ଅବତାରମାନଙ୍କ ଘଟଣାବଳୀ ମଧ୍ୟରେ ଏପରି ବିପଦର ସ୍ଥାନ ଏବଂ ପୁନଶ୍ଚ ଈଶ୍ୱରଙ୍କ ଉପରେ ଏପରି କୌଣସି ଆସ୍ଥା ପ୍ରଦର୍ଶନ କରି ଖୋଲମ୍ ଖୋଲା ସିର୍କ ଏବଂ ମାନବ ପୂଜା କରିବାକୁ ବାରଣକାରୀ ବ୍ୟକ୍ତି ଏପରି ଶତ୍ରୁ ଓ ଏପରି ଅବିଚଳତା ଏବଂ ଧୈର୍ଯ୍ୟ ପ୍ରଦର୍ଶନକାରୀ ବ୍ୟକ୍ତି ଗୋଟିଏ ବି ଆଜି ପର୍ଯ୍ୟନ୍ତ ସାବ୍ୟସ୍ତ ହୋଇ ନାହିଁ । ଅର୍ଥାତ୍ ଅତିକ୍ରାନ୍ତ ହୋଇ ନାହିଁ ।

**(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ, ଭାଗ-1, ପୃ-111)**

### ଜାଜ୍ୱଲ୍ୟମାନ ଶିକ୍ଷା ଆଣିଥିବା ବ୍ୟକ୍ତି ଓ ପ୍ରାମାଣ୍ୟ ଭିତ୍ତିକ ନିଦର୍ଶନ ଦ୍ୱାରା ସମସ୍ତଙ୍କର ତୁଣ୍ଡକୁ ବନ୍ଦ କରିଦେଇଥିବା ବ୍ୟକ୍ତି ହେଉଛନ୍ତି ହ. ମୁହମ୍ମଦ ମୁସ୍ତଫା ସ.ଅ

ଏପରି ସହସ୍ରାଧିକ ଘଟଣାବଳୀ ମଧ୍ୟ ରହିଛି ଯହିଁରୁ ଆଁହଜରତ ସ.ଅଙ୍କ ଈଶ୍ୱରଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତକର୍ତ୍ତା ବ୍ୟକ୍ତି ରୂପେ ପ୍ରମାଣିତ ହୋଇଥାଏ । ଉଦାହରଣ ସ୍ୱରୂପ କ'ଣ ଏହା ଆଶ୍ଚର୍ଯ୍ୟକର ଘଟଣା ନୁହଁ ଯେ, ଏକ ଦୁର୍ବଳ ଏବଂ ନିଃସହାୟ ଅଶିକ୍ଷିତ, ଦୀନ ଦରିଦ୍ର ବ୍ୟକ୍ତି ଏପରି ଯୁଗରେ ଯହିଁରେ ପ୍ରତ୍ୟେକ ଜାତି ସଂପୂର୍ଣ୍ଣ ରୂପେ ଆର୍ଥିକ ଶକ୍ତି, ସୈନ୍ୟ ଶକ୍ତି ଏବଂ ଶୈକ୍ଷିକ ଶକ୍ତିର ଅଧିକାରୀ ଥିଲେ ଏପରି ଯୁଗରେ ଆପଣ ସ.ଅ ଏପରି ଜ୍ୱଳନ୍ତ ଶିକ୍ଷା ଆଣିଲେ କି ନିଜର କର୍ତ୍ତନ ପ୍ରମାଣ ଓ ସ୍ୱଷ୍ଟ ପ୍ରମାଣ ମାଧ୍ୟମରେ ସମସ୍ତଙ୍କ ତୁଣ୍ଡକୁ ବନ୍ଦ କରିଦେଲେ ଏବଂ ବଡ଼ ବଡ଼ ଲୋକମାନେ ଯେଉଁମାନେ ଚିକିତ୍ସକ ହୋଇ ବଲୁଥିଲେ ଏବଂ ଯେଉଁମାନେ ଦାର୍ଶନିକ ବୋଲାଉଥିଲେ ସେମାନଙ୍କର ସ୍ୱଷ୍ଟ ତ୍ରୁଟି ବାହାର କଲେ ଏବଂ ଆପଣ ସ.ଅ ନିଃସହାୟତା ଓ ଦାରିଦ୍ର୍ୟତା ସତ୍ତ୍ୱେ ଏପରି ଶକ୍ତି ପ୍ରଦର୍ଶନ କଲେ ଯେ, ସମ୍ରାଟମାନଙ୍କୁ ରାଜ ସିଂହାସନ ଚ୍ୟୁତ କରିଦେଲେ ଏବଂ ସେହି ସିଂହାସନ ଉପରେ ଦରିଦ୍ରମାନଙ୍କୁ ଆସନିତ କଲେ । ଯଦି ଏହା ଈଶ୍ୱରଙ୍କ ସାହାଯ୍ୟ ଓ ତାହାଙ୍କ ସମର୍ଥନ ନଥିଲା ତେବେ ଆଉ କ'ଣ ଥିଲା ? ଈଶ୍ୱରଙ୍କ ସାହାଯ୍ୟ ଓ ସମର୍ଥନ ବିନା ସମସ୍ତ ସଂସାର ଉପରେ ବୁଦ୍ଧି, ଶିକ୍ଷା ଓ ଶକ୍ତି ଦ୍ୱାରା ବିଜୟ ପ୍ରାପ୍ତ କରିବା ସମ୍ଭବ ପର ହୋଇପାରିବ କି ? **(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ, ଭାଗ-1, ପୃ-118)**

### ସଂସାରକୁ ଏକେଶ୍ୱରବାଦର ଆଲୋକ ଦ୍ୱାରା ଆଲୋକିତ କରିଥିବା ବ୍ୟକ୍ତି ଓ ସିର୍କ ତଥା ମାନବ ପୂଜାର ମୂଳୋତ୍ପାଟନକାରୀ ବ୍ୟକ୍ତି ହେଛନ୍ତି ହ. ମୁହମ୍ମଦ ସ.ଅ

ଆଁହଜରତ ସ.ଅ ଏଭଳି ଏକ ଯୁଗରେ ଅବତୀର୍ଣ୍ଣ ହୋଇଥିଲେ, ଯେତେବେଳେ ସମଗ୍ର ସଂସାରରେ ସିର୍କ ଓ ମାର୍ଗଭ୍ରଷ୍ଟତା ତଥା ମାନବ ପୂଜା ବ୍ୟାପୀ ଯାଇଥିଲା । ସମସ୍ତ ଲୋକମାନେ ସତ୍ୟର ନୀତିକୁ ପରିତ୍ୟାଗ କରିଦେଇଥିଲେ ଏବଂ ସତ୍‌ମାର୍ଗକୁ ପାସୋରି ବସି ପ୍ରତ୍ୟେକ ସଂପ୍ରଦାୟ ଭିନ୍ନ ଭିନ୍ନ କୁପ୍ରଥା ଏବଂ ନୂତନ ଆହୃତ ରୀତିର ପନ୍ଥା ଆପଣାଇ ନେଇଥିଲେ । ସାଉଦି ଆରବରେ ମାନବପୂଜା ଚରମ ସୀମାରେ ରହିଥିଲା । ପାରସ୍ୟ (ଇରାନ୍)ରେ ଅଗ୍ନିପୂଜାର ବଜାର ସର୍‌ଗରମ୍ ରହିଥିଲା । ଭାରତରେ ପ୍ରତିମା ପୂଜା ଏବଂ ଶତାଧିକ ମାନବ ପୂଜା ବ୍ୟାପୀ ଯାଇଥିଲା । ସେହି ଦିନମାନଙ୍କରେ ଅନେକ ପୋଥି ପୁରାଣ ଦୃଷ୍ଟିରୁ ଈଶ୍ୱରଙ୍କ ଅନେକ ଭକ୍ତମାନଙ୍କୁ ଈଶ୍ୱର ରୂପେ ବରଣ କରି ନିଆଯାଇଥିଲା ଏବଂ ଅବତାର ପୂଜାର ମୂଳଦୁଆ ପକାଇ ଦିଆଯାଇଥିଲା, ଏଥି ସଂକ୍ରାନ୍ତରେ ପୁସ୍ତକ ମଧ୍ୟ ରଚିତ ହୋଇସାରିଥିଲା ଏବଂ ପାଦ୍ରୀ ବୋର୍ଟ୍‌ଙ୍କ କଥନ ଅନୁଯାୟୀ ଅନେକ ବିଦ୍ୱାନ୍‌ମାନେ ଇଂରେଜମାନଙ୍କର ସେହି ଦିନମାନଙ୍କରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ବୀତୀତ ଅନ୍ୟ କୌଣସି ଧର୍ମ ଖରାପ ନଥିଲା ଏବଂ ପାଦ୍‌ରୀ ଲୋକମାନଙ୍କ କୁକର୍ମ ଏବଂ କୁବିଶ୍ୱାସ ଠାରୁ ଖ୍ରୀଷ୍ଟ ଧର୍ମ ଉପରେ ଏକ କଳଙ୍କ ଲାଗିସାରିଥିଲା ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଆସ୍ଥାରେ ଗୋଟିଏ ନୁହେଁ କି ଦୁଇଟି ନୁହଁ ବରଂ ଅନେକ ବସ୍ତୁ ଈଶ୍ୱରଙ୍କ ସ୍ଥାନ ଗ୍ରହଣ କରିନେଇଥିଲା ।

ସୁତରାଂ ଏଭଳି ମାର୍ଗଭ୍ରଷ୍ଟ କାଳରେ ଆଁହଜରତ ସ.ଅ ଆବିର୍ଭୂତ ହେବା ଯେତେବେଳେ ସ୍ୱୟଂ ଯୁଗ ସାଂପ୍ରତିକ ଅବସ୍ଥାନୁଯାୟୀ ଏକ ଚିକିତ୍ସକ ଓ ସୁଧାରକଙ୍କୁ ଚାହୁଁଥିଲା ଓ ଐଶୀ ମାର୍ଗଦର୍ଶନ ଚୂଡ଼ାନ୍ତ ଆବଶ୍ୟକତା ମନେ କରୁଥିଲା ଏବଂ ପୁନଶ୍ଚ ଆପଣ ସ.ଅଙ୍କୁ ଆବିର୍ଭୂତ କରି ସଂସାରକୁ ଏକେଶ୍ୱରବାଦ ଓ ସତ୍‌କର୍ମ ମାଧ୍ୟମରେ ଆଲୋକିତ କରିବା ଓ ସିର୍କ ଏବଂ ମାନବ ପୂଜାର ଯେଉଁ أُمُّ الشُّرُور(ମୂଳ ଉପଦ୍ରବ) ର ମୂଳୋତ୍ପାଟନ କରିବା ଉକ୍ତ କଥାର ସ୍ୱଷ୍ଟ ପ୍ରମାଣ ଅଟେ ଯେ, ଆଁହଜରତ ସ.ଅ ଈଶ୍ୱରଙ୍କ ପ୍ରକୃତ ଏବଂ ସମସ୍ତ ବାର୍ତ୍ତାବହଙ୍କ ଠାରୁ ସର୍ବଶ୍ରେଷ୍ଠ ଅବତାରେ ଥିଲେ । **(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ୍, ଭାଗ-1, ପୃ-112, ବି.ଦ୍ର ନଂ-10)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

## ଏକ ହଜାର, ଦୁଇ ହଜାର ଅବତାରଙ୍କ କାର୍ଯ୍ୟ କରିଥିବା ଅବତାର ହେଉଛନ୍ତି ହ. ମୁହମ୍ମଦ୍ ସ.ଅ

ଆଁହଜରତ ସ.ଅଙ୍କୁ ସକଳ ଜଗତର ମୁକାବିଲା କରିବାକୁ ପଡ଼ିଥିଲା ଏବଂ ଯେଉଁ କାର୍ଯ୍ୟ ହ. ମୁହମ୍ମଦ ସ.ଅଙ୍କ ଉପରେ ନ୍ୟସ୍ତ ହୋଇଥିଲା ତାହା ବାସ୍ତବରେ ଏକ ହଜାର ଓ ଦୁଇ ହଜାର (ଅର୍ଥାତ୍ ସହସ୍ର ଓ ଦୁଇ ସହସ୍ର) ଅବତାରଙ୍କର କାର୍ଯ୍ୟ ଥିଲା । କିନ୍ତୁ ପ୍ରଭୁଙ୍କୁ ଏହା ସ୍ୱୀକାର ଥିଲା ଯେ, ଆଦମଙ୍କ ପୁତ୍ର ଗୋଟିଏ ଜାତି ଓ ଗୋଟିଏ ସଂପ୍ରଦାୟ ପରି ହୋଇଯାଆନ୍ତୁ (ବସୁଧୈବ କୁଟମ୍ବକମ) । ସ୍ୱାଭିମାନ ଏବଂ ଅପରିଚିତତା ଦୂରୀଭୂତ ହୋଇଯାଉ । ଉକ୍ତ ଏକେଶ୍ୱରବାଦର ପରମ୍ପରା ଯେପରି ଆରମ୍ଭ ହୋଇଛି ସେହିପରି ଏକେଶ୍ୱରବାଦରେ ହିଁ ସମାପ୍ତ ହେଉ । ଅତଃ ସେ (ଅଲ୍ଲାଃତାଲା) ଶେଷ ମାର୍ଗଦର୍ଶନକୁ ସକଳ ସଂସାର ନିମନ୍ତେ ଏକତ୍ରିତ କରି ପ୍ରେରଣ କଲେ । **(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ୍, ଭାଗ-1, ପୃ-118, ବି.ଦ୍ର ନଂ-10)**

## ହ. ମୁହମ୍ମଦ୍ ସ.ଅ ହେଉଛନ୍ତି ସକଳ ପ୍ରକାରର ଚାରିତ୍ରିକ ମର୍ଯ୍ୟାଦା ଓ ପ୍ରତିଷ୍ଠାର ଏପରି ଏକ ପୂର୍ଣ୍ଣକାରୀ ଓ ସମାପ୍ତକାରୀ ଅବତାର ଯେ, ଉପରୋକ୍ତ ଚାରିତ୍ରିକ ମର୍ଯ୍ୟାଦାକୁ ବାଦ୍ ଦେଲେ ଆଉ ଅତିରିକ୍ତ ବୋଲି ବିଚାର କରାଯାଇପାରିବ ନାହିଁ

ଆଁହଜରତ ସ.ଅ ସ୍ୱଭାବତଃ ଅତ୍ୟନ୍ତ ଉଚ୍ଚମାନର ଶାରୀରିକ ପରିଭାଷା ଜନିତ ଅବିଚଳତା ସ୍ତରରେ ଅବସ୍ଥିତ ଥିଲେ । ନା ପ୍ରତ୍ୟେକ ସ୍ଥଳରେ ଆପଣ ସ.ଅ ସହିଷ୍ଣୁତା ବା ସହନଶୀଳତାକୁ ପସନ୍ଦ କରୁଥିଲେ ଓ ନା ହିଁ ପ୍ରତ୍ୟେକ ସ୍ଥଳରେ କ୍ରୋଧକୁ ଆପଣ ସ.ଅ ପସନ୍ଦ କରୁଥିଲେ । ବରଂ ବିଦ୍ୱାନ୍‌ମାନଙ୍କ ପରି ସ୍ଥାନ ଓ କାଳକୁ ଧ୍ୟାନରେ ରଖିବା ହେତୁ ଆପଣଙ୍କ ସ୍ୱଭାବ ଅତ୍ୟନ୍ତ ପୁଣ୍ୟବାନ ଥିଲା । ତେଣୁ ପବିତ୍ର କୁରାଆନ୍ କରୀମ୍ ମଧ୍ୟ ଏହି ଶୈଳୀ ଅନୁଯାୟୀ ଯଥୋଚିତ ଏବଂ ନ୍ୟାୟସଙ୍ଗତ ସ୍ୱାଭାବ ଅନୁକୁଳ ଅବତୀର୍ଣ୍ଣ ହେଲା । କାରଣ ଏହି ପବିତ୍ର ଗ୍ରନ୍ଥରେ ସକଳ ପ୍ରକାରର କଠୋରତା, ଦୟା, ଭୟ ଏବଂ କରୁଣା, ମୃଦୁଳତା ଓ କଠୋରତା ରହିଛି.........ଅର୍ଥାତ୍ ଆଁହଜରତ ସ.ଅଙ୍କ ସମନ୍ୱିତ ଏବଂ ସନ୍ତୁଳିତ ସ୍ୱଭାବ ପ୍ରକୃତି ଅନୁଯାୟୀ ପବିତ୍ର କୁରଆନ୍ କରୀମ୍ ଆପଣ ସ.ଅଙ୍କ ଉପରେ ଅବତୀରଣ୍ଣ ହେଲା । ଉକ୍ତ ଗ୍ରନ୍ଥରେ ହ. ମୁସା ଅ.ସଙ୍କ ସ୍ୱଭାବ ଅନୁଯାୟୀ ନା କଠୋରତା ରହିଛି ଓ ନା ହିଁ ହ. ଇସା ଅ.ସଙ୍କ ପରି ମୃଦୁଳତା, କୋମଳତା ରହିଛି। ବରଂ ଉକ୍ତ ପବିତ୍ର ଗ୍ରନ୍ଥଟି କଠୋରତା ଏବଂ କୋମଳତା ଓ କ୍ରୋଧ ଏବଂ କୃପା, ଦୟା, କ୍ଷମା ଇତ୍ୟାଦିର ସମାହାର ଅଟେ । ସୁତରାଂ ଅଲ୍ଲାଃତାଲା ଏହି ସବୁ ଗୁଣାବଳୀ ସଂପର୍କରେ ଅନ୍ୟ ଏକ ସ୍ଥାନରେ ଆଁହଜରତ ସ.ଅଙ୍କୁ ସମ୍ବୋଧିତ କରି କହିଲେ, اِنَّكَ لَعَلٰی خُلُقٍ عَظِیۡمٍ ଅର୍ଥାତ୍ ତୁମ୍ଭେ ଉନ୍ନତ ମାନର ଚରିତ୍ର ଉପରେ ପ୍ରତିଷ୍ଠିତ ହୋଇଅଛ। ଅର୍ଥାତ୍ ନିଜର ବ୍ୟକ୍ତିଗତ ସ୍ୱଭାବରେ ଆପଣ ସମସ୍ତ ପ୍ରକାରର ଚାରିତ୍ରିକ ମର୍ଯ୍ୟାଦା ଓ ପ୍ରତିଷ୍ଠାର ଏପରି ଏକ ପୂର୍ଣ୍ଣକାରୀ ଓ ସମାପ୍ତକାରୀ ଅବତାର ଅଟନ୍ତି ଯେ, ଉପରୋକ୍ତ ଚାରିତ୍ରିକ ମର୍ଯ୍ୟାଦାକୁ ବାଦ୍ ଦେଲେ ଆଉ ଅତିରିକ୍ତ ବୋଲି ବିଚାର କରାଯାଇପାରିବ ନାହିଁ । **(ବରାହିନେ ଅହେମଦିୟା, ଭାଗ-3, ରୁହାନୀ ଖଜାଏନ୍, ଭାଗ-1, ପୃ-193, ବି.ଦ୍ର ନଂ-11)**

## ସର୍ବୋଚ୍ଚ ବୁଦ୍ଧି, ବିବେକ ଏବଂ ହିତାହିତ ଜ୍ଞାନ ତଥା ଧୀଶକ୍ତି ଓ ସମସ୍ତ ସର୍ବୋଚ୍ଚ ଅନନ୍ୟ ଚରିତ୍ରର ଅଧିକାରୀ ହ. ମୁହମ୍ମଦ ସ.ଅ ଅଟନ୍ତି

ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ହୃଦୟକୁ ନିର୍ମଳ ଦର୍ପଣ ଏବଂ କାଚ ସହିତ ତୁଳନା କରିଛନ୍ତି, ଯହିଁରେ କୌଣସି ପ୍ରକାରର ଅପବିତ୍ରତା ନଥାଏ । ଏହା ହୃଦୟର ଆଲୋକ ଅଟେ । ପୁନଶ୍ଚ ଆଁହଜରତ ସ.ଅଙ୍କ ବୁଦ୍ଧି ସର୍ବୋଚ୍ଚ ବୁଦ୍ଧି, ବିବେକ ଏବଂ ହିତାହିତ ଜ୍ଞାନ ତଥା ଧୀଶକ୍ତି ଓ ସମସ୍ତ ସର୍ବୋଚ୍ଚ ଅନନ୍ୟ ଚରିତ୍ର, ପ୍ରାକୃତିକ, ଜନ୍ମଗତ ଓ ସ୍ୱଭାବକୁ ଏକ ମୃଦୁଳ ତଥା କୌମ୍ୟକୁ ଅଲ୍ଲାଃତାଲା ତୈଳ ସହିତ ତୁଳନା କରିଛନ୍ତି ଓ ଉପମା ଦେଇଛନ୍ତି, ଯହିଁରେ ଅନେକ ପ୍ରକାରର ପ୍ରକାଶ ରହିଛି । ଏହା ଆଲୋକର ମାଧ୍ୟମ ଏହଂ ଦୀପର ଆଲୋକ ଅଟେ, ଏହା ବୁଦ୍ଧିର ଆଲୋକ ଅଟେ । କାରଣ ଉଦ୍‌ଗମ ସ୍ଥଳ ଏବଂ ଅଭିପ୍ରାୟ ସକଳ ପ୍ରକାରର ଆଭ୍ୟନ୍ତରୀଣ ମୃଦୁଳତାର ବୌଦ୍ଧିକ ଶକ୍ତି ଅଟେ । ପୁନଶ୍ଚ ସେହି ସମସ୍ତ ଆଲୋକମାନଙ୍କ ଉପରେ ଆକାଶୀୟ ଆଲୋକର ଯେଉଁ ଐଶୀବାଣୀ ଅବତୀର୍ଣ୍ଣ ହେବା ବର୍ଣ୍ଣିତ ହୋଇଛି । ଏହା ହେଉଛି ଐଶୀବାଣୀର ଆଲୋକ । ଆଲୋକ ତ୍ରୟୀ ମିଶି ଲୋକମାନଙ୍କର ମାର୍ଗଦର୍ଶନର କାରଣ ରୂପେ ବିବେଚିତ ହେଉ । ଏହା ହିଁ ସେହି ପ୍ରକୃତ ନୈତିକତା ଯାହାକି ଐଶୀ ସଂପର୍କରେ ପ୍ରାଚୀନ ତଥା ପବିତ୍ର ଈଶ୍ୱରଙ୍କ ପକ୍ଷରୁ ଏକ ପ୍ରାଚୀନ ନିୟମ ଅଟେ ଓ ତାହାଙ୍କ ପବିତ୍ର ଅସ୍ତିତ୍ୱ ସଂପର୍କରେ ମଧ୍ୟ ଏହି ପ୍ରକୃତ ନୈତିକତା ବିଦ୍ୟମାନ ରହିଛି ।

## ଉଦାରତା ଏବଂ ଦାନଶୀଳତା, ଭାକ୍ତିକତା ଏବଂ ମିତବ୍ୟୟତା, ବୀରତ୍ୱ ଏବଂ ସାହସିକତା ଓ ଐଶୀ ପ୍ରେମରେ ନିମଜ୍ଜିତ ଥିବା ଅଦୃଷ୍ଟାନ୍ତନୀୟ ଏବଂ ଅନନ୍ୟ ଅବତାର ହେଉଛନ୍ତି ହ. ମୁହମ୍ମଦ ସ.ଅ

ଯେଉଁ ଚାରିତ୍ରିକତା, ଦୟା ଏବଂ ଉଦାରତା ଏବଂ ଦାନଶୀଳତା, ଭାକ୍ତିକତା ଏବଂ ମିତବ୍ୟୟତା, ବୀରତ୍ୱ ଏବଂ ସାହସିକତା ଓ ସାଂସାରିକତା ପ୍ରତି ଅନାସକ୍ତ ତଥା ବିତୃଷ୍ଣା ସଂପର୍କିତ ଗୁଣାବଳୀ ରହିଥିଲା ତାହା ଆଁହଜରତ ସ.ଅଙ୍କ ପବିତ୍ର ଅସ୍ତିତ୍ୱତରେ ଏପରି ଉଜ୍ଜ୍ୱଳ ଏବଂ ପ୍ରକାଶବାନ୍ ଓ ପ୍ରଜ୍ଞାବାନ ହେଲେ ଯେ, ମସିହ୍ କ'ଣ ବରଂ ସଂସାରରେ ଆଁହଜରତ ସ.ଅଙ୍କ ପୂର୍ବରୁ ଅନ୍ୟ କେହି ବି ଏପରି ଅବତାର ଅତିକ୍ରାନ୍ତ ହୋଇ ନାହାନ୍ତି ଯାହାଙ୍କର ଚରିତ୍ର ଏପରି ପୂର୍ଣ୍ଣ ସ୍ୱଷ୍ଟୀକରଣ ଦ୍ୱାରା ଆଲୋକିତ ହୋଇଯାଇଥିବ । କାରଣ ଈଶ୍ୱର ଆଁହଜରତ ସ.ଅଙ୍କ ଉପରେ ଅସଂଖ୍ୟ ନିଧିର ଦ୍ୱାରା ଉନ୍ମୁକ୍ତ କରିଦେଲେ । ତେଣୁ ଆପଣ ସ.ଅ ସେହି ସମସ୍ତ ନିଧିକୁ ପ୍ରଭୁଙ୍କ ମାର୍ଗରେ ବ୍ୟୟ କଲେ ଓ କୌଣସି ପ୍ରକାରର ବ୍ୟକ୍ତିଗତ ସ୍ୱାର୍ଥରେ ଏବଂ ନିଜ ଶରୀରେ ମଧ୍ୟ ସେହି ନିଧି ମଧ୍ୟରୁ କାଣୀଚିଏ ମଧ୍ୟ ଖର୍ଚ୍ଚ (ବ୍ୟୟ) କଲେ ନାହିଁ । ଆପଣ ସ.ଅ ନା କୌଣସି ପ୍ରାସାଦ କି ଭବନ ନିର୍ମାଣ କଲେ ଓ ନା ହିଁ କୌଣସି ରାଜସିଂହାସନ ପ୍ରସ୍ତୁତ କଲେ । ବରଂ ଆପଣ ସ.ଅ ଛୋଟିଆ କଚ୍ଚା ମାଟି କୋଠାରେ ନିଜର ସମଗ୍ର ଜୀବନ ଅତିବାହିତ କରିଦେଲେ, ଯେଉଁ ମାଟି କୋଠାଟି ଦରିଦ୍ର ଲୋକମାନଙ୍କ ତୁଳନାରରେ ସୁନ୍ଦର ନଥିଲା ସେହି ମାଟି କୋଠାରେ ଆପଣ ସ.ଅ ନିଜର ସମଗ୍ର ଜୀବନ ଅତିବାହିତ କରିଦେଲେ ।

ଆପଣ ସ.ଅ ପାପ ତଥା ଅପରାଧକାରୀଙ୍କ ସହିତ ପୁଣ୍ୟ ବ୍ୟବହାର ପ୍ରଦର୍ଶନ କରି ଦେଖାଇଲେ । ଯେଉଁମାନେ ହୃଦୟକୁ କଷ୍ଟ ଦେଉଥିଲେ ସେମାନଙ୍କୁ ବିପତ୍ତି ସମୟରେ ନିଜର ଧନ ମାଧ୍ୟମରେ ସୁଖ ପ୍ରଦାନ କଲେ ଏବଂ ସେମାନଙ୍କୁ ଆନନ୍ଦ ପ୍ରଦାନ କଲେ । ଶୋଇବା ନିମନ୍ତେ ଭୂମିକୁ ଆପଣ ସ.ଅ ବ୍ୟବହାର କରୁଥିଲେ, ରହିବା ନିମନ୍ତେ ଏକ ଛୋଟିଆ ଝୁପିଡ଼ି କୁଡ଼ିଆ ଘରଟିଏ ନିର୍ମାଣ କରିଥିଲେ ଏବଂ ଆହାର ତଥା ଭୋଜନ ନିମନ୍ତେ ଯଅ (ବାର୍ଲି)ର ରୁଟି ସେବନ କରି ବୁଭୁକ୍ଷୁତା ପନ୍ଥା ଅବଲମ୍ବନ କରି ନେଇଥିଲେ ଏବଂ କ୍ଷୁଧାକୁ ଆଦରି ନେଇଥିଲେ ।

ଆପଣ ସ.ଅଙ୍କୁ ସାଂସାରିକ ଧନ ବହୁଳ ମାତ୍ରାରେ ପ୍ରାପ୍ତ ହେଲା । କିନ୍ତୁ ଆପଣ ସ.ଅ ନିଜର ପବିତ୍ର ହସ୍ତକୁ ସାଂସାରିକତା ଦ୍ୱାରା ଟିକିଏ ହେଲେ ବି ପାପମୟ ବା ଅପବିତ୍ର କଲେ ନାହିଁ । ଆପଣ ସ.ଅ ସର୍ବଦା ଦାରିଦ୍ର୍ୟତାକୁ ଧନୀକତା ଉପରେ ପ୍ରାଧାନ୍ୟ ଦେଲେ ଏବଂ ଅଭାବ ଓ ଅନଟନକୁ ଧନାଢ଼୍ୟତା ଉପରେ ଅଗ୍ରାଧିକାର ଦେଲେ । ଯେଉଁ ଦିନ ଠାରୁ ଉପରୋକ୍ତ ଗୁଣାବଳୀ ପ୍ରଦୁର୍ଭୂତ ହେଲା ସେହିଦିନ ଠାରୁ ଆପଣ ସ.ଅ ନିଜର ପରମେଶ୍ୱରଙ୍କୁ ଭେଟିବା ପର୍ଯ୍ୟନ୍ତ ଅର୍ଥାତ୍ ମୃତ୍ୟୁ ପର୍ଯ୍ୟନ୍ତ ନିଜର ଚିର ନମସ୍ୟ ଏବଂ ଅଶେଷ ଦୟାବାନ ଓ ସଦା କରୁଣାମୟ ଉପାସ୍ୟ ଦେବତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରାଧାନ୍ୟ ଦେଲେ ନାହିଁ କି କୌଣସି ଗୁରୁତ୍ୱ ମଧ୍ୟ ପ୍ରଦାନ କଲେ ନାହିଁ ।

ସହସ୍ର ସହସ୍ର ଶତ୍ରୁମାନଙ୍କୟ ବିପକ୍ଷରେ ଯୁଦ୍ଧ ଭୂମିରେ ଯେଉଁଠି ନିହତ ହେବା ଅବଶ୍ୟାମ୍ଭୀ ଥିଲା ସେପରିପ୍ରେକ୍ଷୀରେ ଆପଣ ସ.ଅ ନୈଷ୍ଠିକ ରୂପେ ଈଶ୍ୱରଙ୍କ ସକାଶେ ଛିଡ଼ା ହୋଇ ନିଜର ଯେଉଁ ଅପୂର୍ବ, ବୀରତ୍ୱ, ଶୌର୍ଯ୍ୟତା, ସାହସିକତା, ବିଶ୍ୱସ୍ତତା ଓ ଅବିଚଳତା ପ୍ରଦର୍ଶନ କଲେ ତାହୋର ପଟାନ୍ତର ନାହିଁ । ଅତଏବ୍ ଉଦାରତା ଏବଂ ଦାନଶୀଳତା, ଭାକ୍ତିକତା ଏବଂ ମିତବ୍ୟୟତା, ବୀରତ୍ୱତା ଏବଂ ସାହସିକତା ଓ ଐଶୀ ପ୍ରେମ ସଂକ୍ରାନ୍ତରେ ଯେଉଁ ଅନନ୍ୟ ଚାରିତ୍ରିକତା ରହିଛି ତାହା ମଧ୍ୟ ଅଶେଷ ଦୟାବାନ୍ ଏବଂ ସଦା କରୁଣାମୟ ଈଶ୍ୱରଙ୍କ ନବୀମାନଙ୍କ ମୋହର ଆଁହଜରତ୍ ସ.ଅଙ୍କ ମଧ୍ୟରେ ଏପରି ଭାବରେ ପ୍ରକଟିତ କରିଦେଲେ ଯାହାର ଉଦାହରଣ ନା କେବେ ସଂସାରରେ ପ୍ରକାଶିତ ହୋଇଛି ଓ ନା କେବେ ଭବିଷ୍ୟରେ ପ୍ରକାଶିତ ହେବ । **(ବରାହିନେ ଅହେମଦିୟା, ଭାଗ-3, ରୁହାନୀ ଖଜାଏନ, ଭାଗ-1, ପୃ-289, ବି.ଦ୍ର ନଂ-11)**

## କୌଣସି ଅବତାର ମଧ୍ୟ ଆଁହଜରତ ସ.ଅଙ୍କ ପୂର୍ଣ୍ଣତ୍ୱ ତଥା ପବିତ୍ର ଐଶୀ ଚାରିତ୍ରିକ ଗୁଣାବଳୀ ସହିତ ସମକକ୍ଷ ଓ ସମାନ ହୋଇପାରିବ ନାହିଁ ଦେବଦୂତମାନଙ୍କୁ ମଧ୍ୟ ସେହି ସ୍ଥାନ ପର୍ଯ୍ୟନ୍ତ ସମକକ୍ଷତା ପ୍ରାପ୍ତ କରିବାକୁ ସୁଯୋଗ ପ୍ରଦାନ କରାଯାଇ ନାହିଁ କି ସେମାନଙ୍କ ନିମନ୍ତେ ସ୍ଥାନ ମଧ୍ୟ ନାହିଁ

ପ୍ରକୃତ ରୂପେ କୌଣସି ଅବତାର ମଧ୍ୟ ଆଁହଜରତ ସ.ଅଙ୍କ ପୂର୍ଣ୍ଣ ତଥା ପବିତ୍ର ଐଶୀ ଚାରିତ୍ରିକ ଗୁଣାବଳୀ ସହିତ ସମକକ୍ଷ ହୋଇପାରିବ ନାହିଁ । ବରଂ ସମସ୍ତ ଦେବଦୂତମାନଙ୍କୁ ମଧ୍ୟ ସେହି ସ୍ଥନ ପର୍ଯ୍ୟନ୍ତ ସମକକ୍ଷତା ପ୍ରାପ୍ତ କରିବାକୁ ସୁଯୋଗ ପ୍ରଦାନ କରାଯାଇ ନାହିଁ କି ସେମାନଙ୍କ ନିମନ୍ତେ ସ୍ଥାନ ମଧ୍ୟ ନାହିଁ । ସୁତରାଂ କେଉଁ କାରଣ ରହିଛି ଯେ, ଅନ୍ୟ କୌଣସି ଅବତାର ଏବଂ ବ୍ୟକ୍ତିକୁ ଆଁହଜରତ ସ.ଅଙ୍କ ପୂର୍ଣ୍ଣତ୍ୱ ଚାରିତ୍ରିକ ଗୁଣାବଳୀ ସହିତ ସମକକ୍ଷତା ପ୍ରଦାନ କରାଯିବ ?

କିନ୍ତୁ ହେ ସତ୍ୟାନ୍ୱେଷୀ اَرْشَدَكَ اللّٰهُ ଅର୍ଥାତ୍ ପ୍ରଭୁ ତୁମର ମାର୍ଗଦର୍ଶନ କରନ୍ତୁ, ତୁମେ ଧ୍ୟାନର ସହିତ ଉକ୍ତ କଥାକୁ ଶୁଣ । କାରଣ ଅଶେଷ ଦୟାବାନ ପ୍ରଭୁ ଏହି ଉଦ୍ଦେଶ୍ୟ ରଖି ଆପଣ ସ.ଅଙ୍କୁ ପ୍ରେରଣ କଲେ ଯେ, ସର୍ବଦା ସେହି ସ୍ୱୀକୃତ ବାର୍ତ୍ତାବହଙ୍କର କଲ୍ୟାଣ ପ୍ରକଟିତ ହେଉଥାଉ ଓ ସର୍ବଦା ସେହି ବାର୍ତ୍ତାବହଙ୍କର ଅଲୋକ ଏବଂ ତାହାଙ୍କର ସ୍ୱୀକୃତିର ପୂର୍ଣ୍ଣ ଆଲୋକ ବିରୋଧୀମାନଙ୍କୁ ଅପରାଧୀ, ଦୋଷୀମାନଙ୍କୁ ନିରୁତ୍ତର କରି ଦେଇଥାଏ ।

ସେହିପରି ନିଜର ପୂର୍ଣ୍ଣତ୍ୱ ବିଜ୍ଞତା, ବ୍ରହ୍ମଜ୍ଞାନ ଓ ଦୟା ମାଧ୍ୟମରେ ଏହି ବ୍ୟବସ୍ଥା କରିଛନ୍ତି ଯେ, ଉମ୍ମତେ ମୁହମ୍ମଦିୟା (ଆଁହଜରତ ସ.ଅଙ୍କ ସଂପ୍ରଦାୟ ଅର୍ଥାତ୍ ମୁସଲମାନ ଧର୍ମବଲମ୍ବୀ)ର କେତେକ ସଦସ୍ୟମାନେ ଯେଉଁମାନେ ପୂର୍ଣ୍ଣ ବିନୀତତା ଏବଂ ବିନମ୍ରତାପୂର୍ବକ ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ସ୍ୱୀକାର କରନ୍ତି ଏବଂ ବିନୀତତା ଆସ୍ଥାନ ଉପରେ ପଡ଼ି ସଂପୂର୍ଣ୍ଣ ରୂପେ ନିଜକୁ ହଜାଇ ଦିଅନ୍ତି ଈଶ୍ୱର ସେମାନଙ୍କୁ ଏକ ନଶ୍ୱର ଏବଂ ପରିଷ୍କାର କାଚ ସଦୃଶ ନିଜର ପ୍ରିୟ ଅବତାରଙ୍କ କଲ୍ୟାଣ ସେମାନଙ୍କ ଅଜ୍ଞାତ ତଥା ନିଶ୍ଚିହ୍ନ ଅସ୍ତିତ୍ୱ **(ଅବଶିଷ୍ଟାଂଶ....ପୃ-20ରେ)**

(2023 ମସିହା ଜଲସା ସାଲାନା କାଦିଆନରେ ପ୍ରଦତ୍ତ ଭାଷଣ )

## ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ, ହଜ୍ଜତୁଲ୍ ୱିଦା ଅବସରରେ ଦିଆଯାଇଥିବା ଖୁତ୍‌ବା ପ୍ରକାଶରେ (ମାନବିକ ସମାନତା)।

(ଶ୍ରୀଯୁକ୍ତ ମୌଲାନା ଇନାମ ଗୌରୀ ସାହେବ, ନାଜିର୍ ଆଲା ସଦର ଅଞ୍ଜୁମନ ଅହେମଦିୟା କାଦିଆନ୍)

يَٰٓأَيُّهَا ٱلنَّاسُ ٱتَّقُوا۟ رَبَّكُمُ ٱلَّذِى خَلَقَكُم مِّن نَّفْسٍ وَٰحِدَةٍ وَخَلَقَ مِنْهَا زَوْجَهَا وَبَثَّ مِنْهُمَا رِجَالًا كَثِيرًا وَنِسَآءً ۚ وَٱتَّقُوا۟ ٱللَّهَ ٱلَّذِى تَسَآءَلُونَ بِهِۦ وَٱلْأَرْحَامَ ۚ إِنَّ ٱللَّهَ كَانَ عَلَيْكُمْ رَقِيبًا **(ଅନ୍ ନିସା: 2)** ଅନୁବାଦ- ହେ ଲୋକମାନେ ! ନିଜର ପାଳନକର୍ତ୍ତାଙ୍କୁ ଭୟ କର ଯେକି ତୁମମାନଙ୍କୁ ଗୋଟିଏ ମାତ୍ର ଜୀବରୁ ସୃଷ୍ଟି କରିଛନ୍ତି ଏବଂ ତନ୍ମଧ୍ୟରୁ ତାହାର ସାଥୀ ସୃଷ୍ଟି କରିଛନ୍ତି ଏବଂ ସେ ଉଭୟଙ୍କ ମଧ୍ୟରୁ ଅନେକ ପୁରୁଷ ଓ ନାରୀ ସୃଷ୍ଟି କରି ପୃଥିବୀରେ ବିସ୍ତାର କରିଛନ୍ତି ଏବଂ ଅଲ୍ଲାଃତାଲାଙ୍କୁ ଏଥିଯୋଗୁଁ ମଧ୍ୟ ଭୟ କର ଯାହାଙ୍କ ନାମରେ ତୁମେମାନେ ପରସ୍ପରର ସାହାଯ୍ୟ ଭିକ୍ଷା କରୁଅଛ ଏବଂ ବିଶେଷତଃ ବନ୍ଧୁବାନ୍ଧବମାନଙ୍କ ମାମଲା ସଂକ୍ରାନ୍ତରେ ଅଲ୍ଲାଃଙ୍କୁ ଭୟ କର । ଅଲ୍ଲାଃ ନିଶ୍ଚୟ ତୁମମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି ।

يَٰٓأَيُّهَا ٱلنَّاسُ إِنَّا خَلَقْنَٰكُم مِّن ذَكَرٍ وَأُنثَىٰ وَجَعَلْنَٰكُمْ شُعُوبًا وَقَبَآئِلَ لِتَعَارَفُوٓا۟ ۚ إِنَّ أَكْرَمَكُمْ عِندَ ٱللَّهِ أَتْقَىٰكُمْ ۚ إِنَّ ٱللَّهَ عَلِيمٌ خَبِيرٌ **(ଅଲ୍ ହୁଜୁରାତ: 14)** ଅନୁବାଦ- ହେ ଲୋକମାନେ ! ଆମ୍ଭେ ତୁମମାନଙ୍କୁ ପୁରୁଷ ଓ ନାରୀଙ୍କ ଠାରୁ ସୃଷ୍ଟି କରିଅଛୁ ଏବଂ ତୁମମାନଙ୍କୁ ଅନେକ ଜାତି ଓ ବଂଶରେ ବିଭକ୍ତ କରିଅଛୁ । ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନି ପାରିବ । ତୁମମାନଙ୍କ ମଧ୍ୟରୁ ଯେ ସବୁଠାରୁ ଅଧିକ ଧର୍ମପରାୟଣ ସେ ଅଲ୍ଲାଃତାଲାଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ । ଅଲ୍ଲାଃ ନିଶ୍ଚିତ ରୂପେ ସର୍ବଜ୍ଞ ଓ ସର୍ବଜ୍ଞତା ।

قُلْ إِنَّمَآ أَنَا۠ بَشَرٌ مِّثْلُكُمْ يُوحَىٰٓ إِلَىَّ أَنَّمَآ إِلَٰهُكُمْ إِلَٰهٌ وَٰحِدٌ **(ଅଲ୍ କହଫ: 111)** ଅନୁବାଦ୍- ତୁମ୍ଭେ ସେମାନଙ୍କୁ କୁହ ! ଆମ୍ଭେ ତୁମମାନଙ୍କ ସଦୃଶ ଜଣେ ମାନବ ମାତ୍ର କେବଳ ଏତିକି ପ୍ରଭେଦ ଯେ, ଆମ ପ୍ରତି ଓହି ପ୍ରେରିତ ହେଉଅଛି ଯେ, ଏକମାତ୍ର ଉପାସ୍ୟ ଅଲ୍ଲାଃ ହିଁ ତୁମମାନଙ୍କର ପ୍ରକୃତ ଉପାସ୍ୟ ।

ଇସ୍‌ଲାମୀୟ ସମାନତା ଏବଂ ଦର୍ଶନର ସାରାଂଶ ଉପରୋକ୍ତରେ ବର୍ଣ୍ଣିତ କେତୋଟି ଆୟତ୍‌ରେ ଆସିଯାଇଥାଏ ଯାହାର ଆବୃତ୍ତି ମୁଁ ବର୍ତ୍ତମାନ କରିଅଛି ଓ ଅନୁବାଦ ଶୁଣାଇଅଛି । ସୁରାଃ ନିସାର ଆୟତ୍‌ରେ ଅଲ୍ଲାଃତାଲା ମନୁଷ୍ୟଙ୍କୁ ସେହି ସାର୍ବକାଳୀନ ବାସ୍ତବତା ଆଡ଼କୁ ଧ୍ୟାନ ଆକର୍ଷଣ କରି କହିଲେ, ମନୁଷ୍ୟମାନେ ସମସ୍ତେ ଗୋଟିଏ ପିତାର ସନ୍ତାନ ଅଟନ୍ତି ଓ ଗୋଟିଏ ବୃକ୍ଷର ଡାଳ ଅଟନ୍ତି । ଅଲ୍ଲାଃତାଲା ସଂସାରରେ ପ୍ରକୃତ ସମାନତାର ମୂଳଦୂଆ ସ୍ଥାପନ କରିଦେଇଛନ୍ତି ଏବଂ ସେହି ନୀତି ଚିହ୍ନଟ କରି ଦେଇଛନ୍ତି ଯେ, ସେ ପଛେ ପରବର୍ତ୍ତୀ ପରିସ୍ଥିତି ଯୋଗୁଁ ବିଭିନ୍ନ ମନୁଷ୍ୟ ଏବଂ ବିଭିନ୍ନ ଜାତି ଓ ବିଭିନ୍ନ ଶ୍ରେଣୀମାନଙ୍କ ମଧ୍ୟରେ କେତେକ ପ୍ରଭେଦ ହୋଇଥାଉ ପଛେ ସେମାନଙ୍କୁ ପାରସ୍ପାରିକ ପ୍ରସଙ୍ଗରେ ଉକ୍ତ ପ୍ରସଙ୍ଗକୁ ମଧ୍ୟ ଅଣଦେଖା କରିବା ଉଚିତ୍ ନୁହଁ । ସେ ଯାହା ହେଉ ନିଜର ପ୍ରକୃତ ସାମର୍ଥ୍ୟତା ତଥା ମର୍ଯ୍ୟାଦା ଦୃଷ୍ଟିରୁ ସେମାନେ ଗୋଟିଏ ହଳ (Pair) ବଂଶଧର ବା ପ୍ରଜାତି ଅଟନ୍ତି ।

ସୁରାଃ ହୁଜୁରାତର ଆୟତ୍‌ରେ ଅତିରିକ୍ତ ବ୍ୟାଖ୍ୟା କରିଦେଇଛନ୍ତି ଯେ, ମନୁଷ୍ୟ ସମାଜରେ ଏ ଯେଉଁ ବିଭିନ୍ନ ପ୍ରକାରର ଜାତି ଓ ବିଭିନ୍ନ ସଂପ୍ରଦାୟର ପ୍ରଭେଦ ଓ ବିଭାଗୀକରଣ ପରିଲକ୍ଷିତ ହେଉଛି ଏହା କେବଳ ପରିଚୟ ଓ ଚିହ୍ନିବାର ଏକ ମାଧ୍ୟମ ମାତ୍ର । ଉକ୍ତ ପ୍ରକାର ଭେଦକୁ ପରସ୍ପର ବୀପରୀତରେ ଗର୍ବ, ଅହଂଭାବର ମାଧ୍ୟମ ରୂପେ କରିନିଅ ନାହିଁ । ମନେରଖ ଈଶ୍ୱରଙ୍କ ନିକଟରେ ଏବଂ ଏକ ପୁଣ୍ୟବାନ ସଦାଚାରୀ ସମାଜ ନିକଟରେ ମଧ୍ୟ ଅତ୍ୟନ୍ତ ସମ୍ମାନିତ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ବ୍ୟକ୍ତିଗତ ରୂପେ ଅଧିକ ପ୍ରଶଂସନୀୟ ବିଶେଷତାର ଅଧିକାରୀ ଓ ଧର୍ମପରାୟଣ ଓ ସଚ୍ଚରିତ୍ର ବ୍ୟକ୍ତି ହୋଇଥିବ ।

ମାନବ ଜାତିର କଲ୍ୟାଣ ସାଧନକାରୀ, ପରୋପକାରୀ ବ୍ୟକ୍ତି ପୁଣ୍ୟଶ୍ଳୋକ ହ. ମୁହମ୍ମଦ ମୁସ୍ତଫା ସ.ଅ إِنَّمَآ أَنَا۠ بَشَرٌ مِّثْلُكُمْ କହି କହିଲେ, ମନେରଖ ! ଆମ୍ଭେ ତୁମମାନଙ୍କ ସଦୃଶ ଜଣେ ମାନବ ମାତ୍ର । ମାନବତାର ମର୍ଯ୍ୟାଦାକୁ ସେହି ଶୀର୍ଷ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛନ୍ତି ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଜି ସଂସାର ଅଶାନ୍ତିର ଶିକାର ହୋଇଛି । ଏହାର ସବୁଠୁ ବଡ଼ କାରଣ ହେଉଛି ଧାର୍ମିକ ଘୃଣାଭାବ, ଅସହିଷ୍ଣୁତା ଏବଂ ଅନ୍ୟର ପବିତ୍ର ଅସ୍ତିତ୍ୱର ବିଭେଦତା ଏବଂ ବର୍ଣ୍ଣ ବୈଷମ୍ୟ ଓ ବଂଶର ପ୍ରଭେଦ ରହିଛି । କେଉଁଠି ଶ୍ୱେତ ବର୍ଣ୍ଣ ଏବଂ କେଉଁଠି କୃଷ୍ଣ ବର୍ଣ୍ଣ ପାଇଁ କଳହ ହେଉଛି । କେଉଁଠି ଧନବାନ୍ ତଥା ଧନୀକ ବ୍ୟକ୍ତି ସହିତ ମୂଲିଆ ଶ୍ରମିକର କଳହ ରହିଛି । କେଉଁଠି ଜାତୀୟ ଶ୍ରେଷ୍ଠତାର ଧାରଣା ରହିଛି ତ' କେଉଁଠି ମନୁଷ୍ୟମାନଙ୍କୁ ତୁଚ୍ଛ କରି ଦେଖାଇବାକୁ ପ୍ରୟାସ ଚାଲିଛି। ଏହିଭଳି ଭାବରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଘୃଣା ଭାବର ପ୍ରାଚୀର ଦଣ୍ଡାୟମାନ (ଛିଡ଼ା) ହୋଇ ରହିଛି ।

ଉକ୍ତ ପୃଷ୍ଠଭୂମିରେ ଆଜି ଚାରିଆଡ଼େ ସାମ୍ୟତା ଏବଂ ସମାନତାର ଚର୍ଚ୍ଚା ଜାରି ରହିଛି। ବ୍ୟବହାରିକ ରୂପେ ଏହି ସବୁଜ ଉଦ୍ୟାନର ପ୍ରତିଷ୍ଠା କେତେ ଦୂର ପର୍ଯ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ସମ୍ଭବପର ଏବଂ କିପରି ହୋଇପାରିବ, ଭୂପୃଷ୍ଠୀୟ କେଉଁ ସତ୍ୟତାର ଛବି ଉପସ୍ଥାପିତ କରୁଛନ୍ତି ତା'ର ବିସ୍ତୃତ ବିବରଣୀ ଏହି ସ୍ୱଳ୍ପ ସମୟ ମଧ୍ୟରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । କିନ୍ତୁ ଘୋଷଣା ତଥା ପ୍ରପୋଗେଣ୍ଡାକୁ ଅସ୍ୱୀକାର କରା ଯାଇପାରିବ ନାହିଁ । ବିକଶିତ ରାଷ୍ଟ୍ରମାନଙ୍କରେ ମଧ୍ୟ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ସାମ୍ୟତା ଏବଂ ସମାନତା ସ୍ଥାପନ କରିବା ନିମନ୍ତେ ସୁଖକର ଘୋଷଣାମାନ ବିଦ୍ୟମାନ ରହିଛି । ସେ ପଛେ ଗଣତାନ୍ତ୍ରିକ ବ୍ୟବସ୍ଥା ହେଉ ଏବା ସାମାଜିକବାଦୀ ବ୍ୟବସ୍ଥା କିମ୍ବା ସଂହତିକ ବ୍ୟବସ୍ଥା ହେଉ । ସମସ୍ତଙ୍କର ଦାବି ସମାନତ ପ୍ରତିଷ୍ଠା କରିବା ଅଟେ । ଉଦାହରଣ ସ୍ୱରୂପ ଧନୀ ଓ ଦରୀଦ୍ରର ବାଛ ବିଚାର (ପ୍ରଭେଦ)କୁ ସମାପ୍ତ ଯଦି କରିଦିଆଯାଏ, ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ସମାନତା ଓ ସାମ୍ୟତା ସ୍ଥାପନ କରାଯାଏ, ଶାସକ ଓ ଶାସିତ, ମାଲିକ ଓ ଶ୍ରମିକକୁ ଗୋଟିଏ ଧାଡ଼ିରେ ଛିଡ଼ା କରିଦିଆଯାଏ ଇତ୍ୟାଦି ଇତ୍ୟାଦି କାର୍ଯ୍ୟ କଲେ ସମାନତା ପ୍ରତିଷ୍ଠା ହୋଇପାରିବ ।

ବ୍ୟବହାରିକେ ରୂପେ ସମାନତା ସ୍ଥାପନ କରିବା ସକାଶେ ସର୍ବପ୍ରଥମେ ଉକ୍ତ ପ୍ରସଙ୍ଗର ନିଷ୍ପତ୍ତି ନେବା ଉଚିତ ଯେ, କେଉଁ ପ୍ରସଙ୍ଗରେ ମାନବଜାତି ମଧ୍ୟରେ ସମାନତା ଏବଂ ସାମ୍ୟତା ସ୍ଥାପନ କରାଯାଇ ପାରିବ ? ଯଦି ସାମ୍ୟତା ରକ୍ଷା କରାଯାଇ ପାରିବ ତେବେ କେତେ ଦୂର ପର୍ଯ୍ୟନ୍ତ ସାମ୍ୟତ ଓ ସମାନତା ରକ୍ଷା କରାଯାଇ ପାରିବ ।

ଏଥି ନିମନ୍ତେ ଆମମାନଙ୍କୁ ଈଶ୍ୱରଙ୍କର ଯେଉଁ ବିଶେଷ ମୌଳିକ ଗୁଣାବଳୀ ରହିଛି ଯଥା- ଅଶେଷ ଦୟାବାନତ୍ୱ, ସଦା କରୁଣାମୟତ୍ୱ ଓ ବିଚାର ଦିବସର ପ୍ରଭୁ ଇତ୍ୟାଦି ବିଶେଷ ଗୁଣାବଳୀକୁ ବୁଝିବାର ଆବଶ୍ୟକତା ରହିଛି । କେବଳ ପ୍ରଥମ ବିଶେଷ ଗୁଣାବଳୀକୁ ହିଁ ଯଦି ନିଆଯାଏ ତେବେ ପବିତ୍ର କୁରଆନ୍ କରୀମ୍ ଅଲ୍ଲାଃତାଲାଙ୍କୁ ବିଶ୍ୱ ବ୍ରହ୍ମାଣ୍ଡର ପାଳନ କର୍ତ୍ତା ରୂପେ ବିବେଚିତ କରିଅଛି । ଅର୍ଥାତ୍ ଅଲ୍ଲାଃତାଲା ସକାଳ ବ୍ରହ୍ମାଣ୍ଡର, ସମସ୍ତ ଜୀବ ଜଗତର ପାଳନ କର୍ତ୍ତା ଓ ପ୍ରଭୁ ଅଟନ୍ତି । ଅଲ୍ଲାଃତାଲା କେବଳ ରବ୍‌ବୁଲ୍ ମୁସ୍‌ଲିମିନ୍ ଅର୍ଥାତ୍ ମୁସଲମାନମାନଙ୍କର ପାଳନକର୍ତ୍ତା ନୁହନ୍ତି, ରବ୍‌ବୁଲ୍ ମସିହିନ୍ ଅର୍ଥାତ୍ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ପାଳକର୍ତ୍ତା ନୁହନ୍ତି କିମ୍ବା ହନୁଦ୍ ଅର୍ଥାତ୍ ହିନ୍ଦୁମାନଙ୍କର ପାଳନକର୍ତ୍ତା ନୁହନ୍ତି । ବରଂ ଅଲ୍ଲାଃତାଲାଙ୍କର ଆକାଶୀୟ ବ୍ୟବସ୍ଥା ଓ ଭୂପୃଷ୍ଠୀୟ ବ୍ୟବସ୍ଥା ତାହାଙ୍କର ପାଳନକର୍ତ୍ତା ଓ ଅଶେଷ ଦୟାବାନର ବିଶେଷତ୍ୱ ଅଧୀନ ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଭାବରେ ଉପକାର ସାଧାନ କୁରଛନ୍ତି । କୌଣସି ବ୍ୟେକ୍ତି ଈଶ୍ୱରଙ୍କୁ ସ୍ୱୀକାର କରୁ ଅବା ନକରୁ ଏବଂ ଯେପରି ପ୍ରଭୁଙ୍କ ସୂର୍ଯ୍ୟ ଓ ଚନ୍ଦ୍ର ସମସ୍ତଙ୍କୁ ଆଲୋକ ପ୍ରଦାନ କରିଥାଏ, ସେହି ପ୍ରଭୁଙ୍କ ଭୂମି, ତାହାଙ୍କ ନଦ ନଦୀ, ପାହାଡ଼ ପର୍ବତ ଇତ୍ୟାଦି ପ୍ରତ୍ୟେକଟି ବସ୍ତୁ ବିନା କୌଣସି ବାଛ ବିଚାରରେ ପ୍ରଭୁ ସମସ୍ତଙ୍କର ଉପକାର ସାଧନ କରୁଛନ୍ତି ।

ଏହା ତ' ଶାରୀରିକ ଲାଳନ ପାଳନ ଏବଂ ବୃଦ୍ଧି ବିକାଶ ଜନିତ ସାଧନ ଅଟନ୍ତି । ସେହିପରି ଆଧ୍ୟାତ୍ମିକ ବୃଦ୍ଧି ଏବଂ ବିକାଶ ସକାଶେ ମଧ୍ୟ ଈଶ୍ୱର କୌଣସି ଜାତି କି ସଂପ୍ରଦାୟ ମଧ୍ୟରେ କୌଣସି ପ୍ରଭେଦ ତଥା ବାଛ ବିଚାର କରି ନାହାନ୍ତି । ପ୍ରତ୍ୟେକ ଜାତିରେ ନିଜର ବାର୍ତ୍ତାବହ ଓ ମାର୍ଗଦର୍ଶକ ପ୍ରେରଣ କରିଛନ୍ତି । ସୁତରାଂ ଯେପରିକି ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି وَلِكُلِّ أُمَّةٍ رَّسُولٌ **(ଅଲ୍ ୟୁନୁସ୍: 48)** ଅର୍ଥାତ୍ ପ୍ରତ୍ୟେକ ସଂପ୍ରଦାୟ ପାଇଁ ଜଣେ ନା ଜଣେ ରସୁଲ୍ ଆସିବା ବିଧେୟ । ସେହିପରି ଅନ୍ୟ ଏକ ଆୟତ୍‌ରେ ଅଲ୍ଲାଃତାଲା କୁହନ୍ତି وَلِكُلِّ قَوْمٍ هَادٍ **(ଅର୍ ରାଆଦା:8)** ଅର୍ଥାତ୍ ପ୍ରତ୍ୟେକ ଜାତି ପାଇଁ ଅଲ୍ଲାଃଙ୍କ ପକ୍ଷରୁ ଜଣେ ଲେଖାଏଁ ପଥ ପ୍ରଦର୍ଶକ ପ୍ରେରିତ ହୋଇଛନ୍ତି । ଉପରୋକ୍ତ ଆୟତ୍ ଉକ୍ତ କଥାର ସାକ୍ଷ୍ୟ ଅଟନ୍ତି ଯେ, ଅଲ୍ଲାଃତାଲା ଯେକି ସମଗ୍ର ଜଗତ ଓ ବିଶ୍ୱ ବ୍ରହ୍ମାଣ୍ଡର ପାଳନ କର୍ତ୍ତା ଅଟନ୍ତି ସେ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରେ ନିଜର ମାର୍ଗଦର୍ଶକ ଏବଂ ବାର୍ତ୍ତାବହଙ୍କୁ ପ୍ରେରଣ କରିଅଛନ୍ତି ।

ସେହି ବାର୍ତ୍ତାବହଙ୍କ ମଧ୍ୟରେ ସମାନତା ତଥା ସାମ୍ୟତା ରକ୍ଷା କରିଛନ୍ତି । ଅତଏବ୍ ଅଲ୍ଲାଃତାଲା ଏଥି ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି لَا نُفَرِّقُ بَيْنَ أَحَدٍ مِّن رُّسُلِهِۦ **(ସୁରାଃ ବକରାହ୍: 286)** ଅର୍ଥାତ୍ ଆମେ (ମୁସଲମାନମାନେ) ତାଙ୍କ ରସୁଲମାନଙ୍କ ମଧ୍ୟରୁ କାହାରି ମଧ୍ୟରେ କୌଣସି ପ୍ରଭେଦ ବା ତାରତମ୍ୟ କରୁ ନାହୁଁ। ଅର୍ଥାତ୍ ଅବତାରତ୍ୱର ମର୍ଯ୍ୟାଦା ଦୃଷ୍ଟିରୁ ସମସ୍ତେ ସମାନ୍ ଅଟନ୍ତି । ହଁ ସେମାନଙ୍କର ଦାୟିତ୍ୱାବଳୀ ଓ କାର୍ଯ୍ୟ କରିବାର ପରିଧି ଦୃଷ୍ଟିରୁ ନିଃସନ୍ଦେହ ରୂପେ ସେମାନଙ୍କ ମର୍ଯ୍ୟାଦାରେ ପାର୍ଥ୍ୟକତା ବିଦ୍ୟମାନ ରହିଛି ।

ସମ୍ମାନିତ ଶ୍ରୋତାମଣ୍ଡଳୀମାନେ ! ବର୍ତ୍ତମାନ ବିନୀତ ମାନବ ଜାତିର ସୃଷ୍ଟି ଅର୍ଥାତ୍ ଜନ୍ମ ଓ ତାହାର ଶାରୀରୀକ ଏବଂ ବୌଦ୍ଧିକ ସମାର୍ଥ୍ୟତାକୁ ଦୃଷ୍ଟିରେ ରଖି ଅଧିକାର ଓ କାର୍ଯ୍ୟ ଶୈଳୀ ଦୃଷ୍ଟିରୁ ସମାନତା ସଂପର୍କରେ ଅଧିକ ବ୍ୟାପକତା ଓ ବ୍ୟାଖ୍ୟାକୁ ନଯାଇ ପୁଣ୍ୟଶ୍ଳୋକ ସୟେଦନା ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ଖୁତ୍‌ବା ହଜ୍ଜତୁଲ୍ ୱିଦା ଅବସରରେ ପ୍ରଦତ୍ତ ଖୁତ୍‌ବା ପ୍ରକାଶରେ କେତେକ ପ୍ରସଙ୍ଗ ସଂକ୍ଷିପ୍ତ ଭାବରେ ଆଲୋଚନା କରିବ । ଏକଥା ମନେରଖିବା ଉଚିତ୍ ଯେ, ପୁଣ୍ୟଶ୍ଳୋକ ସୟେଦନା ହ. ମୁହମ୍ମଦ୍ ମୁସ୍ତଫା ସ.ଅ ସନ୍ ୨ ହିଜ୍ରୀରେ ବୈତୁଲ୍ଲାଃ (ଖାନା କାଆବା)ର ହଜ୍

କରିଥିଲେ ଓ ବର୍ଣ୍ଣନାନୁଯାୟୀ ଉକ୍ତ ହଜ୍ ଅବସରରେ ଏକ ଲକ୍ଷ 24 ହଜାରର ଉର୍ଦ୍ଧ୍ୱ ସାହାବାଗଣ ଉକ୍ତ ହଜ୍ ତୀର୍ଥରେ ସାମିଲ ଥିଲେ । ଏହା ଆଁହଜରତ୍ ସ.ଅଙ୍କର ପ୍ରଥମ ଓ ଶେଷ ହଜ୍ ଥିଲା । ସେଇଁଥି ପାଇଁ ଉକ୍ତ ହଜର ନାମକରଣ ହଜ୍ଜତୁଲ୍ ୱିଦା ହୋଇଛି ଏବଂ ଏହା ହଜ୍ଜତୁଲ୍ ୱିଦା ରୂପେ ଖ୍ୟାତ ଅଟେ ।

ଉକ୍ତ ହଜ୍‌ରେ ହୁଜୁର ସ.ଅ ଅରଫାତ୍ ଓ ମିନାର ପଡ଼ିଆରେ ଦୀର୍ଘ ଖୁତ୍‌ବା (ଉଦ୍‌ବୋଧନ) ଦେଇଥିଲେ ଯାହା ବିଭିନ୍ନ ବର୍ଣ୍ଣନା ମାଧ୍ୟମରେ ବୁଖାରୀ, ମସ୍‌ନଦ୍ ଅହେମଦ ବିନ୍ ହମ୍ବଲ୍ ଇତ୍ୟାଦି ହଦିସ୍ ପୁସ୍ତକମାନଙ୍କରେ ଉଲ୍ଲିଖିତ ହୋଇଛି । ଉକ୍ତ ଖୁତ୍‌ବାଟି ଭିତ୍ତିଭୂମି ବା ମୌଳିକ ଦୃଷ୍ଟିରୁ ମାନବିକ ବିକାଶ ଓ ଉନ୍ନତି ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ଆଗାମୀ ବଂଶଧରମାନଙ୍କର ଶିକ୍ଷା ଓ ସଂସ୍କାରର ବିଭିନ୍ନ ପକ୍ଷ ଦୃଷ୍ଟିରୁ କେବଳ ମାନବିକ ସମାନତାର ପକ୍ଷକୁ ଦୃଷ୍ଟିରେ ରଖି ସେହି ବୁଦ୍ଧି ଦୀପ୍ତ ଏବଂ ଚକ୍ଷୁବର୍ଦ୍ଧକ ଖୁତ୍‌ବାର କେତେକ ଆଲେଖ୍ୟର ଅନୁବାଦ ଉପସ୍ଥାପିତ କରି କିଛି କହିବି ।

11 ଜୁଲ୍ ହଜ୍ଜା ଦିନ ମିନାର ପଡ଼ିଆରେ ଆଁହଜରତ ସ.ଅ ଉଦ୍‌ବୋଧନ ଦେଇଥିଲେ ଏବଂ ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ, "ହେ ଲୋକମାନେ ! ମୋ କଥାକୁ ଭଲ ଭାବରେ ଶୁଣ ! କାରଣ ମୁଁ ଜାଣେ ନାହିଁ ଯେ, ଚଳିତ ବର୍ଷ ପରେ ମୁଁ ତୁମମାନଙ୍କ ମଧ୍ୟରେ ଉକ୍ତ ପଡ଼ିଆରେ ଛିଡ଼ା ହୋଇ ଭାଷଣ ଦେବି ଅବା ନୁହେଁ ?"

"ହେ ଲୋକମାନେ ! ତୁମମାନଙ୍କର ପାଳନକର୍ତ୍ତା ଏକ ଅଟନ୍ତି ଓ ତୁମର ପିତା ମଧ୍ୟ ଜଣେ ଥିଲେ । ଅତଃ ହୁଶିଆର (ସତର୍କ) ହୋଇ ଶୁଣିନିଅ ! କାରଣ ଆରବୀୟମାନଙ୍କୁ ଅଣ ଆରବୀୟମାନଙ୍କ ଉପରେ କୌଣସି ଶ୍ରେଷ୍ଠତା ନାହିଁ ଓ ନାହିଁ ଅଣଆରବୀୟମାନଙ୍କୁ ଆରବ୍ୟମାନଙ୍କ ଉପେରେ କୌଣସି ଶ୍ରେଷ୍ଠତା ରହିଛି। ସେହିପରି ଲୋହିତମାନଙ୍କୁ ଶ୍ୱେତ ବର୍ଣ୍ଣ ବ୍ୟକ୍ତିମାନଙ୍କ ଉପରେ ଓ କୃଷ୍ଣ ବର୍ଣ୍ଣଙ୍କୁ ଶ୍ୱେତ ବର୍ଣ୍ଣ ବ୍ୟକ୍ତିଙ୍କ ଉପରେ କୌଣସି ଶ୍ରେଷ୍ଠତା ନାହିଁ । ହଁ ସେହି ଉଭୟ ବର୍ଣ୍ଣର ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବ୍ୟକ୍ତିଗତ ଭାବରେ ପୁଣ୍ୟ ତଥା ସତ୍‌କର୍ମରେ ଆଗକୁ ବଢିଯାଏ ବା ଅଗ୍ରସର ହୁଏ ତେବେ ସେହି ବ୍ୟକ୍ତି ହିଁ ଶ୍ରେଷ୍ଠ ଓ ଉତ୍ତମ ଅଟେ।"

"ହେ ମୁସଲମାନମାନେ ! ଈଶ୍ୱର ବିଶ୍ୱାସ ମାଧ୍ୟମରେ ତୁମମାନଙ୍କ ମଧ୍ୟରେ ଥିବା ଅଶିକ୍ଷିତ ଯୁଗର ବାଜ୍ୟ ଓ ବ୍ୟର୍ଥ ଗର୍ବ, ଅହଂକାରକୁ ଏବଂ ପିତୃପିତାମହଙ୍କ ଯୋଗୁଁ ତୁମମାନଙ୍କ ମଧ୍ୟରେ ଥିବା ଅଯଥା ଗର୍ବ ତଥା ଅହଂକାରକୁ ଦୂରୀଭୂତ କିରଦେଇଛନ୍ତି। ମନେରଖ ! ସମସ୍ତ ଲୋକମାନେ ହ. ଆଦମ୍‌ଙ୍କର ସନ୍ତାନ ଅଟନ୍ତି ଏବଂ ଆଦମ୍ ଅ.ସ ମାଟିରୁ ହିଁ ସୃଷ୍ଟି ହୋଇଥିଲେ ।"

ସେହିପରି ଆପଣ ସ.ଅ କହିଲେ, "ସଂସାରର ଲୋକମାନେ ଖଣି ଖାଦାନ ପରି ଅଟନ୍ତି । ସେମାନେ ଏକ ପ୍ରକାରର ପଞ୍ଚଭୂତ (ଅଗ୍ନି, ଜଳ, ବାୟୁ, ମୃତ୍ତିକା ଏବଂ ଆକାଶ) ଅର୍ଥାତ୍ ଅସ୍ତିତ୍ୱ ହେବା ସତ୍ତ୍ୱେ ଗୋଟିଏ ମାଟି ତଳେ ହିଁ ଦବି ରହି ଧୀରେ ଧୀରେ ବିଭିନ୍ନ ରଙ୍ଗ ଓ ବିଭିନ୍ନ ଗୁଣାବଳୀ ଅବଲମ୍ବନ କରିନେଇ ଥାଆନ୍ତି । କିନ୍ତୁ ଶୁଣିନିଅ ଯେ, ଉନ୍ନତି ଓ ଆତ୍ମ ବଡ଼ିମାରେ ଯେଉଁ ଜଣାଶୁଣା ଲକ୍ଷଣ ଇସ୍‌ଲାମ୍ ଧର୍ମ ପୂର୍ବରୁ ଅଶିକ୍ଷିତ ଯୁଗରେ ମନେ କରାଯାଉଥିଲା (ଅର୍ଥାତ୍ ବୁଦ୍ଧି, ବିବେକ, ଚାତୁର୍ଯ୍ୟତା, ପରୋପକାରୀ ବଦାନ୍ୟତା, ସାହସିକତା, ଶକ୍ତି, ସାମର୍ଥ୍ୟତାର ପ୍ରଭାବ ଇତ୍ୟାଦି) ସେହି ସବୁ ଲକ୍ଷଣ ବର୍ତ୍ତମାନ ମଧ୍ୟ ଅବ୍ୟାହତ ରହିଛି । ଯେଉଁ ଲୋକମାନେ ଉପରୋକ୍ତ ଲକ୍ଷଣ ଯୋଗୁଁ ଅଶିକ୍ଷିତ ଯୁଗରେ ବଡ଼ ବୋଲି ମନେହେଉଥିଲେ ସେମାନେ ବର୍ତ୍ତମାନ ଇସ୍‌ଲାମ୍ ଧର୍ମରେ ମଧ୍ୟ ବଡ଼ ବୋଲି ମନେକରାଯିବେ । କିନ୍ତୁ ସର୍ତ୍ତ ଏହିକି ଯେ, ସେମାନେ ଧାର୍ମିକ ଶିକ୍ଷା ଓ ବ୍ୟକ୍ତିଗତ ପୁଣ୍ୟ ଅବଲମ୍ବନ କରି ନିଅନ୍ତୁ । "

ଆପଣ ସ.ଅ ପୁନଶ୍ଚ କୁହନ୍ତି, "ହେଲେ ଲୋକମାନେ ! ତୁମମାନଙ୍କର କେତେକ ଅଧିକାର ତୁମ ପତ୍ନିଙ୍କ ଉପରେ ମଧ୍ୟ ରହିଛି ଓ ପତ୍ନିମାନଙ୍କର କେତେକ ଅଧିକାର ତୁମ ଉପରେ ମଧ୍ୟ ରହିଛି । ପତ୍ନିମାନଙ୍କ ଉପରେ ତୁମର ଏହି ଅଧିକାର ରହିଛି ଯେ, ସେମାନେ ସତୀ ସାବିତ୍ରୀ ହୋଇ ପବିତ୍ର ଜୀବନ ଯାପନ କରନ୍ତୁ........ଏବଂ ତୁମମାନଙ୍କର ଏହି ଦାୟିତ୍ୱ ରହିଛି ଯେ, ତୁମେମାମେନ ନିଜର ସମାର୍ଥ୍ୟାନୁଯାୟୀ ସେମାନଙ୍କର ଖାଦ୍ୟ ପେୟ, ବସ୍ତ୍ର, ବାସଗୃହ ଇତ୍ୟାଦିର ବ୍ୟବସ୍ଥା କର ।

ଏହା ମନେରଖ ! ନିଜ ପତ୍ନି ସହିତ ସର୍ବଦା ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବ। କାରଣ ସେମାନଙ୍କର ଧ୍ୟାନ ରଖିବାର ଦାୟିତ୍ୱ ଅଲ୍ଲାଃତାଲା ତୁମମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି । ତୁମେମାନେ ଯେତେବେଳେ ସେମାନଙ୍କ ସହିତ ବିବାହ କଲ ସେତେବେଳେ ସେମାନଙ୍କର ଅଧିକାର ସମ୍ପାଦ କରିବା ପାଇଁ ତୁମକୁ ଈଶ୍ୱରଙ୍କ ସାକ୍ଷୀ ବା ଜାମିନ ରଖିଥିଲ ଏବଂ ଈଶ୍ୱରଙ୍କ ନିୟମାନୁଯାୟୀ ତୁମେମାନେ ସେମାନଙ୍କୁ ନିଜର ଘରେ ବିବାହ କରି ଆଣିଥିଲ । (ଅତଏବ୍ ଈଶ୍ୱରଙ୍କ ଜାମିନ୍ ଓ ସାକ୍ଷୀକୁ ତୁଚ୍ଛ କରିଦେବ ନାହିଁ ଏବଂ ପତ୍ନିମାନଙ୍କର ଅଧିକାର ସମ୍ପାଦନ କରିବା ପାଇଁ ସର୍ବଦା ଚିନ୍ତିତ ରହିବ ଓ ଚେଷ୍ଟିତ ରହିବ)

"ହେ ଲୋକମାନେ ! ତୁମ ହସ୍ତରେ ବର୍ତ୍ତମାନ କେତେକ ଯୁଦ୍ଧ କଏଦୀ ବନ୍ଦୀ ଅବସ୍ଥାରେ ଅଛନ୍ତି । ମୁଁ ତୁମମାନଙ୍କୁ ଉକ୍ତ ଉପଦେଶ ଦେଉଛି ଯେ, ତୁମେମାନେ ସେମାନଙ୍କୁ ତାହା ଖୁଆଅ ଯାହା ତୁମେ ନିଜ ଖାଉଛ ଓ ସେମାନଙ୍କୁ ତାହା ପିନ୍ଧାଅ ଯାହା ତୁମେ ନିଜେ ପରିଧାନ କରୁଛ ବା ପିନ୍ଧୁଛ । ସେମାନଙ୍କ ଦ୍ୱାରା ଯଦି କୌଣସି ଦୋଷ ତ୍ରୁଟି ସମ୍ପାଦିତ ହୋଇଯାଏ ଯାହାକୁ ତୁମ କ୍ଷମା କରି ପାରିବ ନାହିଁ ଅର୍ଥାତ୍ ଅକ୍ଷମଣୀୟ ତେବେ ସେପରିପ୍ରେକ୍ଷୀରେ ତୁମେ ସେମାନଙ୍କୁ ଅନ୍ୟ ନିକଟରେ ବିକ୍ରି କରିଦିଅ । କାରଣ ସେମାନେ ଈଶ୍ୱରଙ୍କ ଭକ୍ତ ଅଟନ୍ତି ଏବଂ ସେମାନଙ୍କୁ କଷ୍ଟ ଦେବା କୌଣସି ସ୍ଥଳେ ଉଚିତ୍ ନୁହଁ ।"

"ହେ ଲୋକମାନେ ! ପ୍ରତ୍ୟେକ ମୁସଲମାନ ଅନ୍ୟ ମୁସଲମାନର ଭାଇ ଅଟେ। ତୁମେମାନେ ସମସ୍ତେ ଗୋଟିଏ ଶ୍ରେଣୀର ଅଟ । ଅର୍ଥାତ୍ ତୁମେମାନେ ସମସ୍ତେ କୌଣସି ଜାତି, କୌଣସି ସାମର୍ଥ୍ୟାର ଅଧିକାରୀ ହୋଇଥାଉ ପଛେ । କିନ୍ତୁ ମନୁଷ୍ୟ ହେବା ଦୃଷ୍ଟିରୁ ଗୋଟିଏ ଶ୍ରେଣୀର ଅଟ । ଉକ୍ତ କଥା କହି ଆପଣ ସ.ଅ ନିଜର ଦୁଇ ହାତକୁ ଉଠାଇଲେ ଏବଂ ଦୁଇ ହାତର ଆଙ୍ଗୁଠି ମିଶାଇଦେଲେ ଏବଂ କହିଲେ ଯେପରି ଏହି ଦୁଇ ହାତର ଆଙ୍ଗୁଠି ପରସ୍ପର ମଧ୍ୟରେ ସମାନ ଅଟନ୍ତି । ଠିକ୍ ସେହିପରି ତୁମେ ସମସ୍ତେ ମାନବ ଜାତି ଅଟ ଓ ସମାନ ଅଟ । ତୁମେମାନେ ପରସ୍ପର ଉପରେ ଅର୍ଥାତ୍ ପରସ୍ପରକୁ ଅନ୍ୟ ଉପେରେ ଶ୍ରେଷ୍ଠ ବୋଲି ବିବେଚିତ କରିବା ଓ ଉଚ୍ଚ ସ୍ତର ପ୍ରକାଶ କରିବାର କୌଣସି ଅଧିକାର ନାହିଁ । ତୁମେମାନେ ପରସ୍ପର ଭାଇ ଭାଇ ପରି ଅଟ ।"

ପୁନଶ୍ଚ ଆପଣ ସ.ଅ କହିଲେ,"କ'ଣ ତୁମେମାନେ ଜାଣ କି ଏଇଟା କେଉଁ ମାସ ଅଟେ ? ତୁମେମାନେ ଜାଣ କି ଏଇଟା କେଉଁ ଅଞ୍ଚଳ ଅଟେ ? ଲୋକମାନେ କହିଲେ ହଁ ହେ ରସୁଲୁଲ୍ଲାଃ ସ.ଅ ! ଏହା ହେଉଛି ପବିତ୍ର ମାସ ଏବଂ ଏଇଟା ହେଉଛି ପବିତ୍ ଅଞ୍ଚଳ ଓ ଆଜିର ଦିନ ହେଉଛି ହଜ୍‌ର ଦିନ । ଆଁହଜରତ ସ.ଅ ପ୍ରତ୍ୟେକ ଉତ୍ତରରେ କହୁଥିଲେ ଯେପରି ଉକ୍ତ ମାସଟି ପବିତ୍ର ମାସ, ଯେପରି ଉକ୍ତ ଅଞ୍ଚଳଟି ପବିତ୍ର ଅଞ୍ଚଳ ଓ ଯେପରି ଆଜିର ଦିନଟି ଶୁଭ ଦିନ ଅଟେ । ଠିକ୍ ସେହିପରି ଅଲ୍ଲାଃତାଲା ପ୍ରତ୍ୟେକ ମନୁଷ୍ୟର ଜୀବନ ଏବଂ ତା'ର ସମ୍ପତ୍ତିକୁ ପବିତ୍ର ଓ ଅବୈଧ ବୋଲି ବିବେଚିତ କରିଛନ୍ତି । ଉକ୍ତ ଆଦେଶାବଳୀ କେବଳ ଆଜିର ଦିନ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଯେପର୍ଯ୍ୟନ୍ତ ତୁମେ ନିଜର ପରମେଶ୍ୱରଙ୍କୁ ଭେଟି ନେଇ ନାହିଁ ସେହି ଦିନ ପର୍ଯ୍ୟନ୍ତ ଉକ୍ତ ଆଦେଶାବଳୀ ଉଦ୍ଦିଷ୍ଟ ଅଟେ ।"

ପୁନଶ୍ଚ ଆପଣ ସ.ଅ କହିଲେ,"ଆଜି ମୁଁ ଯେଉଁ କଥାଗୁଡ଼ିକୁ ତୁମମାନଙ୍କୁ କହୁଛି ଏହି କଥାଗୁଡ଼ିକୁ ତୁମେମାନେ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇ ଦିଅ। କାରଣ ଯେଉଁ ଲୋକମାନେ ମୋତେ ଆଜି ଶୁଣୁଛନ୍ତି ସେମାନଙ୍କ ତୁଳନାରେ ସେହି ଲୋକମାନେ ଯେଉଁମାନେ ମୋ କଥା(ଉପଦେଶାବଳୀ)କୁ ଶୁଣି ନାହାନ୍ତି ସେହି ଲୋକମାନେ ମୋର ଉକ୍ତ (ଉପରୋକ୍ତ) ଆଦେଶାବଳୀଗୁଡ଼ିକ ଉପରେ ଅଧିକ କାର୍ଯ୍ୟାନୁସରଣ କରିବେ ।" **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍ ହଜ୍ଜତୁଲ୍ ୱିଦା)**

ବିଭିନ୍ନ ବର୍ଣ୍ଣନାର ସହିତ ବିଭିନ୍ନ ପଂକ୍ତିମାନଙ୍କରେ ଉକ୍ତ ଖୁତ୍‌ବାଟି ଆମମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଛି । ସୁତରାଂ ଏକ ବର୍ଣ୍ଣନାରେ ଏହିପରି ଉଲ୍ଲିଖିତ ହୋଇଛି ଯେ, ଆଁହଜରତ ସାହାବାମାନଙ୍କୁ ଏହା ପଚାରିଲେ ଯେ, ହେ ସାହାବାମାନେ ! ଆଜି କେଉଁ ମାସ ଅଟେ ? ପ୍ରତ୍ୟୁତ୍ତରରେ ସାହାବାମାନେ କହିଲେ, ଅଲ୍ଲାଃଙ୍କ ବାର୍ତ୍ତାବହ ଓ ଅଲ୍ଲାଃତାଲାଙ୍କୁ ଭଲ ଭାବରେ ଜଣା ଯେ, ଆଜି କେଉଁ ମାସ ଅଟେ । ସାହାବାମାନେ କହିଲେ, ଆମେ ଭାବିଲୁ ଯେ, ଆପଣ ସ.ଅ ସମ୍ଭବତଃ ଉକ୍ତ ମାସର ଅନ୍ୟ କୌଣସି ନାଁ ରଖିବେ । ପୁନଶ୍ଚ ଆପଣ ସ.ଅ ସ୍ୱୟଂ ହିଁ ଉତ୍ତର ଦେଲେ ଯେ, ଉକ୍ତ ମାସଟି ହୁର୍ମତ୍ ଅର୍ଥାତ୍ ପବିତ୍ର ମାସ ନୁହେଁ । ସେ ଯାହା ହେଉ ବର୍ଣ୍ଣନାଗୁଡ଼ିକରେ ମତଭେଦ ଦେଖାଯିବା ସତ୍ତ୍ୱେ ଉକ୍ତ ଐତିହାସିକ ଖୁତ୍‌ବାରେ ମାନବ ଜାତି ଉପରେ ଉପକାର କରିଥିବା ଅବତାର ପୁଣ୍ୟଶ୍ଳୋକ ହ. ମୁ ହମ୍ମଦ ମୁସ୍ତଫା ସ.ଅ ଯେଉଁ ପ୍ରମୁଖ ମୌଳିକ ପ୍ରସଙ୍ଗ ସଂକ୍ରାନ୍ତରେ ମାର୍ଗଦର୍ଶିକାଗୁଡିକୁ ଆଗକୁ ପହଞ୍ଚାଇ ଦେବା ନିମନ୍ତେ ଆଦେଶ ଦେଇଥିଲେ । ଉକ୍ତ ମାର୍ଗଦର୍ଶିକା କେବଳ ସାମୟିକ ଓ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ନିମନ୍ତେ ନଥିଲା । ବରଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ଆଗାମୀ ବଂଶଧରମାନଙ୍କ ନିମନ୍ତେ ନୀତି ଓ ମାର୍ଗଦର୍ଶକ ସ୍ୱରୂପ ଅଟେ । ଉପରୋକ୍ତ ମାର୍ଗଦର୍ଶିକାର ସାରାଂଶ ଏହିପରି ଯେ,

(1) ସମସ୍ତ ମାନବଜାତି ଉକ୍ତ ନୀତିକୁ ଦୃଷ୍ଟି ସମ୍ମୁଖରେ ରଖୁ କି ସମସ୍ତ ମନୁଷ୍ୟ ଗୋଟିଏ ଜାତିର ଜୀବ ଅଟନ୍ତି ଏବଂ ଗୋଟିଏ ପିତାଙ୍କର ବଂଶଧର ଏବଂ ଗୋଟିଏ ବୃକ୍ଷର ଶାଖା ଅଟନ୍ତି । ଅତଏବ୍ ସମସ୍ତ ମାନବ ଜାତି ମନୁଷ୍ୟ ଦୃଷ୍ଟିରୁ ସମାନ ଅଟନ୍ତି।

(2) ଏହି ବଂଶ ଐକ୍ୟତା ସତ୍ତ୍ୱେ ଏହି ସମ୍ଭବ ଯେ, ଯେଭଳି ଭୂପୃଷ୍ଠିରୁ ବିଭିନ୍ନ ପ୍ରକାରର ଖଣି ଖାଦାନ ବାହାରିଥାଏ । ଯଥା କୋଇଲା, ଲୁହା ପଥର, ତମ୍ବା, ସୁନା ଇତ୍ୟାଦି ବାହାରି ଥାଏ । ଠିକ୍ ସେହିପରି ମନୁଷ୍ୟମାନଙ୍କ ମଧ୍ୟରେ ବି ବିଭିନ୍ନ ପ୍ରକାରର ବୌଦ୍ଧିକ, ଶାରୀରୀକ ସାମର୍ଥ୍ୟତା ଏବଂ ପରିଶ୍ରମ ଓ ଉଦ୍ୟମ ଫଳରେ ବିଭିନ୍ନ ଲକ୍ଷଣ, ବିଶେଷତା ଅନନ୍ୟ ରୂପେ ସୃଷ୍ଟି ହୋଇଥାଏ । କିନ୍ତୁ ସେହି ଅନନ୍ୟତା ବା ପ୍ରଭେଦ ଯୋଗୁଁ କୌଣସି ଜାତି କିମ୍ବା କୌଣସି ସଂପ୍ରଦାୟ ଅବା କୌଣସି ବ୍ୟକ୍ତିକୁ ଅନ୍ୟ ବ୍ୟକ୍ତି, ଜାତି ଓ ସଂପ୍ରଦାୟ ଉପରେ ଅଯଥାରେ ଗର୍ବ ଏବଂ ଅହଂକାର ପ୍ରଦର୍ଶନ କରିବା ଅନୁଚିତ ଅଟେ ।

(3) ମୁସଲମାନ ଏହି ଦୃଷ୍ଟିରୁ ସେ ଏକ ନବୀଙ୍କ ସଂପ୍ରଦାୟ ଅଟନ୍ତି ଏବଂ ଅବତାରତ୍ୱର ଗୋଟିଏ ପଣତ କାନି ସହିତ ସଂଶ୍ଳିଷ୍ଟ ହେବା ହେତୁ ଗୋଟିଏ ଆଧ୍ୟାତ୍ମିକ ପିତାଙ୍କ ସନ୍ତାନ ଅଟନ୍ତି । ସୁତରାଂ ସେମାନଙ୍କୁ ଭାଇ ଭାଇ ହୋଇ ରହିବା ଉଚିତ୍ । ଯେପରିକି ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ରହିଛି ଯେ, إِنَّمَا الْمُؤْمِنُونَ إِخْوَةٌ **(ଅଲ୍ ହୁଜରାତ୍: 11)** ବିଶ୍ୱାସକାରୀମାନଙ୍କର ପରସ୍ପର ମଧ୍ୟରେ ସଂପର୍କ ଭ୍ରାତୃ ତୁଲ୍ୟ ଅଟେ ।

(4) ସମାଜରେ କେତେକ ଦୁର୍ବଳ ଏବଂ ଅସହାୟ ଲୋକମାନେ ମଧ୍ୟ ଥାଆନ୍ତି।

ଯେଉଁମାନେ ସାମର୍ଥ୍ୟବାନ ଏବଂ ଧନୀକ ବ୍ୟକ୍ତିମାନଙ୍କ ସେବକ ରୂପେ ସେବା କରନ୍ତି କିମ୍ବା ଯୁଦ୍ଧରେ ପରାଜିତ ଜାତିର ଅନେକ ଲୋକ (ସୈନ୍ୟ) ବିଜିତ ସଂପ୍ରଦାୟଙ୍କ କବଳରେ ଆସି ଯାଆନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ ଏପରି ନିର୍ଦ୍ଦେଶ ଦେଇଛନ୍ତି ଯାହା ଆଜିର ସଭ୍ୟ ସମାଜରେ କାର୍ଯ୍ୟାନସୁରଣ କରିବା ତ' ଦୂରର କଥା ଆଶ୍ଚର୍ଯ୍ୟ ଚକିତ ହୋଇ ଦେଖା ଯାଇଥାଏ ଓ ଶୁଣାଯାଇଥାଏ । କାରଣ ଦାସମାନଙ୍କୁ ଓ ବନ୍ଦୀମାନଙ୍କୁ ମଧ ମାଲିକ ତୁଲ୍ୟ ରୂପେ ବିବେଚିତ କରାଯାଇଛି । କାହିଁକି ନା ଦାସ ବା ସେବକ ଓ ବନ୍ଦୀ ମଧ ଜଣେ ମଣିଷ ଅଟନ୍ତି । ଅତଏବ୍ ସେମାନଙ୍କ ଆହାର ଓ ସେମାନଙ୍କର ପରିଧାନର ବିଶେଷ ଧ୍ୟାନ ରଖିବା ଏବଂ ସେମାନଙ୍କ ସାର୍ଥ୍ୟତା ଠାରୁ ଅଧିକ ସେବା ନନେବା ପାଇଁ ଆଁହଜରତ ସ.ଅ ତାଗିଦ୍ କରିଛନ୍ତି ।

(5) ମହିଳା ଏବଂ ପୁରୁଷମାନଙ୍କ ମଧ୍ୟରେ ସମାନତା ରକ୍ଷା କରିବାର ପ୍ରସଙ୍ଗ ଆଜିକାଲି ଜୋର୍ ଚର୍ଚ୍ଚା ଧରିଛି । ପ୍ରତ୍ୟେକ ଦିନ ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରାଯାଇଥାଏ । କାରଣ ଇସ୍‌ଲାମ୍ ଧର୍ମ ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ହୀନ ବୋଲି ମନେକରି ସେମାନଙ୍କର ସ୍ୱାଧୀନତାକୁ ଛିନ୍ନ କରି ସେମାନଙ୍କୁ ପରଦା ଓ ଘରମାନଙ୍କର ବନ୍ଦୀ କରି ରଖିଛି ଇତ୍ୟାଦି ଇତ୍ୟାଦି ପ୍ରସଙ୍ଗ । ଆଁହଜରତ ସ.ଅ ନିଜର ସେହି ଖୁତ୍‌ବାରେ ମହିଳାମନାଙ୍କର ଯତ୍ନ ତଥା ଦେଖାଶୁଣା ଏବଂ ସେମାନଙ୍କର ଅଧିକାର ସମ୍ପାଦନ କରିବା ସଂକ୍ରାନ୍ତରେ ବିଶେଷ ରୂପେ ତାଗିଦ୍ କରିଛନ୍ତି । ପବିତ୍ର କୁରଆନ୍ କରୀମ୍‌ରେ ମହିଳା ଏବଂ ପୁରୁଷମାନଙ୍କର ସୃଷ୍ଟିରେ ପ୍ରଭେଦକୁ ଧ୍ୟାନରେ ରଖି ଯେଭଳି ଭାବରେ ମହିଳାକୁ ସମ୍ମାନ ପ୍ରଦାନ କରିଛି ଏବଂ ତା'ର ଅଧିକାର ଏବଂ ଭାବାବେଗ ଏବଂ ଅଭିବ୍ୟକ୍ତିର ସୁରକ୍ଷା ପ୍ରଦାନ କରିଛନ୍ତି । ସଂସାରର କୌଣସି ଧର୍ମ, କୌଣସି ସମାଜ, ଏହା ଉଦାହରଣ ଉପସ୍ଥାପିତ କରିପାରିବ ନାହିଁ । ଏହା ଏକ ଭିନ୍ନ ପ୍ରକାରର ବିଷୟବସ୍ତୁ ଅଟେ ଯାହାର ବିସ୍ତୃତ ବିବରଣୀ ଏଠାରେ ପ୍ରଦାନ କରିବା ପାଇଁ ନା ସମୟ ଅଛି ଓ ନା ସୁଯୋଗ ରହିଛି ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପ୍ରକୃତ ସମସ୍ୟା ଏହିକି ଯେ, ମାନବିକ ସମାନତା ସ୍ଥାପନ କରିବାର ଯେଉଁ ଦାବି କରାଯାଉଛି । କିନ୍ତୁ ଏହା ଦେଖିବାକୁ ମିଳୁ ନାହିଁ ଯେ, କେଉଁ କେଉଁ ପ୍ରସଙ୍ଗରେ ସମାନତା ସ୍ଥାପନ କରାଯାଇ ପାରିବ । ଯେଉଁଠି ମାନବିକତା ଏବଂ ମନୁଷ୍ୟତ୍ୱର ସଂପର୍କ ରହିଛି ସେହି ଦୃଷ୍ଟିରୁ ସମସ୍ତ ମନୁଷ୍ୟ ସମାନ ଅଟନ୍ତି, ପ୍ରତ୍ୟେକ ମନୁଷ୍ୟର ଦୁଇଟି ଲେଖାଏଁ, ଚକ୍ଷୁ, କର୍ଣ୍ଣ, ହସ୍ତ, ଗୋଡ଼ ଏବଂ ଗୋଟିଏ ତୁଣ୍ଡ, ନାସା, ହୃଦୟ ଏବଂ ମସ୍ତିଷ୍କ ଇତ୍ୟାଦି ରହିଛି । କିଛି ବ୍ୟକ୍ତିଙ୍କୁ ବାଦ୍‌ଦେଲେ ଅର୍ଥାତ୍ ଯେଉଁମାନେ ଶାରୀରୀକ ରୂପେ ଅକ୍ଷମ ଅଟନ୍ତି ସେମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ମନୁଷ୍ୟଙ୍କୁ ପ୍ରକୃତ ପରମେଶ୍ୱର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ପ୍ରଦାନ କରିଛନ୍ତି ।

କିନ୍ତୁ ସେହି ମନୁଷ୍ୟମାନଙ୍କର ଅଧିକାର ସମ୍ପାଦନ କରିବାରେ ସମାନତା ପ୍ରତିଷ୍ଠା କରିବା ଏହା ମୌଳିକ କର୍ତ୍ତବ୍ୟ ଅଟେ । ଏଥି ସଂକ୍ରାନ୍ତରେ ମନେରଖିବା ଉଚିତ୍ ଯେ, ମାନବିକ ଅଧିକାର ଦୁଇ ପ୍ରକାରର ଅଟେ । ଯଥା- (i) ଯେଉଁ ଅଧିକାରଗୁଡ଼ିକ ସରକାରାଙ୍କ ଉପରେ ନ୍ୟସ୍ତ ହୋଇଛି ବା ଯେଉଁ ଅଧିକାରଗୁଡ଼ିକ ସମ୍ପାଦନ କରିବା ସରକାରାଙ୍କ ସର୍ବାଦୌ କର୍ତ୍ତବ୍ୟ ଅଟେ । ଅତଏବ୍ ଏ ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି إِنَّ لَكَ أَلَّا تَجُوعَ فِيهَا وَلَا تَعْرَىٰ وَأَنَّكَ لَا تَظْمَأُ فِيهَا وَلَا تَضْحَىٰ **(ସୁରାଃ ତାହା: 119-120)** ଅନୁବାଦ- ଅର୍ଥାତ୍ ଏଠାରେ (ଏହି ବୈକୁଣ୍ଠରେ) ତୁମ୍ଭେ ଓ ତୁମ୍ଭର ସାଙ୍ଗମାନେ କେବେ କ୍ଷୁଧାର୍ତ୍ତ ହେ ନାହିଁ କି ଉଲଗ୍ନ ରହିବା ନାହିଁ ଏବଂ ତୁମ୍ଭେ ସେଠାରେ ତୃଷାର୍ତ୍ତ ହେବ ନାହିଁ କି ରୌଦ୍ର ତାପରେ କଷ୍ଟ ପାଇବ ନାହିଁ ।

ସୁତରାଂ ପ୍ରତ୍ୟେକ ରାଷ୍ଟ୍ରରେ ସରକାରଙ୍କ ଉକ୍ତ ମୌଳିକ କର୍ତ୍ତବ୍ୟ ଏହିକି ଯେ, ସେ ଉକ୍ତ କଥାର ବ୍ୟବସ୍ଥା କରନ୍ତୁ କି ଜାତି ତଥା ଦେଶରେ ଯେକୌଣସି ବ୍ୟକ୍ତି ଅନ୍ତତାଃ ମୌଳିକ ଆବଶ୍ୟକତା ଯୋଗୁଁ କଷ୍ଟ ଭୋଗ ନକରୁ । ଏହି ପ୍ରକାରର ନ୍ୟାୟ ବିଚାର ସ୍ଥାପନ କରିବା ଏବଂ ଜାତୀୟ ପଦ ପଦବୀରେ ସାମର୍ଥ୍ୟବାନ୍ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବା ଏବଂ ବୈଧ ତଥା ଅନିର୍ବାର୍ଯ୍ୟ କର ଇତ୍ୟାଦି ମାଧ୍ୟମରେ ଧନ ସମ୍ପତ୍ତିର ସଠିକ୍ ବିଭାଗୀକରଣର ବ୍ୟବସ୍ଥା କରିବା ଇତ୍ୟାଦି ସମସ୍ତ କାର୍ଯ୍ୟ ସରକାରଙ୍କ କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି ।

(ii) ଦ୍ୱିତୀୟ ଅଧିକାର ଗୁଡ଼ିକ ହେଉଛି ସେହି ଅଧିକାର ଯାହା ସ୍ୱାଭାବଗତ ଓ ପ୍ରକୃତିଗତ ଆକାରରେ ବ୍ୟକ୍ତି ପ୍ରାପ୍ତ କରିଥାଏ । ଯେପରିକି ଶାରୀରୀକ ଶକ୍ତି ଓ ବୌଦ୍ଧିକ ଶକ୍ତି କିମ୍ବା ବ୍ୟକ୍ତିଗତ ପ୍ରଚେଷ୍ଟା ଏବଂ ବ୍ୟକ୍ତିଗତ ପରିଶ୍ରମ ଓ ସଂଗ୍ରାମ ପରେ ପ୍ରାପ୍ତ ହୋଇଥାଏ ।

ଇସ୍‌ଲାମ୍ ଧର୍ମ ଏପରି ବ୍ୟକ୍ତିଗତ ଅଧିକାର ସଂପର୍କରେ ମଧ ଯଥୋଚିତ ଢଙ୍ଗରେ ହସ୍ତକ୍ଷେପ କରି ବିଭିନ୍ନ ବ୍ୟକ୍ତି, ବିଭିନ୍ନ ଶ୍ରେଣୀରେ ଥିବା ପ୍ରଭେଦ ତଥା ତାରତମ୍ୟତାକୁ ସନ୍ତୁଳିତ କରିବା ନିମନ୍ତେ ପ୍ରୟାସ କରିଛି । କିନ୍ତୁ ସାମୂହିକ ବ୍ୟବସ୍ଥା କମ୍ୟୁନିଜିମ୍ ପରି ବାଧ୍ୟତାମୂଳକ ଶୈଳୀରେ ସମସ୍ତ ସଂପ୍ରଦାୟକୁ ସମାନ ଭାବରେ ସମାପ୍ତ କରିବାର ପନ୍ଥା ଅବଲମ୍ବନ କରି ନାହିଁ । ଫଳତଃ ବ୍ୟକ୍ତିଗତ ସାମର୍ଥ୍ୟ ଓ ଶକ୍ତିକୁ ଅଯୋଗ୍ୟ କରି ରଖି ଦିଆଯାଉ । ବାସ୍ତବତା ଏହିକି ଯେ, ଏପରି ସଂପ୍ରଦାୟକୁ ନିଶ୍ଚିହ୍ନ କରିବା ସମ୍ଭବପର ନୁହେଁ । ଉଦାହରଣ ସ୍ୱରୂପ ଶାରୀରୀକ ଶକ୍ତିର ପାର୍ଥକ୍ୟତାକୁ କିଏ ବା ନିଶ୍ଚିହ୍ନ ଏବଂ ସମାପ୍ତ କରିପାରିବ ? ବୌଦ୍ଧିକ ଶକ୍ତିର ପ୍ରଭେଦକୁ କିଏ ବା ନିଶ୍ଚିହ୍ନ କରିପାରିବ ? କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତକୁ ବଜାୟ ରଖି ନିଜର ସମଲିଙ୍ଗୀ ଭାଇମାନଙ୍କ ନିମନ୍ତେ ନିମନ୍ତେ ବଳିଦାନ ଓ ଉତ୍ସର୍ଗ କରିବାରେ ଯେଉଁ ଉତ୍ସାହ ରହିଛି ତାହାକୁ ଅନୁପ୍ରାଣିତ କରାଯାଇ ପାରିବ । ଏଥି ନିମନ୍ତେ ଇସ୍‌ଲାମ୍ ଧର୍ମ ବିଭିନ୍ନ ବ୍ରହ୍ମଜ୍ଞାନ ଏବଂ ତତ୍ତ୍ୱଜ୍ଞାନ ସମ୍ବଳିତ ମାଧ୍ୟମ ସଂପର୍କରେ କହିଛି । ଏହି ମାଧ୍ୟମ ଉପରେ କାର୍ଯ୍ୟାନୁସରଣ କରି ବ୍ୟକ୍ତିଗତ ସାମର୍ଥ୍ୟତାକୁ କ୍ଷୟ ନକରି ସମାଜରେ ସାମୂହିକ ସମୃଦ୍ଧିର ସମାନତା ସ୍ଥାପନ କରାଯାଇ ପାରିବ ।

ବର୍ତ୍ତମାନ ବିନୀତ ଉପରୋକ୍ତରେ ବର୍ଣ୍ଣିତ ଇସଲାମୀୟ ସମାନତାର ବିନ୍ଦୁ ଦୃଷ୍ଟିରୁ ସମୟାନୁଯାୟୀ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ କେତେକ ଉଦାହରଣ ମଧ ଉପସ୍ଥାପିତ କରିବି । ମନୁଷ୍ୟ ସମାଜରେ ସମାନତା ଏବଂ ସାମ୍ୟତାର ସ୍ଲୋଗାନ୍ ଦେଉଥିବା ଲୋକମାନେ ମଧ ଜାଣନ୍ତି ଯେ, ଆଜିର ସଭ୍ୟ ସମାଜରେ ମଧ ଏପରି ସାଧାରଣ ଅଭାବି, ଦରିଦ୍ର, ଦୁର୍ବଳ ଏବଂ ସାମର୍ଥ୍ୟହୀନ ବୋଲି ମନେ ହେଉଛନ୍ତି ସେମାନଙ୍କୁ କେହି ବି ସାଙ୍ଗରେ ବସାଇବା ପାଇଁ ପ୍ରସ୍ତୁତ ନୁହନ୍ତି କି ପସନ୍ଦ କରନ୍ତି ନାହିଁ । ସେମାନଙ୍କ ସହିତ ଚଲାବୁଲା କରିବା ମଧ ପସନ୍ଦ କରନ୍ତି ନାହିଁ ବରଂ ସମ୍ମାନ ହାନୀ ବୋଲି ମନେ କାରଯାଏ । କିନ୍ତୁ ଆମର ପ୍ରିୟ ନବୀ ତଥା ସମଗ୍ର ମାନବ ଜାତିର କଲ୍ୟାଣକାରୀଙ୍କ ମର୍ଯ୍ୟାଦା ଏବଂ କଥା ସଂପୂର୍ଣ୍ଣ ନିଆରା ଥିଲା । ଆପଣ ସ.ଅ ଅନେକ ସମୟରେ ଏହି ଦୁଆ କରୁଥିଲେ ଯେ, ''ହେ ପ୍ରଭୁ ମୋତେ ଦୀନ ଦରିଦ୍ର କରି ଜୀବିତ ରଖ ଏବଂ ଏହି ଅବସ୍ଥାରେ ହିଁ ମୋତେ ଦରିଦ୍ରମାନଙ୍କ ଗୋଷ୍ଠୀରେ ମୃତ୍ୟୁ ପ୍ରଦାନ କରିବ ।'' **(ତର୍ମିଜି)**

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି, ଜଣେ ଗାଉଁଲି ବ୍ୟକ୍ତି ଯାହାର ନାମ ଜାହିର୍ ଥିଲା, ତାହାର ମୁଖମଣ୍ଡଳ ଅତ୍ୟନ୍ତ ସରଳ ଓ ଅସୁନ୍ଦର ଥିଲା । ସେ ଏକଦା ବଜାରରେ ନିଜର ସଉଦା ବିକ୍ରି କରୁଥିଲା ଏବଂ ଝାଳରେ ପୂରା ଓଦା ହୋଇଯାଇଥିଲା । ଆଁହଜରତ ସ.ଅ ପଛ ପଟୁ ଆସି ତା'ର ଆଖି ଉପରେ ନିଜର ହାତ ରଖିଦେଲେ । ଅର୍ଥାତ୍ ବନ୍ଦ କରିଦେଲେ । ସେ ହାତର ସ୍ପର୍ଶରୁ ଜାଣିନେଲା ଯେ, ଏ ହେଉଛନ୍ତି ମୋର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅ । ପୁନଶ୍ଚ ସେ ଆନନ୍ଦ ଓ ପ୍ରେମର ସହିତ ନିଜର ପିଠିକୁ ହୁଜୁର ସ.ଅଙ୍କ ପିଠି ସହିତ ଘଷିବାକୁ ଲାଗିଲା । ଆଁହଜରତ ସ.ଅ କହିବାକୁ ଲାଗିଲେ । ମୋର ଏହି ଦାସକୁ କିଏ କିଣିବ ? ସେହି ଦାସ ଜଣକ ଅର୍ଥାତ ଜୁହାର କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ତେବେ ମୋତେ ବିକ୍ରି କରି ଅତ୍ୟନ୍ତ କ୍ଷତି ସହ୍ୟ କରିବେ । ମୋତେ ଭଲା କିଏ କିଣିବ ? ଆପଣ ସ.ଅ କହିଲେ, ନା ନା ଅଲ୍ଲାଃତାଲାଙ୍କ ନିକଟରେ ତୁମେ କ୍ଷତିକାରକ ବସ୍ତୁ ନୁହଁ । ବରଂ ଈଶ୍ୱରଙ୍କ ନିକଟରେ ତୁମର ଯଥେଷ୍ଟ ମର୍ଯ୍ୟାଦା, ପ୍ରତିଷ୍ଠା ଓ ମୂଲ୍ୟ ରହିଛି ।

**(ମସ୍‌ନଦ୍ ଅହେମଦ ବିନ୍ ହମ୍ବଲ, ଭାଗ-3 ପୃ-11)**

ହ. ଖଦିଜା ର.ଅଙ୍କୁ ଯେତେବେଳେ ଆପଣ ସ.ଅ ବିବାହ କଲେ ସେତେବେଳେ ସେହି ଧନୀକ ମହିଳା ଜଣକ ନିଜର ସମସ୍ତ ଧନ ଓ ଦାସ ଆପଣ ସ.ଅଙ୍କ ସେବାରେ ସମର୍ପଣ କରିଦେଲେ । ଆପଣ ସ.ଅ ସେହି ସମସ୍ତ ଦାସମାନଙ୍କୁ ମୁକ୍ତ ବା ସ୍ୱାଧୀନ କରିଦେଲେ ଏବଂ ସେହି ଦାସମାନଙ୍କ ମଧ୍ୟରୁ ଜଣେ ଯୋଗ୍ୟ ଦାସକୁ ସ୍ୱାଧୀନ କରି ତା'କୁ ନିଜର ପୋଷ୍ୟ ପୁତ୍ର ରୂପେ ବରଣ କରିନେଲେ । ସେହି ପୋଷ୍ୟ ପୁତ୍ର ଜଣଙ୍କର ନାମ ହେଲା ଜୈଦ୍ ବିନ୍ ମୁହମ୍ମଦ୍ । ସୁତରାଂ ହ. ଜୈଦ୍ ର.ଅ ଆଁହଜରତ ସ.ଅଙ୍କ ପୁତ୍ର ରୂପେ ପିରିଚିତ ହେଲେ । କିନ୍ତୁ ଅଲ୍ଲାଃତାଲା ଯେତେବେଳେ ଏହି ପ୍ରଥାକୁ ସମାପ୍ତ କରିବା ପାଇଁ ଆଦେଶ ଦେଲେ ଓ ପୋଷ୍ୟ ପୁତ୍ରଙ୍କୁ ସେମାନଙ୍କ ପ୍ରକୃତ ପିତାଙ୍କ ଆଡ଼କୁ ଇଙ୍ଗିତ କରିବାକୁ ଆଦେଶ ଦେଲେ **(ସୁରାଃ ଅହଜାବ୍: 5-6)**

ଅଲ୍ଲାଃତାଲା ଉପରୋକ୍ତ ଆୟତରେ କୁହନ୍ତି, ''ଆମ୍ଭେ ତୁମମାନଙ୍କ ପୋଷ୍ୟ ପୁତ୍ରମାନଙ୍କୁ ତୁମମାନଙ୍କର ପ୍ରକୃତ ପୁତ୍ର କରି ନାହୁଁ । ଏହି ସମସ୍ତ କଥା ହେଉଛି ମୌଖିକ କଥା । ସେହିପରି ଆୟତ୍ ନଂ-6ରେ ଅଲ୍ଲାଃତାଲା କୁହନ୍ତି: ସେ ପୋଷ୍ୟ ପୁତ୍ରମାନଙ୍କୁ ସେମାନଙ୍କ ପିତାଙ୍କ ନାମାନୁସାରେ ଡାକ । ଏହା ଅଲ୍ଲାଃଙ୍କ ଦୃଷ୍ଟିରେ ଅଧିକ ନ୍ୟାୟସଙ୍ଗତ କାର୍ଯ୍ୟ ଅଟେ ।''

ସୁତରାଂ ଏହା ପରେ ହ. ଜୈଦ୍ ପୁଣିଥରେ ଜୈଦ୍ ବିନ୍ ହାରିସା ର.ଅ ବୋଲାଇବାକୁ ଲାଗିଲେ । କିନ୍ତୁ ସେ ନିଜର ଅଭିଭାବକଙ୍କୁ ଘରକୁ ଫେରିଯିବାକୁ କହିଲେ ଏବଂ ନିଜେ ଫେରିଯିବା ପରିବର୍ତ୍ତେ ଆପଣ ର.ଅ ଆଁହଜରତ ସ.ଅଙ୍କ ଘରେ ରହିବାକୁ ଅଗ୍ରାଧିକାର ଦେଲେ । ଆଁହଜରତ ସ.ଅ ନିଜର ମୁକ୍ତ ଦାସଙ୍କ ପ୍ରତି ସମଗ୍ର ଜୀବନ ଅତ୍ୟନ୍ତ ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିଥିଲେ ।

କେବଳ ସେତିକି ନୁହେଁ ବରଂ ଆଁହଜରତ ସ.ଅ ତାଙ୍କ (ହ. ଜୈଦ୍ ର.ଅଙ୍କ)ର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ଅନେକ ସୈନ୍ୟ ଟୁକୁଡ଼ିର ଅମୀର (ସେନାପତି) ଭାବରେ ନିଯୁକ୍ତ କରିଥିଲେ । ସୁତରାଂ ହ. ଜୈଦ୍ ର.ଅଙ୍କ ବିୟୋଗ ପରେ ତାଙ୍କର ଯୁବ ପୁତ୍ର ଉସ୍ୱାମାଙ୍କୁ ମଧ ଏତେ ସମ୍ମାନ ପ୍ରଦାନ କଲେ ଯେ, ଆପଣ ସ.ଅ ନିଜ ଜୀବନର ଶେଷ ଦିନମାନଙ୍କରେ ଯେଉଁ ସୈନ୍ୟ ବାହିନୀ ପ୍ରସ୍ତୁତ କଲେ ତାହାର ନେତୃତ୍ୱ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କୁ ଅର୍ପଣ କରିଥିଲେ । ସେହି ସୈନ୍ୟ ବାହିନୀ ମଧ୍ୟରେ ବରିଷ୍ଠ ସାହାବାମାନେ ମଧ ରହିଥିଲେ ।

ସୁତରାଂ ମାନବିକତାର ସମ୍ମାନ ଏବଂ ଯୋଗ୍ୟତା ଅନୁଯାୟୀ ସେବା ନ୍ୟସ୍ତ କରିବା ବା ଅର୍ପଣ କରିବାର ବ୍ୟବହାରିକ ପିରପ୍ରକାଶ ତ' ସେହି ସ୍ଥଳେ ହୋଇପାରିବ ଯେତେବେଳେ ଆମେମାନେ ଜାତି ତଥା ସମାଜର ନିମ୍ନ ବର୍ଗ, ଦୁର୍ବଳ ତଥା ପଛୁଆ ବର୍ଗଙ୍କ ସହିତ କିପରି ଆଚରଣ ପ୍ରଦର୍ଶନ କରିଥାଉ । ସେହି ଦୃଷ୍ଟିରୁ ଆଁହଜରତ

ସ.ଅଙ୍କ ଏହି ଆଦର୍ଶ ବିକାଶଶୀଳ ଜାତିମାନଙ୍କ ନିମନ୍ତେ ଏକ ମାର୍ଗଦର୍ଶକ ଆଲୋକ ସଦୃଶ ଅଟେ ।

ସମ୍ମାନିତ ଶ୍ରୋତା ମଣ୍ଡଳୀମାନେ ! ମାନବିକତା ଓ ମାନବତା, Humanity କହିଲେ ରକ୍ତ ମାଂସର ଶରୀରକୁ ବୁଝାଏ ନାହିଁ ଯାହାକୁ କୌଣସି ଉଚ୍ଚ ସ୍ଥାନରେ ରଖି ଦେଲେ ତା'ର ସମ୍ମାନ ବୃଦ୍ଧି ପାଇବ କିମ୍ବା ତା'ର ଉପାସନା କରାଯିବ । ବରଂ ମାନବିକତା କହିଲେ ବ୍ୟକ୍ତିର ମନ ଓ ମସ୍ତିଷ୍କର ଚିନ୍ତାଧାରା ଏବଂ ତା'ର ଭାବାବେଗ ଏବଂ ଅନୁଭୂତି, ତା'ର ଆତ୍ମା ଏବଂ ତା'ର ଚାରିତ୍ରିକ ଓ ଆଧାତ୍ମିକ ଅବସ୍ଥାକୁ ବୁଝାଏ। ଯଦି ଏହି ସବୁ ମୂଲ୍ୟବୋଧର ପକ୍ଷପାତ ଏବଂ ସମର୍ଥନ କରାଯାଏ ତେବେ କୁହାଯାଇ ପାରିବ ଯେ, ହଁ ସେହି ବ୍ୟକ୍ତି ମାନବତାର ସମ୍ମାନକୁ ସ୍ଥାପନ କରିଛି । ସେହି ଦୃଷ୍ଟିରୁ ଆମେମାନେ ଯେତେବେଳେ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ଉପରେ ଦୃଷ୍ଟିପାତ କରୁ ତେବେ ଏପରି ଅଭୂତ ଓ ବିଚିତ୍ର ପ୍ରକାରର ଉଦାହରଣ ଦେଖିବାକୁ ମିଳେ ଯାହାର ଦୃଷ୍ଟାନ୍ତ ଅନ୍ୟତ୍ର ମିଳିବା ଦୁରୂହ ଅଟେ ।

ଜଣେ ବ୍ୟକ୍ତି ନିଜର ସାଙ୍ଗସାଥି, ଆତ୍ମୀୟ ସ୍ୱଜନ ଏବଂ ସମ ଆସ୍ଥା ରଖୁଥିବା ଓ ସମଧର୍ମାବଲମ୍ବୀମାନଙ୍କ ପ୍ରତି ସହିଷ୍ଣୁତା ଏବଂ ସହନଶୀଳତା ପ୍ରଦର୍ଶନ କରିଥାଏ। କିନ୍ତୁ ଦେଖିବା କଥା ଏହା ଯେ, ସେହି ବ୍ୟକ୍ତିର ଅନ୍ୟମାନଙ୍କ ପ୍ରତି ନୁହେଁ ବରଂ ବିରୋଧୀମାନଙ୍କ ପ୍ରତି ଓ ଶତ୍ରୁମାନଙ୍କ ସହିତ କିପରି ବ୍ୟବହାର ରହିଛି ? ଏକଦା ମଦିନାରେ ଜଣେ ଇହୁଦୀ ବ୍ୟକ୍ତିର ଯନାଜାଃ ଆସୁଥିଲା । ନବୀ କରୀମ୍ ସ.ଅ ସେହି ପାର୍ଥିବ ଶବକୁ ସମ୍ମାନ ଜଣାଇବା ନିମନ୍ତେ ଛିଡ଼ା ହୋଇ ପଡ଼ିଲେ । କେହି ଜଣେ ବ୍ୟକ୍ତି ପଚାରିଲା କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ତ' ଜଣେ ଇହୁଦୀ ବ୍ୟକ୍ତିର ଅନ୍ତ୍ୟୋଷ୍ଟି ବା ଶବ ଅଟେ । ଆଉଣ ଆପଣ ସ.ଅ କାହିଁକି ଛିଡ଼ା ହୋଇ ପଡ଼ିଲେ ? ପ୍ରତ୍ୟୁତ୍ତରରେ ରୁସୁଲୁଲ୍ଲାଃ ସ.ଅ କହିଲେ, କ'ଣ ଉକ୍ତ ବ୍ୟକ୍ତିର ଶରୀରରେ ଜୀବନ (ପ୍ରାଣ) ନଥିଲା ଓ କ'ଣ ଉକ୍ତ ବ୍ୟକ୍ତି ମନୁଷ୍ୟ ନଥିଲା ?

**(ବୁଖାରୀ କିତାବୁଲ୍ ଯନାଏଜ୍)**

ହ. ଯାଲା ବିନ୍ ମୁରରାହ୍ ର.ଅ ବର୍ଣ୍ଣନା କରନ୍ତି: "ମୁଁ ନବୀ କରୀମ୍ ସ.ଅଙ୍କ ସହିତ ଅନେକ ଯାତ୍ରା କରିଛି । କେବେ ବି ଏପରି ହୋଇ ନାହିଁ ଯେ, ଆପଣ ସ.ଅକୌଣସି ବ୍ୟକ୍ତିର ଶବ ଏଣେ ତେଣେ ପଡ଼ିଥିବାର ଦେଖିଥିବେ ଆଉ ଆପଣ ସ.ଅ ସେହି ଶବକୁ ପୋତି ନଥିବେ । ଆପଣ ସ.ଅ କେବେ ଏହା ପଚାରି ନାହାନ୍ତି ଯେ, ଏଇ ଶବଟି ମୁସଲମାନର ଥିଲା ଅବା ଅବିଶ୍ୱାସକାରୀର ! ସୁତରାଂ ବଦର୍ ଯୁଦ୍ଧରେ ନିହତ ହୋଇଥିବା ମୁସ୍‌ରିକ୍ ଅଧିପତି ଶତ୍ରୁମାନଙ୍କୁ ବଦର୍ ଭୂମିରେ ଏକ ଗର୍ତ୍ତ ମଧ୍ୟରେ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଗର୍ତ୍ତକୁ '**କଲିବେ ବଦର**' କୁହାଯାଏ ।" **(ବୁଖାରୀ କିତାବୁଲ୍ ମୁଗାଜି)**

ମକ୍କାର ଅବିଶ୍ୱାସକାରୀମାନେ ଓହୋଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ଚଚା ହ. ହମ୍‌ଜା ର.ଅଙ୍କ ନାକ କାଟି ତାଙ୍କର ଶବକୁ ଅତ୍ୟନ୍ତ ବୀଭତ୍ସ ଭାବରେ ବିକୃତ କରି ଦେଇଥିଲେ ଏହା ହିଁ ସେହି ଅବଜ୍ଞାକାରୀମାନଙ୍କର ପନ୍ଥା ରହିଥିଲା । ଯେବେବେଳେ ଅହଜାବ୍ ଯୁଦ୍ଧରେ ତାଙ୍କର (ଅବିଶ୍ୱାସୀମାନଙ୍କର) ନୌଫିଲ୍ ବିନ୍ ଅବଦୁଲ୍ଲାଃ ମଖ୍‌ଜୁମା ନାମକ ଅଧିପତି ନିହତ ହେଲା ସେତେବେଳେ ସେମାନେ ଭାବୁଥିଲେ ଯେ, ମୁସଲମାନମାନେ ବର୍ତ୍ତମାନ ଆମ ଅଧିପତିଙ୍କର ଶବକୁ (ମୁଖ ପାଦକୁ ବୀପରୀତ ଦିଗରୁ କାଟିଦେବେ) ବିକୃତ କରିଦେବେ । ସୁତରାଂ ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ସନ୍ଦେଶ ପ୍ରେରଣ କଲେ ଯେ, ଦଶ ହଜାର ଦିରହମ୍ ଆମ ଠାରୁ ନେଇ ନିଅନ୍ତୁ ଓ ନୌଫିଲ୍‌ର ଶବକୁ ଆମକୁ ଫେରାଇ ଦିଅନ୍ତୁ । ରସୁଲୁଲ୍ଲାଃ ସ.ଅ କହିଲେ, ଆମେମାନେ ମୃତ ବ୍ୟକ୍ତିର ମୂଲ୍ୟ ଗ୍ରହଣ କରୁ ନାହୁଁ । ତୁମେ ନିଜର ଶବକୁ ନେଇଯାଅ । ଆଁହଜରତ ସ.ଅ ଶତ୍ରୁ ପକ୍ଷର ମୃତକମାନଙ୍କ ଶବକୁ ବିକୃତ କରିବାକୁ ସାହାବାମାନଙ୍କୁ ବାରଣ କରିଥିଲେ । **(ଦଲାଇଲୁନ୍ ନୁବୁଓ୍ୱତା, ଲିଲ୍ ବହିକି, ଭାଗ-3)**

ଯେଉଁଠି ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ସମାନତା ପ୍ରସଙ୍ଗ ରହିଛି, ଦୁର୍ଭାଗ୍ୟ ବଶତଃ ଆଜି ବିକଶିତ ତଥା ଅତ୍ୟାଧୁନିକ ଯୁଗରେ ସମାନତା ଏବଂ ସ୍ୱାଧୀନତା ନାଁରେ ମହିଳାମାନଙ୍କୁ ନାରୀ ଧର୍ଷଣର ଶିକାର ହେବାକୁ ପଡୁଛି ତାହା ସମାଜର ସନ୍ତୁଳନକୁ ବିଗାଡ଼ିବାର କାରଣ ସାଜୁଛି । ଅନ୍ୟଥା ଇସଲାମ୍ ଧର୍ମ କେବଳ ମହିଳାମାନଙ୍କୁ କେବଳ ସମାନତାର ଅଧିକାର ପ୍ରଦାନ କରି ଦେଇଛି ତାହା ନୁହେଁ। ବରଂ କେତେକ ସତର୍କତା ଅବଲମ୍ବନ କରି ସେମାନଙ୍କର ଅଧିକାରର ସୁରକ୍ଷାର ସଂପୂର୍ଣ୍ଣ ପ୍ରତିଭୂ (ପ୍ରତିଶ୍ରୁତି) ମଧ୍ୟ ଦେଇଛି ।

ପ୍ରକୃତ କଥା ଏହିକି ଯେ, ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ପ୍ରକୃତିଗତ ଦୃଷ୍ଟିରୁ ଜନ୍ମଗତ ଓ ଶାରୀରୀକ ଗଠନ ତଥା ଆକୃତି ଦୃଷ୍ଟିରୁ ଯେଉଁ ତାରତମ୍ୟ ଓ ପ୍ରଭେଦ ରହିଛି ଇସଲାମ୍ ଧର୍ମ ତାହାକୁ ଅଣଦେଖା କରି ନାହିଁ । ନା ହିଁ ସେସବୁକୁ ଅଣଦେଖା କରା ଯାଇପାରିବ । ତେଣୁ ଏହାକୁ ଦୃଷ୍ଟିରେ ରଖି ଇସଲାମ୍ ଧର୍ମ ପୁରୁଷ ଓ ମହିଳାମାନଙ୍କର ଦାୟିତ୍ୱ ନିର୍ଦ୍ଧାରଣ କରିଦେଇଛି । ଘରର ବ୍ୟବସ୍ଥା ଏବଂ ସନ୍ତାନ ସନ୍ତତିଙ୍କ ଲାଳନ ପାଳନର ଦାୟିତ୍ୱ, ସଂସ୍କାର ପ୍ରଦାନ କରିବାର ଦାୟିତ୍ୱ ମହିଳାମାନଙ୍କର କର୍ତ୍ତବ୍ୟ ଅଟେ । ଅପର ପକ୍ଷେ ପୁରୁଷର ଏହି କର୍ତ୍ତବ୍ୟ ଏବଂ ଦାୟିତ୍ୱ ରହିଛି ଯେ, ସେ ପତ୍ନି ଓ ସନ୍ତାନମାନଙ୍କର ସମସ୍ତ ବୈଧ ଏବଂ ଉପଯୁକ୍ତ ଆବଶ୍ୟକତା ନିମନ୍ତେ ପରିଶ୍ରମ କରି ଖର୍ଚ୍ଚ ଉପଲବ୍ଧ କରାଉ ।

ମହିଳାମାନଙ୍କର ସ୍ୱାଧୀନତା ଏବଂ ସମାନତାର ନାମକୁ ମାତ୍ର ଧ୍ୱଜ ବାହକମାନଙ୍କର ବ୍ୟବହାରିକ ଭୂମିକାକୁ ଦେଖି ନିଅନ୍ତୁ । ସେମାନେ ମହିଳାମାନଙ୍କୁ ମଧ୍ୟ ଚାକିରୀ କରିବାକୁ କୁହନ୍ତି ଏବଂ ରୋଷେଇ ଶାଳର ଦାୟିତ୍ୱ ଏବଂ ସନ୍ତାନମାନଙ୍କର ଲାଳନ ପାଳନର ଦାୟିତ୍ୱ ଏବଂ ଯତ୍ନ ଇତ୍ୟାଦି ସେହି ମହିଳାମାନଙ୍କ ଉପରେ ନ୍ୟସ୍ତ କରିଥାଆନ୍ତି । ଏହା ତ' ସ୍ୱାଧୀନତା ନାମରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଅଟେ । ଇସଲାମ୍ ଧର୍ମ ଏଥି ପାଇଁ ଅନୁମତି ପ୍ରଦାନ କରେ ନାହିଁ ।

ଇସଲାମ୍ ଧର୍ମ ମହିଳାମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି ଏବଂ ସେମାନଙ୍କ ପ୍ରତି ଯେଭଳି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରିଛି ଏବଂ ସେମାନଙ୍କୁ ସମ୍ମାନ ପ୍ରଦାନ କରିଛି । ଏହାର ଭବ୍ୟ ଉଦାହରଣ ପୁଣ୍ୟଶ୍ଳୋକ ମୁନିବ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପାରିବାରିକ ଜୀବନରେ ପ୍ରତିଫଳିତ ହେଉଥିବାର ଦୃଶ୍ୟମାନ ହୋଇଥାଏ ।

ସୁତରାଂ ଆଁହଜରତ ସ.ଅଙ୍କ ମଦିନା ବାସ କାଳରେ ଯେତେବେଳେ ଆପଣ ସ.ଅଙ୍କ ବୟସ 50 ବର୍ଷରୁ ଅତିକ୍ରମ କରି ସାରିଥିଲା ସେତେବେଳେ ଆପଣ ସ.ଅଙ୍କ ସଂସ୍କାରଗତ ଓ ଜାତୀୟ ସ୍ୱାର୍ଥର ଆବଶ୍ୟକତାକୁ ଧ୍ୟାନରେ ରଖି ଆପଣ ସ.ଅ ବହୁ ବିବାହ କରିବାକୁ ପଡ଼ିଥିଲା । ଏକ ସମୟରେ ଆପଣ ସ.ଅଙ୍କର 9 ଜଣ ପତ୍ନି ମଧ୍ୟ ଆପଣ ସ.ଅଙ୍କ ସଂସ୍କାର ଓ ତତ୍ତ୍ୱାବଧାନରେ ରହିଲେ । କିନ୍ତୁ ଆପଣ ସ.ଅ କିଭଳି ଉତ୍ତମ ଢଙ୍ଗରେ ଏବଂ ଉତ୍ତମ ବ୍ୟବସ୍ଥା ତଥା ପୂର୍ଣ୍ଣ ମଧ୍ୟମ ଓ ନ୍ୟାୟର ସହିତ ସମସ୍ତ ପତ୍ନିମାନଙ୍କର ଅଧିକାର ସମ୍ପାଦନ କଲେ ଏବଂ ସମସ୍ତଙ୍କର ଯତ୍ନ ନେଇଥିଲେ । ପ୍ରତ୍ୟେକ ପତ୍ନିଙ୍କ ନିମନ୍ତେ ଜୀବନ ଯାପନ ନିମନ୍ତେ ଆସବାବ ପତ୍ର କଥା ତ' ଛାଡ଼ ଦୁଇ ଓଳି ରୁଟି ମଧ୍ୟ ସଂପୂର୍ଣ୍ଣ ରୂପେ ଉପଲବ୍ଧ କରାଇବା କଷ୍ଟକର ବ୍ୟାପାର ଥିଲା। ଏସବୁ ସତ୍ତ୍ୱେ ପ୍ରତ୍ୟେକ ପତ୍ନି ଆପଣ ସ.ଅଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କରିଥିବା ହେତୁ ନିଜକୁ ଗର୍ବିତ ବୋଲି ମନେ କରୁଥିଲେ ।

ଯେତେବେଳେ ବିଜୟ ଏବଂ ମାଲେ ଗନିମତ୍‌ର ଆଧିକ୍ୟତା କାଳରେ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଆଁହଜରତ ସ.ଅ ନିଜର ପତ୍ନିମାନଙ୍କୁ ଏହି ପ୍ରସ୍ତାବ ଦେଲେ କି ହେ ମୋର ପତ୍ନିମାନେ ତୁମେମାନେ ଯଦି ସାଂସାରିକ ଜୀବନ ଏବଂ ତା'ର ଚାକଚକ୍ୟତାର ଅଭିଳାଷୀ ତେବେ ଆସ ମୁଁ ତୁମମାନଙ୍କୁ ସାଂସାରିକ ଧନ ଓ ସାଧନ ଏବଂ ପାଥେୟ ଦେଇ ନିଜ ଠାରୁ ପୃଥକ କରିଦେବି । ତେବେ ବିନା କୌଣସି ବାଛ ବିଚାର କରି ଏବଂ ନିର୍ଦ୍ୱନ୍ଦ୍ୱ ତଥା ନିଃଶଙ୍କୋଚରେ ପ୍ରତ୍ୟେକ ପତ୍ନି ପ୍ରତ୍ୟେକ ଅବସ୍ଥାରେ ଈଶ୍ୱରଙ୍କ ବାର୍ତ୍ତାବହ ରସୁଲ୍ କରୀମ୍ ସ.ଅ ସହିତ ରହିବାକୁ ଏବଂ ଜିବୀନ ବିତାଇବାକୁ ପ୍ରାଧାନ୍ୟ ଦେଇଥିଲେ ।

ଆଁହଜରତ ସ.ଅ ନିଜର ପରିବାର ବର୍ଗଙ୍କ ସହିତ ଅତ୍ୟନ୍ତ କୃପାବତ୍ସଳ ଥିଲେ । ସୁତରାଂ ଏଥି ସଂକ୍ରାନ୍ତରେ ଚର୍ଚ୍ଚା କରି ହ. ଆଏଶା ର.ଅ କୁହନ୍ତି, ଆଁହଜରତ ସ.ଅ ସାଧାରଣ ମନୁଷ୍ୟ ପରି ଜଣେ ମଣିଷଟିଏ ଥିଲେ । ନିଜର ବସ୍ତ୍ରରେ ନିଜ ହସ୍ତରେ ତାଳି ପକାଇ ନେଉଥିଲେ । ଛେଳୀ ନିଜେ ଦୁହି ନେଉଥିଲେ । ଜୋତା ଏବଂ ଘରର ବାଲଟି ଇତ୍ୟାଦିର ମରାମତି କରିନେଉଥିଲେ । ରାତ୍ର ସମୟରେ ବିଳମ୍ବରେ ଘରକୁ ଯଦି ଫେରିନ୍ତି ତେବେ କୌଣସି ପତ୍ନିଙ୍କୁ କଷ୍ଟ ଦେବା ପରିବର୍ତ୍ତେ, ନିଦରୁ ଉଠାଇବା ପରିବର୍ତ୍ତେ ଖାଦ୍ୟ କିମ୍ବା କ୍ଷୀର ସ୍ୱୟଂ ବାହାର କରି ବ୍ୟବହାର କରି ନେଉଥିଲେ ।

ସୁତରାଂ ସେହି ପୁଣ୍ୟବାନ ଏବଂ ବିଶ୍ୱସ୍ତ ପତ୍ନିମାନଙ୍କର ନିଷ୍ଠା ଓ ବିଶ୍ୱସ୍ତ ସାଂସାରିକ ସୁଖ ଶାନ୍ତି ଅଭିପ୍ରାୟ ନଥିଲା । ସେମାନେ ତ' ଉଦର (ପେଟ)ରୁ ବୁଭୁକ୍ଷତା ବା କ୍ଷୁଧାର୍ତ୍ତ (ଭୋକିଲା) ଥିଲେ । ଆପଣ ସ.ଅଙ୍କ ଚାରିତ୍ରିକା ଉଦାରତାର ସେମାନେ ପ୍ରଶଂସକ ହୋଇଯାଇଥିଲେ । ଆପଣ ସ.ଅଙ୍କ ଉତ୍ତମ ବ୍ୟବହାର ଓ ଦୟା ଏବଂ କୃପାର ଚିର ଋଣୀ ଥିଲେ ।

ଆଁହଜରତ ସ.ଅଙ୍କ ନିଜର ପବିତ୍ର ପତ୍ନୀମାନଙ୍କ ସହିତ ଉତ୍ତମ ବ୍ୟବହାର ଏବଂ ହୃଦୟ ରଖିବା ଓ ସେବା କରିବାକୁ ସେହି କାଳର ପୃଷ୍ଠଭୂମିରେ ଦେଖନ୍ତୁ ଯେତେବେଳେ ଆରବ ଦେଶରେ ନାରୀମାନଙ୍କର କୌଣସି ମୂଲ୍ୟ ନଥିଲା । ବରଂ ପୁରୁଷମାନେ ମହିଳାମାନଙ୍କ ସହିତ ପାଦର ଜୋତା ପରି ବ୍ୟବହାର କରୁଥିଲେ । ଗୋଟିଏ ମହିଳା ପସନ୍ଦ ହେଲା ତଥା ଭଲ ଲାଗିଲା ନାହିଁ ତେବେ ଅନ୍ୟ ମହିଳା ବଦଳି (ବିବାହ) ନେଉଥିଲେ । ଏପର୍ଯ୍ୟନ୍ତକି କନ୍ୟା ଜନ୍ମକୁ ମଧ୍ୟ ଅଭିଶାପ ଏବଂ କୁଲକ୍ଷଣ ବୋଲି ମନେ କରୁଥିଲେ ।

କେତେକ ମୂର୍ଖ, କଠୋର ସ୍ୱଭାବ ଏବଂ କୁଟୀଳ ହୃଦୟର ବ୍ୟକ୍ତିମାନେ ଝିଅମାନଙ୍କୁ ଜୀବନ୍ତ ମାଟିରେ ପୋତି ଦେଉଥିଲେ । ସାମାନ୍ୟ କଥାରେ ମହିଳାକୁ ମୂର୍ଖ ମନେକରି ସେମାନଙ୍କର କଥାକୁ ଧ୍ୟାନପୂର୍ବକ ଶୁଣିବା କିମ୍ବା ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ିବା ପୁରୁଷଙ୍କ ନିକଟରେ ସମ୍ମାନ ହାନୀ ବୋଲି ମନେ କରାଯାଉଥିଲା । କିନ୍ତୁ ଆଁହଜରତ ସ.ଅ ଉକ୍ତ ଅବହେଳିତା, ଦଳିତା, କୁତ୍ସିତା, ଲାଞ୍ଛିତା ମହିଳା ଗୋଷ୍ଠୀଙ୍କୁ ସମ୍ମାନ ଏବଂ ମର୍ଯ୍ୟାଦାର ଯେଉଁ ଆସନରେ ବସାଇଥିଲେ ଆଜି ଆଧୁନିକ ଯୁଗରେ ମଧ୍ୟ ଯେତେବେଳେ ପ୍ରତ୍ୟେକ ପାର୍ଶ୍ୱରେ ମହିଳାମାନଙ୍କର ସ୍ୱାଧୀନତା ଏବଂ ସମାନତାର ସ୍ଳୋଗାନ ଦିଆଯାଉଛି ତା'ର ଦୃଷ୍ଟାନ୍ତ ମିଳିବା କଷ୍ଟକର ଅଟେ ।

ସୁତରାଂ ମାନବ ଜାତିର ହିତ ତଥା କଲ୍ୟାଣ ସାଧନକାରୀ ଅସ୍ତିତ୍ୱ ହ. ମୁହମ୍ମଦ୍ ମୁସ୍ତଫା ସ.ଅ ନିଜର ଜୀବନରେ ଶେଷ ହଜ୍ ଅର୍ଥାତ୍ ହଜତୁଲ୍ ୱିଦା ଅବସରରେ

ଯେଉଁ ଉଦ୍‌ବୋଧନ ଦେଇଥିଲେ ତାହା ମାନବ ଜାତିର ମୁଣ୍ଡକୁ ଉଚ୍ଚକାରୀ ଖୁତ୍‌ବା ଓ ଉଚ୍ଚତମ ଧ୍ୱଜା ଅଟେ ଯାହାକି ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନନ୍ୟ ରୂପେ ଫର୍ ଫର୍ ହୋଇ ଉଡୁଥିବ ଏବଂ ମାନବ ଜାତିକୁ ମାନବତାର ଶିକ୍ଷା ଦେଇ ଚାଲିଥିବ ।

ରସୁଲ ପ୍ରେମୀ ତଥା ଜମାଅତ୍ ଅହେମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ଓ ପ୍ରତିଶ୍ରୁତ ମସିହ୍ ଏବଂ ମେହଦୀ ଅ.ସ କୁହନ୍ତି:- "ଅଲ୍ଲାଃତାଲାଙ୍କୁ ଖୋଜିବାକୁ ଚାହୁଁଛନ୍ତି ତେବେ ଦରିଦ୍ରମାନଙ୍କ ହୃଦୟ ନିକଟରେ ଖୋଜନ୍ତୁ । ସେଇଥିପାଇଁ ଅବତାରମାନେ ଦାରିଦ୍ର୍ୟତାର ଜାମା ପଟା ପିନ୍ଧି ନେଇଥିଲେ। ସେହିପରି ଏହା ଉଚିତ୍ ଥିଲା କି ବଡ଼ ବଡ଼ ଜାତିର ଲୋକମାନେ ଛୋଟ ଜାତିମାନଙ୍କ ପ୍ରତି ଉପହାସ କରନ୍ତୁ ନାହିଁ ଓ ନା ହିଁ କୌଣସି ବ୍ୟକ୍ତି ଏହା କହୁ କି ମୋର ବଂଶ ସବୁଠୁ ବଡ଼ ଓ ମହାନ ଅଟେ ।

ଅଲ୍ଲାଃତାଲା କୁହନ୍ତି, ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୋ ନିକଟକୁ ଆସିବ ତେବେ ମୁଁ ସେହି ବ୍ୟକ୍ତିକୁ ଏହି ପ୍ରଶ୍ନ ପଚାରିବି ନାହିଁ ଯେ, ତୁମର ଜାତି କ'ଣ ଏବଂ ବଂଶ କ'ଣ ଅଟେ ? ବରଂ ଏହି ପ୍ରଶ୍ନ ପଚାରିବି ଯେ, ତୁମର କର୍ମ କ'ଣ ଅଟେ ଓ ତୁମେ କେଉଁ କର୍ମ କଲ ? ସେହିପରି ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ନିଜର ସୁପୁତ୍ରୀ ହ. ଫାତିମା ର.ଅଙ୍କୁ କହିଲେ, ହେ ଫାତିମା ! ଅଲ୍ଲାଃତାଲା ତୁମର ଜାତି କିମ୍ବା ତୁମର ବଂଶ ସଂପ୍ରଦାୟ ସଂକ୍ରାନ୍ତରେ ପ୍ରଶ୍ନ କରିବେ ନାହିଁ । ତୁମେ ଯଦି କୌଣସି ପାପ କର୍ମ କର ତେବେ ଈଶ୍ୱର ତୁମକୁ ଏଥି ନିମନ୍ତେ କ୍ଷମା କରିଦେବେ ନାହିଁ ଯେ, ତୁମେ ମୁହମ୍ମଦଙ୍କର ପୁତ୍ରୀ ଓ ବାର୍ତ୍ତାବହଙ୍କର ପୁତ୍ରୀ ଅଟ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-370)**

ସେହିପରି ଆପଣ ଅ.ସ କହିଲେ: "ମୁଁ ଏହା ଚାହୁଁ ନାହିଁ ଯେ, ମୋ ଜମାଅତ୍‌ର ସଦସ୍ୟବୃନ୍ଦ ପରସ୍ପରକୁ ହୀନ ଚକ୍ଷୁରେ ଦେଖନ୍ତୁ ଓ ହୀନ ବୋଲି ମନେ କରନ୍ତୁ କିମ୍ବା ପରସ୍ପର ପ୍ରତି ଗର୍ବ ଓ ଅହଂ ଭାବ ପ୍ରକାଶ କରନ୍ତୁ ଅବା ତିରସ୍କୃତ ଚକ୍ଷୁରେ ଦେଖନ୍ତୁ.........ଭଗବାନ ଜାଣନ୍ତି ଯେ, କିଏ ବଡ଼ ଓ କିଏ ସାନ.........କେତେକ ଲୋକମାନେ ମୁରବୀମାନଙ୍କୁ ଯେତେବେଳେ ଭେଟନ୍ତି ସେତେବେଳେ ସେମାନେ ଅତ୍ୟନ୍ତ ଶିଷ୍ଟତା ପ୍ରଦର୍ଶନ କରିଥାଆନ୍ତି । କିନ୍ତୁ ବଡ଼ ହେଉଛି ସେହି ବ୍ୟକ୍ତି ଯିଏ ଗରିବମାନଙ୍କର କଥାକୁ ବିନୀତ ଓ ଦାରିଦ୍ର୍ୟପୂର୍ବକ ଶୁଣେ । ଗରିବ ବ୍ୟକ୍ତିକୁ ସାନ୍ତ୍ୱନା ଦିଏ, ତା' କଥାକୁ ସମ୍ମାନ ଜଣାଏ, ଚିଡ଼ାଇବା ଭଳି କୌଣସି କଥା ତୁଣ୍ଡରେ ନଧରେ ଯଦ୍ଦ୍ୱାରାକି ତା'କୁ ଦୁଃଖ ପହଞ୍ଚିବ.........ତୁମେମାନେ ନିଜର ଭାଇମାନଙ୍କୁ ହୀନ ଏବଂ ତୁଚ୍ଛ ବୋଲି ମନେକର ନାହିଁ ।

ଯେତେବେଳେ ତୁମେମାନେ ସମସ୍ତ ଗୋଟିଏ ଝରଣାରୁ ଜଳପାନ କରୁଛ ତେବେ କିଏ ଜାଣେ ଯେ, କାହା ଭାଗ୍ୟରେ କେତେ ଅଧିକ ଜଳପାନ କରିବା ଲେଖା ହୋଇଛି । କିନ୍ତୁ ଈଶ୍ୱରଙ୍କ ନିକଟରେ ସେହି ବ୍ୟକ୍ତି ହେଉଛି ବଡ଼ ଯିଏ ଧର୍ମପରାୟଣ ଏବଂ ସଂଯମୀ ଅଟେ । ସୁତରାଂ ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ କରୀମରେ କୁହନ୍ତି, اِنَّ اَکۡرَمَکُمۡ عِنۡدَ اللّٰہِ اَتۡقٰکُمۡ ؕ اِنَّ اللّٰہَ عَلِیۡمٌ خَبِیۡرٌ **(ଅଲ୍ ହୁଜ୍ରାତ୍: 14)** ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେ ସବୁଠାରୁ ଅଧିକ ଧର୍ମପରାୟଣ, ସେ ଅଲ୍ଲାଃତାଲାଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ। ଅଲ୍ଲାଃ ନିଶ୍ଚିତ ରୂପେ ସର୍ବଜ୍ଞ ଓ ସର୍ବଜ୍ଞତା ସମ୍ପନ୍ନ ଅଟନ୍ତି। **(ମଲ୍‌ଫୁଜାତ୍ ଭାଗ-1, ପୃ-22-23)**

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ ନିଜର ଖୁତ୍‌ବା ଜୁମା ପ୍ରଦତ୍ତ 2000 ମସିହା ଡିସେମ୍ବର 17 ତାରିଖରେ ଜୀବନୀ ବିଷୟବସ୍ତୁ ଉପରେ ଖୁତ୍‌ବା ଦେଇ ଶେଷରେ କହିଲେ, "ଏହି ଉଦାହରଣ କେବେ ବି ପୂରୁଣ ହେବ ନାହିଁ । ବରଂ ଆଜି ମଧ୍ୟ ଯଦି ଅଲ୍ଲାଃତାଲାଙ୍କର କୃପାକୁ ସାଉଁଟିବାକୁ ଚାହୁଁଛନ୍ତି ଓ ତାହାଙ୍କ ପ୍ରସନ୍ନତା ତଥା ଅନୁଗ୍ରହତାକୁ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ତେବେ ଆଁହଜରତ ସ.ଅଙ୍କ ପ୍ରେମର ଦାବିକୁ ସତ୍ୟ ବୋଲି ପ୍ରମାଣ କରି ଦେଖାଇ ଦେବାକୁ ଇଚ୍ଛୁକ ତେବେ ସେହି ଉଦାହରଣ ଏବଂ ଆଦର୍ଶ ଉପରେ ପରିଚାଳିତ ହେବାକୁ ହେବ ।"

ଆଜି ପ୍ରତ୍ୟେକ ଅହେମଦିର ଅନ୍ୟ ମୁସଲମାନମାନଙ୍କ ସଂପର୍କରେ ସର୍ବାଧିକ ଏହି କର୍ତ୍ତବ୍ୟ ରହିଛି ଯେ, ନିଜର ଆଖପାଖରେ ଥିବା ପରିବେଶରେ ସେହି ଦୁର୍ବଳ, ନିଃସହାୟ ଲୋକମାନଙ୍କୁ ଖୋଜନ୍ତୁ ଏବଂ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରନ୍ତୁ ଓ ଆଁହଜରତ ସ.ଅଙ୍କ ସହିତ ପ୍ରେମ ତଥା ଆନ୍ତରୀକତାର ଦାବିକୁ ସତ ବୋଲି ପ୍ରମାଣିତ କରି ଦେଖାଇ ଦିଅନ୍ତୁ । ଅଲ୍ଲାଃତାଲା ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** ।

☆--☆--☆

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

## ଇସଲାମୀୟ ବର୍ଷକୁ ହିଜ୍ରତ୍ ସହିତ ସଂଶ୍ଲୀଷ୍ଟ କରିବାର କେଉଁ ତାତ୍ପର୍ଯ୍ୟ ରହିଛି ? (ସମ୍ମାନନୀୟ ସ୍ୱର୍ଗତ ମୌଲାନା ଅବୁଲ୍ ଅତା ସାହେବ)

ଇସଲାମୀୟ ବର୍ଷକୁ ହିଜ୍ରତ୍ ସହିତ ସଂଶ୍ଲୀଷ୍ଟ (ଯୋଡ଼ିବା)ର କେଉଁ ତାତ୍ପର୍ଯ୍ୟ ରହିଛି ? ଉକ୍ତ ବିଷୟ ବସ୍ତୁ ଉପରେ ସମ୍ମାନନନୀୟ ସ୍ୱର୍ଗତ ମୌଲନା ଅବୁଲ୍ ଅତା ସାହେବ ଜାଲନ୍ଧରୀ ସାହେବଙ୍କ ଏକ ରୋଚକ ଏବଂ ବିଶ୍ୱାସବର୍ଦ୍ଧକ ବିଷୟବସ୍ତୁ ଅଲ୍ ଫଜଲ୍‌ରୁ ପାଠକ ନିମନ୍ତେ ଉପସ୍ଥାପାତି କରାଯାଉଛି । ଆଶା କରୁ କି ପାଠକମାନେ ଏହାକୁ ଅତ୍ୟନ୍ତ ଆଗ୍ରହ ସହାକରେ ପାଠ କରିବେ ଓ ଉପକୃତ ହେବେ ।

ଇସ୍‌ଲାମ୍ ଧର୍ମ ହେଉଛି ଏକେଶ୍ୱରବାଦର ଧର୍ମ । ଇସଲାମ୍ ଧର୍ମ ନିକଟରେ ସମସ୍ତ ଅବତାରମାନଙ୍କ ଅଗମନର ଅଭିପ୍ରାୟ ଏକେଶ୍ୱରବାଦ ସ୍ଥାପନ ଥିଲା। ମନୁଷ୍ୟର ସବୁଠୁ ବଡ଼ ବିଶେଷତା ଏହିକି ଯେ, ସେ ନିଜର ସୃଷ୍ଟିକର୍ତ୍ତା ଏବଂ ଆରାଧ୍ୟ ଏବଂ ଏକେଶ୍ୱରଙ୍କ ପରିଚୟ ଏବଂ ତାହାଙ୍କର ସାନ୍ନିଧ୍ୟ ପ୍ରାପ୍ତ କରୁ । ଈଶ୍ୱରଙ୍କ ରଙ୍ଗରେ ରଙ୍ଗାୟିତ ହୋଇ ଜୀବନ ଯାପନ କରୁ ଏବଂ ତାହାଙ୍କ ମାର୍ଗରେ ହିଁ ମୃତ୍ୟୁବରଣ କରୁ।

ଜୀବନର ଏହି ଲକ୍ଷ୍ୟକୁ ପ୍ରାପ୍ତ କରିବା ନିମନ୍ତେ ଇସ୍‌ଲାମ୍ ଧର୍ମ ମୁସଲମାନମାନଙ୍କର ପୂର୍ଣ୍ଣ ମାର୍ଗଦର୍ଶନ କରିଛି । ମୁସଲମାନମାନଙ୍କୁ ଏହି ଆଦେଶ ଦିଆଯାଇଛି । ଅଲ୍ଲାଃତାଲା ଏପରି ଧର୍ମବିଧାନ ପ୍ରଦାନ କରିଛନ୍ତି ଯଦ୍ଦ୍ୱାରାକି ଏକେଶ୍ୱରବାଦର ବିଷୟବସ୍ତୁ ପ୍ରତ୍ୟେକ ସ୍ତରରେ ସ୍ୱଷ୍ଟ ହୋଇ ସମ୍ମୁଖକୁ ଆସିଯାଉ ଏବଂ ବିଶ୍ୱାସକାରୀ ମୁହୂର୍ତ୍ତକ ପାଇଁ ମଧ୍ୟ ତହୁଁରୁ ଯେପରି ଅବଚେତନ ହୋଇ ନଯାଉ । ଆମର ପ୍ରିୟ ନବୀ ସ.ଅଙ୍କ ଜୀବନୀ ସକଳ ଆଦର୍ଶର ସହିତ ତତ୍‌ସଂକ୍ରାନ୍ତରେ ସର୍ବୋତ୍କୃଷ୍ଟ ପଥପ୍ରଦର୍ଶକ ଦୀପ ଅଟେ ।

ଦିବା ରାତ୍ରର ମତଭେଦ, ଆଗ ପଛ ହେବ, ସପ୍ତାହ ସପ୍ତାହ ଧରି, ମାସ ମାସ ଧରି, ବର୍ଷ ବର୍ଷ ଧରି ପାଣିପାଗ ଏବଂ ଋତୁ ବଦଳିବା ଇତ୍ୟାଦି ସମସ୍ତ ପ୍ରସଙ୍ଗ ମନୁଷ୍ୟର ଇନ୍ଦ୍ରିୟ ସ୍ୱଭାବକୁ ଜାଗ୍ରତ କରିବା ନିମନ୍ତେ ରହିଛି । ମନୁଷ୍ୟ ଶରୀରକ ବୃଦ୍ଧି ଏବଂ ବିକାଶର ମାଧ୍ୟମ ମଧ୍ୟ ରହିଛି । କିନ୍ତୁ ମନୁଷ୍ୟର ଆତ୍ମାରେ ବିକାଶ ସୃଷ୍ଟି କରିବା ମଧ୍ୟ ସେହି ପରିବର୍ତ୍ତନର ମୂଳାଭିପ୍ରାୟ ଅଟେ । ପ୍ରତ୍ୟେକ ନୂତନ ଦିନ ମନୁଷ୍ୟର ସୁଶୁପ୍ତ ଚିନ୍ତାଧାରାକୁ ଜାଗ୍ରତକାରୀ ସାବ୍ୟସ୍ତ ହେବ । ପ୍ରତ୍ୟେକ ନୂତନ ରାତ୍ର ମନୁଷ୍ୟର ଜୀବନରେ ସତେଜତା ପ୍ରଦାନ କରିବ । ସେହିପରି ବର୍ଷ ବର୍ଷର ପରିବର୍ତ୍ତନ ମଧ୍ୟ ମନୁଷ୍ୟକୁ ନିଜ ଜୀବନରେ ଏକ ସମୀକ୍ଷା କରିବା ନିମନ୍ତେ ପ୍ରସ୍ତୁତ କରିଥାଏ । ଅତଃ ସମସ୍ତ ଜାତିମାନେ ବର୍ଷର ପ୍ରାରମ୍ଭ ଅବସରରେ ଆନନ୍ଦ ଓ ଉଲ୍ଲାସର ପରିପ୍ରକାଶ କରିଥାଆନ୍ତି । ଅନେକ ଲୋକମାନେ ନିଜ ଜନ୍ମଦିନକୁ ବାର୍ଥଡ଼େ (ଜନ୍ମ ବାର୍ଷିକୀ ବା ଜୟନ୍ତୀ) ରୂପେ ଧାର୍ଯ୍ୟ କରି ରଖିଛନ୍ତି । ବର୍ଷର ପ୍ରଥମ ଦିନ ଜାତିର ଜୟନ୍ତୀ ବା ବାର୍ଷିକୀ ହୋଇଥାଏ । ସେହି ଦିନ ସାଧାରଣତଃ ଏହି ଉତ୍ସାହ ରହିଥାଏ ଯେ, ଆମମମାନେ ବିଗତ ବର୍ଷରେ କେଉଁ କାର୍ଯ୍ୟ କରିଛୁ ? କେତେ ଉନ୍ନତି କରିଛୁ ଓ କେତେ ପତନର ସମ୍ମୁଖୀନ ହୋଇଛୁ ? ବର୍ତ୍ତମାନ ଆଗାମୀ ବର୍ଷ ସକାଶେ ଆମର କେଉଁ ଯୋଜନା ଓ କ'ଣ କାର୍ଯ୍ୟକ୍ରମ ରହିଛି ? ଏକ ବାର୍ଷିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ । ପଞ୍ଚ ବାର୍ଷିକ ଓ ଦଶ ବାର୍ଷିକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ସେ ଯାହା ହେଉ ନୂତନ ବର୍ଷ ପ୍ରାରମ୍ଭ ଏକ ନୂତନ ଜୀବନ ଏବଂ ନୂତନ ଉନ୍ମାଦନା ଏବଂ ଆନ୍ଦୋଳନର ବାର୍ତ୍ତା ନେଇ ଆସିଥାଏ ।

ଇସ୍‌ଲାମ୍ ଧର୍ମ ସ୍ୱଭାବ ସୁଲଭ ଧର୍ମ ଅଟେ, ଏହା ଏକେଶ୍ୱରବାଦର ଧର୍ମ ଅଟେ । ଅତଏବ୍ ଇସଲାମ୍ ଧର୍ମରେ ବର୍ଷର ଆରମ୍ଭ କିମ୍ବା ବର୍ଷ ସଂପର୍କରେ କୌଣସି ବ୍ୟକ୍ତିର ଜନ୍ମ ଗ୍ରହଣ କିମ୍ବା ବିୟୋଗ ଆଡ଼କୁ ଇଙ୍ଗିତ କରାଯାଇ ନାହିଁ । କାରଣ ଏପରି କରିବା ଦ୍ୱାରା ଈଶ୍ୱରଙ୍କ ସହିତ ସମକକ୍ଷମୂଳକ ଚିନ୍ତାଧାରା ବ୍ୟାପୀବାର ସୁଯୋଗ ଯେପରି ସୃଷ୍ଟି ନହେଉ । କିନ୍ତୁ ଇସ୍‌ଲାମ୍ ଧର୍ମରେ ମଧ୍ୟ ବର୍ଷ ଧାର୍ଯ୍ୟ ହୋଇଛି । ଏଥି ସଂକ୍ରାନ୍ତରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ମୁସଲମାନମାନଙ୍କର ବର୍ଷ ପବିତ୍ର ଅବତାର ହ. ମୁହମ୍ମଦ ସ.ଅଙ୍କ ଜନ୍ମ କିମ୍ବା ଆପଣ ସ.ଅଙ୍କ ବିୟୋଗ ଆଡ଼କୁ ଇଙ୍ଗିତ କରାଯାଇ ନାହିଁ । ବରଂ ମୁସଲମାନମାନଙ୍କର ବର୍ଷ ଆଁହଜରତ ସ.ଅଙ୍କ ପ୍ରବାସ ଆଡ଼କୁ ଇଙ୍ଗିତ କରାଯାଇଛି। ହିଜ୍ରତ୍, ଇସଲାମ୍ ଓ ମୁସଲମାନମାନଙ୍କ ସକାଶେ କାର୍ଯ୍ୟାନୁସରଣ କରିବା ନିମନ୍ତେ ବାର୍ତ୍ତା ରହିଛି । ହିଜ୍ରତ୍ କାହିଁକି ହୋଇଥିଲା ବା ଘଟିଥିଲା ? ହିଜ୍ରତ୍ ଏଇଥି ପାଇଁ ହୋଇଥିଲା ଯେ, ନବୀ କେରୀମ୍ ସ.ଅ ଏକେଶ୍ୱରବାଦ ଆଡ଼କୁ ଲୋକମାନଙ୍କୁ ଆମନ୍ତ୍ରିତ କରିବା ପ୍ରସଙ୍ଗରେ ଚଟ୍ଟାଣ ଠାରୁ ଅଧିକ ଅବିଚଳ ଥିଲେ । କୌଣସି ଭୟ, ଲୋଭ ଏବଂ ମୋହ ଆପଣ ସ.ଅଙ୍କ ଅନୁଗାମୀମାନଙ୍କୁ ଅବିଚଳତା ଠାରୁ ହଟାଇ ପାରି ନଥିଲା । ଆପଣ ସ.ଅ ଓ ଆପଣ ସ.ଅଙ୍କ ସାଥିମାନେ ପ୍ରତ୍ୟେକ ପରିସ୍ଥିତିରେ ଅଲ୍ଲାଃତାଲଙ୍କ ଏକେଶ୍ୱରବାଦର ଉଦ୍‌ଘୋଷଣା କରୁଥିଲେ ଏବଂ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଓ ପ୍ରତିମା ପୂଜା ବିରୁଦ୍ଧରେ ପ୍ରମାଣ ଓ ସିଦ୍ଧାନ୍ତ ମାଧ୍ୟମରେ ପ୍ରଭାବଶାଳୀ ଜିହାଦ୍ (ସଂଗ୍ରାମ) କରୁଥିଲେ । ମୁସ୍‌ରିକ୍ ଲୋକମାନେ ଉକ୍ତ କଥାକୁ ସହ୍ୟ କରିବା ନିମନ୍ତେ ପ୍ରସ୍ତୁତ ନଥିଲେ । ସେମାନଙ୍କ ଦୃଷ୍ଟିରେ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାଥିମାନଙ୍କର ଅସ୍ତିତ୍ୱ ଏତେ ସକ୍ଷମ ନଥିଲା କି ସେମାନଙ୍କୁ ଜୀବନ୍ତ ଛାଡ଼ି ଦିଆଯାଉ । ତେଣୁ ଅବିଶ୍ୱାସକାରୀମାନେ ଯଥାସାଧ୍ୟ କଷ୍ଟ ଦେବାକୁ ଆରମ୍ଭ କରିଦେଲେ । କାରଣ କୌଣସି ମତେ ଏକେଶ୍ୱରବାଦର ପ୍ରଚାର ବନ୍ଦ ହୋଇଯାଉ । ମକ୍କାର ଭୂମିରେ ଯେତେବେଳେ ପରିସ୍ଥିତି ଅନୁକୂଳ ନହୁଏ ଓ

ସତ୍ୟ ପ୍ରଚାରର ସମସ୍ତ ମାର୍ଗ ବନ୍ଦ କରିଦିଆ ଯାଇଥିଲା, ସେତେବେଳେ ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କୁ ଆଦେଶ ଦେଲେ ଯେ, ସେ ଓ ତାଙ୍କର ସାହାବାମାନେ ମହାନ ମକ୍କା ଭୂମିରୁ ପ୍ରବାସ କରି ଯାଆନ୍ତୁ । ଅଲ୍ଲାଃତାଲା ସ୍ୱୟଂ ପ୍ରବାସ କରିବା ନିମନ୍ତେ ସାଧାନ ସୃଷ୍ଟି କରିଦେଲେ ଏବଂ ଆଲୋକିତ ମଦିନା ଭୂମିକୁ ପ୍ରବାସ ସ୍ଥଳୀ ରୂପେ ବିବେଚିତ କଲେ । ନବୀ କରୀମ୍ ସ.ଅ ନିଜେ ଓ ଗୁମ୍ଫାରେ ଥିବା ନିଜର ଅତି ନିବିଡ଼ ସାଥି ହ. ଅବୁ ବକ୍କର ର.ଅଙ୍କ ସାହଚର୍ଯ୍ୟତ୍ୱରେ ମକ୍କାକୁ ପରିତ୍ୟାଗ କରି ମଦିନା ଅଭିମୁଖେ ବାହାରି ପଡ଼ିଲେ ।

ଏ ହେଉଛି ହିଜ୍ରତ୍ ଯାହାର ନାମାନୁଯାୟୀ ଇସ୍‌ଲାମୀୟ ବର୍ଷର ନାମ ନାମକରଣ କରାଯାଇଛି । କାରଣ ମୁସଲମାନମାନଙ୍କୁ ସର୍ବଦା ପ୍ରତ୍ୟେକ ମାସ ଓ ପ୍ରତ୍ୟେକ ବର୍ଷ ଏହା ସ୍ମରଣ ରହୁ କି ଇସ୍‌ଲାମ୍ ଧର୍ମ ମୁସଲମାନମାନଙ୍କର କର୍ତ୍ତବ୍ୟ ନିର୍ଦ୍ଧାରିତ କରିଛି ଯେ, ପ୍ରତ୍ୟେକ ନବ ବର୍ଷକୁ ନିଜର କାର୍ଯ୍ୟ ଏବଂ ଧର୍ମ ସେବା ନିମନ୍ତେ ଅତିବାହିତ କରନ୍ତୁ ଓ ନିଜ ଜୀବନରେ ନବୀ କରୀମ୍ ସ.ଅଙ୍କ ପ୍ରବାସକୁ ଆଦର୍ଶ ତଥା ଉଦାହରଣ ରୂପେ ଅବଲମ୍ବନ କରନ୍ତୁ । ସୁତରାଂ ପ୍ରତ୍ୟେକ ମୁସଲମାନ ବ୍ୟକ୍ତିର ଏହି ଗୁରୁଦାୟିତ୍ୱ ରହିଛି ଯେ, ସେ ବର୍ଷର ପ୍ରଥମ ଦିନରେ ଆଗାମୀ ଦିନମାନଙ୍କ ନିମନ୍ତେ ନୂତନ ଦୃଢ ସଂକଳ୍ପ, ନୂତନ ଦୃଢ ଅନ୍ତର୍ନିହିତ ଅଭିପ୍ରାୟର ସହିତ ଆରମ୍ଭ କରୁ । ମନୁଷ୍ୟର ଅନ୍ତର୍ନିହିତ ଉଦ୍ଦେଶ୍ୟ ମାଧମରେ ଅନେକ ସୁପରିଣାମ ସୃଷ୍ଟି ହୋଇପାରିବ। ଇସ୍‌ଲାମୀୟ ଧର୍ମ ବିଧାନ ଅନୁଯାୟୀ ସମସ୍ତ କର୍ମ ଅନ୍ତର୍ନିହିତ ଉଦ୍ଦେଶ୍ୟ ଉପରେ ନିର୍ଭରଶୀଳ ଅଟେ । ବର୍ଷର ପ୍ରଥମ ଦିନ ସତ୍‌ଉଦ୍ଦେଶ୍ୟର ସହିତ ସଂକଳ୍ପକାରୀ ବ୍ୟକ୍ତି ବର୍ଷ ତମାମ୍ ଅନେକ କଲ୍ୟାଣରୁ ଉପକୃତ ହୋଇଥାଏ ।

ବର୍ଷର ପ୍ରଥମ ଦିନ ଏକେଶ୍ୱରବାଦର ଶିକ୍ଷା ଦେଇଥାଏ ଓ ନୂତନ ସଂକଳ୍ପର ସହିତ ଧର୍ମ ସେବାର ପ୍ରାରମ୍ଭ କରିବାର ମୂଳଦୁଆ ସ୍ଥାପନ କରିବା ନିମନ୍ତେ ଧାର୍ଯ୍ୟ ହୋଇଥାଏ। ଆସନ୍ତୁ ଆମେମାନେ1382☆ହିଜ୍ରୀକୁ ସଠିକ୍ ରୂପେ ପ୍ରବାସ ଉଦ୍ଦେଶ୍ୟର ରଖି ଆରମ୍ଭ କରନ୍ତୁ । ଧର୍ମ ସକାଶେ ମାତୃଭୂମି ଓ ସଂପର୍କୀୟମାନଙ୍କ ଠାରୁ ବିରହ ତଥା ଭିନ୍ନ ହୋଇ ରହିବା ଏହା ମଧ୍ୟ ହିଜ୍ରତ୍ ଅଟେ । ତବ୍‌ଲିଗ୍ ନିମନ୍ତେ ବାହ୍ୟ ଦେଶକୁ ଯିବା ମଧ୍ୟ ହିଜ୍ରତ୍ ଅନ୍ତର୍ଭୁକ୍ତ ଅଟେ । ସୁତରାଂ ରସୁଲ୍ କରୀମ୍ ସ.ଅ କୁହନ୍ତି: اَلْمُهَاجِرُ مَنْ هَاجَرَ مَا نَهَى اللّٰهُ عَنْهُ ଅର୍ଥାତ୍ ପ୍ରକୃତ ପ୍ରବାସକାରୀ ହେଉଛି ସେହି ବ୍ୟକ୍ତି ଯିଏ ବର୍ଷ ତମାମ୍ ସେହି ସମସ୍ତ ଅକରଣୀୟ କାର୍ଯ୍ୟ ଯେଉଁ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ଅଲ୍ଲାଃତାଲା ବାରଣ କରିଛନ୍ତି ତହିଁରୁ ବର୍ଜିବା ଓ ନିବୃତ୍ତ ରହିବା ପାଇଁ ପ୍ରୟାସ କରିଥାଏ ସେହି ବ୍ୟକ୍ତି ହେଉଛି ପ୍ରକୃତ ପ୍ରବାସକାରୀ ବ୍ୟକ୍ତି ।

ସୁତରାଂ ପ୍ରତ୍ୟେକ ମୁସଲମାନ ବ୍ୟକ୍ତିକୁ ହିଜ୍ରୀ ବର୍ଷର ପ୍ରଥମ ଦିନରେ ଅନ୍ତତଃ ଏହି ଦୃଢ ସଂକଳ୍ପ ଅବଶ୍ୟ କରିବା ଉଚିତ୍ ଯେ, ସେ ବର୍ଷ ତମାମ ସେହି ସମସ୍ତ ଅକରଣୀୟ କାର୍ଯ୍ୟରୁ ବର୍ଜିବାକୁ ପ୍ରୟାସ କରୁ ଯେଉଁ କାର୍ଯ୍ୟଗୁଡ଼ିକୁ କରିବା ନିମନ୍ତେ ଅଲ୍ଲାଃତାଲା ବାରଣ କରିଛନ୍ତି । ଏହିପରି ସେ ମଧ୍ୟ ପ୍ରବାସର ଅର୍ଥରେ ସାମିଲ୍ ହୋଇପାରିବ । ଅଲ୍ଲାଃତାଲା ଚଳିତ ବର୍ଷ ସମଗ୍ର ମୁସଲମାନ ଜାତି ନିମନ୍ତେ କୃପା ଓ କଲ୍ୟାଣର ବର୍ଷ କରି ଦିଅନ୍ତୁ । ଆମିନ୍ ସୁମ୍ମା ଆମିନ୍ । **(କର୍ଣ୍ଣାଟକ ରାଜ୍ୟ ଅନ୍ତର୍ଗତ ମଡ଼ିକେରୀ ଜିଲ୍ଲାର ମୁବଲ୍ଲିଗ୍ ସିଲସିଲା ମୁହମ୍ମଦ କଲିମ୍ ଖାନ ସାହେବଙ୍କ ଦ୍ୱାରା ପ୍ରେରିତ)**

☆--☆--☆

☆ ମୋହରମ୍ ମାସରୁ ଇସଲାମୀୟ ବର୍ଷ ଆରମ୍ଭ ହୋଇଥାଏ । ଉକ୍ତ ବିଷୟ ବସ୍ତୁଟି 8 ମୋହରମ୍ 1382 ହିଜ୍ରୀ କମ୍ରୀ 12 ଜୁନ୍ 1962 ମସିହାର ଅଲଫଜଲ୍ ସଂଖ୍ୟାରେ ପ୍ରକାଶିତ ହୋଇଅଛି । ଆମ୍ଭେ ଉକ୍ତ ବିଷୟ ବସ୍ତୁକୁ 8 ମୋହରମ୍ ମାସ 1445 ହିଜ୍ରୀ କମ୍ରୀ ବର୍ଷର ସଂଖ୍ୟାରେ ପ୍ରକାଶିତ କରୁଅଛୁ ।

## ଓଡ଼ିଆ ନଜମ୍

### ସର୍ବଶକ୍ତିମାନ ଦୟାମୟ ଅଲ୍ଲାଃତାଲାଙ୍କ ଗୌରବ ଗାଥା

ରହିମ୍ ଖାଁ (ମୁନ୍ନା)

| | |
|---|---|
| ନିରାକାର ଶକ୍ତି କର ତାକୁ ଭକ୍ତି | ଡାକ୍ ତାକୁ ପାଞ୍ଚବେଳା |
| କ୍ଷମାଦାତା ସେହି ଜ୍ଞାନ ଦାତା ସେହି | ସେହି ଦୟାମୟ ଅଲ୍ଲାଃ |
| ନମାଜ ପଢ ହେ କୋରାନ ପଢ ହେ | ନ ରଖ ମନେ ଗରବ |
| ସବୁର ମାଲିକ ଅଟେ ସେହି ଶକ୍ତି | ଆମେ ତ' ଛାର ମାନବ |
| ଆସିଛେ ରେ ଆମେ ସ୍ୱଳ୍ପ କାଳ ପାଇଁ | କି ହୋଇବ ଆମ ସାଥି |
| ଧର୍ମ ଏକ ସିନା ସାଥିରେ ଯିବଟି | ସବୁ ତ' ଖାଇବ ମାଟି |
| ଆସ ମାଆମାନେ ଆସ ଭାଇମାନେ | ଭୁଲି ମନୁ ଭେଦଭାବ |
| ସର୍ବେ ମିଳି ହୋଇ ଏକ ମନ ହୋଇ | ଗାଇବା ଅଲ୍ଲାଃ ଗୌରବ |
| ଆହେ ଦୟାମୟ ଶୁଣ ମୋର ଭବ | ଏତିକି ଗୁହାରୀ ଶୁଣ |
| ଦିଅ ମୋତେ ଶକ୍ତି କର ମୋତେ ମୁକ୍ତି | ମୁଁ ଅଟେ ପାପି ରହିମ୍ ।। |

## ଉର୍ଦ୍ଦୁ ନଜମ୍

### یادِ حسین رضی اللہ

(نصر الحق نصر، نیپالی معلم وقفِ جدید ارشاد)

اسلام کا پہلا مہینہ ہے محرم الحرام
سب مومنوں پر لازم ہے اسکا بھی احترام
اس ماہ میں اک سانحہ ایسا وقوع ہوا
بسمل ہے جس سے روحِ مسلمان خاص و عام
وہ واقعہ جو جذبوں کو مجروح کر گیا
صدیوں کے بعد بھی ہے سلگتا ہوا اسلام
حضرت حسین ابنِ علیؓ سیّد الشّباب
باطل کے روبرو نہ جھکایا کبھی بھی سر
اہل و عیال کر دیا قربان دیں کے نام
گردن کٹا کے اپنا نواسہ رسولؐ پاک
شہدائے کربلا میں ہیں وہ سیّد الانام
حضرت حسینؓ شہ سوار کاندھےَ رسولؐ
نوک سناں پے بھی کیا تبلیغ ہی مدام
قتلِ حسینؓ مرگِ یزید پلید ہے
وہ کم نصیب حشر تلک ہو گیا بدنام
نان کی جان، دین کا بھی کر گیا قیام
ہر اہلِ دِل کی آنکھیں بہاتی ہیں اشک خون
جب یاد آئے کرب و بلا کی غریب شام
ہر اہلِ حق کے واسطے محسن حسین ہیں
تا حشر اہلِ حق کی بھی پہنچے انہیں سلام
خواب حسین ہو نصر شرمندہ تعبیر
حضرت امامِ وقت کا پھیلائیں گر پیام

☆--☆--☆

## ଦଶମ ଓ ଦ୍ୱାଦଶ ଶ୍ରେଣୀର ଅହେମଦି ଛାତ୍ର ଛାତ୍ରୀଙ୍କ ଅନନ୍ୟ ସଫଳତା

ଚଳିତ ବର୍ଷ ତାଲିମୁଲ୍ ଇସଲାମ୍ ଉଚ୍ଚ ମାଧମିକ ବିଦ୍ୟାଳୟ କାଦିଆନ୍ ଓ ନୁସ୍ରତ୍ ଉଚ୍ଚ ବାଳିକା ବିଦ୍ୟାଳୟ କାଦିଆନ୍‌ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ବାର୍ଷିକ ବୋର୍ଡ଼ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି । ଫଳାଫଳ ଅନୁଯାୟୀ ଯେଉଁ ଛାତ୍ର ଛାତ୍ରୀମାନେ ତାଲିମୁଲ୍ ଇସଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ କାଦିଆନ୍‌ର ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କ ମଧ୍ୟରୁ **6** ଜଣ ଛାତ୍ର ଛାତ୍ରୀ **80%** ନମ୍ବରରୁ ଉର୍ଦ୍ଧ୍ୱ ନମ୍ବର ପ୍ରାପ୍ତ କରିଛନ୍ତି ଓ କାଦିଆନ୍ ସ୍ଥିତ ନୁସ୍ରତ୍ ଉଚ୍ଚ ବାଳିକା ବିଦ୍ୟାଳୟର ଦଶମ ବୋର୍ଡ଼ ପରୀକ୍ଷାରେ **4** ଜଣ ଝିଅମାନ ଶତକଡ଼ା **80%** ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ଏବଂ **2** ଜଣ ଛାତ୍ରୀ **90%**ରୁ ଉର୍ଦ୍ଧ୍ୱ ନମ୍ବର ପ୍ରାପ୍ତ କରିଛନ୍ତି। **(ଅଲହମ୍‌ଦୁ ଲିଲ୍ଲାଃ)**

ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କ ସେବାରେ ଏହି ଫଳାଫଳର ସୂଚନା ପ୍ରଦାନ କରି ସେହି ସମସ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇ ଦିଆଯାଉଛି ଯେ, ଅଲ୍ଲାଃତାଲା ସେହି ସମସ୍ତ ଛାତ୍ର ଛାତ୍ରୀଙ୍କ ଜ୍ଞାନ ଏବଂ ଆଧାତ୍ମିକ ପରିଚୟରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

ଶିକ୍ଷା କ୍ଷେତ୍ରରେ ଆହୁରି ଅଧିକ ସଫଳତା ଅଲ୍ଲାଃତାଲା ସେମାନଙ୍କୁ ପ୍ରଦାନ କରନ୍ତୁ ଓ ଜମାଅତ୍ ନିମନ୍ତେ ସେମାନଙ୍କର ଅସ୍ତିତ୍ୱକୁ ମଧ୍ୟ ଉପକାରୀ ଅସ୍ତିତ୍ୱ କରନ୍ତୁ। **ଆମିନ୍ । (ନାଜିର୍ ତାଲିମ୍ ସଦର୍ ଅଞ୍ଜୁମନ ଅହେମଦିୟା କାଦିଆନ୍)**

☆--☆--☆

# ନ୍ୟାୟ ସ୍ଥାପନ ନିମନ୍ତେ ରସୁଲ୍ କରୀମ୍ ସ.ଅଙ୍କ ଶିକ୍ଷା ଏବଂ ପବିତ୍ର ଆଦର୍ଶ

## କଜା ବିଭାଗର ସ୍ଥାପନା

ଇସଲାମୀୟ ଶାସନ ବ୍ୟବସ୍ଥାର ବିଭିନ୍ନ ବିଭାଗ ମଧ୍ୟରୁ ଏକ ପ୍ରମୁଖ ବିଭାଗ ହେଉଛି କଜା ବିଭାଗ ଯାହାକୁ ନ୍ୟାୟାଳୟ ବିଭାବ କୁହାଯାଏ । ଏହାର ମୂଳଦୁଆ ରସୁଲ୍ କରୀମ୍ ସ.ଅ ପବିତ୍ର ସ୍ୱହସ୍ତରୁ ଅତୁଳନୀୟ ଭାବରେ ସ୍ଥାପନ କରିଥିଲେ। ଆପଣ ସ.ଅ ଏପରି ନୀତି ଏବଂ ନିୟମ ପ୍ରଣୟନ କଲେ ଯାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ନିୟମାବଳୀ ତଥା ଆଇନ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଅତ୍ୟାଚାରୀକୁ ନିଜ କୁକୃତ୍ୟର ଶାସ୍ତି ପ୍ରଦାନ କରାଯିବ ଓ ନିଷ୍ପେଷିତ ତଥା ଅତ୍ୟାଚାରିତ ନିଜର ଅଧିକାର ପ୍ରାପ୍ତ କରିପାରିବ । ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ମାନଙ୍କରେ ଉକ୍ତ ବିଭାଗ ସଂପର୍କିତ ଆବଶ୍ୟକୀୟ ପ୍ରସଙ୍ଗକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ରସୁଲ୍ କରୀମ୍ ସ..ଅ ନିଜର ସର୍ବୋଚ୍ଚ ଆଦର୍ଶ ଦ୍ୱାରା ଏହା ଦର୍ଶାଇ ଦେଇଛନ୍ତି ଯେ, ମୁସଲମାନମାନଙ୍କୁ ନ୍ୟାୟ ପ୍ରତିଷ୍ଠା କରିବା କ୍ଷେତ୍ରରେ କିପରି ଉଦାହରଣ ପ୍ରଦର୍ଶନ କରିବା ଉଚିତ୍ ? ଉକ୍ତ ପ୍ରସଙ୍ଗରୁ ପ୍ରତିଭାତ ହୁଏ ଯେ, ମକଦ୍ଦମାମାନଙ୍କରେ ମୁଦ୍ଦଇ ଓ ତା'ର ସାକ୍ଷୀମାନେ ନିଜର ଦାବିକୁ ପ୍ରମାଣିତ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି ଓ କାଜି ଏହା ଦେଖେ ଯେ, ସେମାନଙ୍କର ଦାବି କେତଦୂର ପର୍ଯ୍ୟନ୍ତ ଯୁକ୍ତିଯୁକ୍ତି ଏବଂ ପ୍ରମାଣିତ ହୋଇଥାଏ । ଯଦି କାଜି ନିକଟରେ ପ୍ରମାଣ ଉପସ୍ଥିତ ଥାଏ ଓ ମୁଦାଲା (ମୁଦ୍ଦା ଅଲୈହି) ବିପକ୍ଷରେ ନିର୍ଣ୍ଣୟ କରିଦିଆଯାଏ ଓ ଦାବିକାରୀ ବା ନ୍ୟାୟାଭିଳାଷୀ ପକ୍ଷକୁ ତା'ର ଅଧିକାର ପ୍ରଦାନ କରିଦିଆ ଯାଇଥାଏ । ଅର୍ଥାତ୍ ଦାବିକର୍ତ୍ତା (ମୁଦ୍ଦଇ) ଏବଂ ସାକ୍ଷୀ ଉଭୟଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ନିଜର ଦାବିକୁ ପ୍ରମାଣ ବା ସବ୍ୟସ୍ତ କରନ୍ତୁ ଓ କାଜି (ନ୍ୟାୟକର୍ତ୍ତା ବା ବିଚାରପତି)ର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନ୍ୟାୟର ନିକିତିରେ ତାହାକୁ ଅର୍ଥାତ୍ ପ୍ରମାଣଗୁଡ଼ିକୁ ଯାଞ୍ଚ କରି, ତନଖି ଏବଂ ଏତଦ୍‌ପରେ ଯେଉଁ କଥା ନ୍ୟାୟସଙ୍ଗତ ବୋଲି ପ୍ରତିତ ହେବ ତାହାକୁ କାର୍ଯ୍ୟକାରୀ କରୁ । ସୁତରାଂ ମୁଦ୍ଦଇ ଓ ସାକ୍ଷୀ ଏବଂ କାଜି ଭିନ୍ନ ଭିନ୍ନ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ଅତଃ ଇସଲାମ୍ ଧର୍ମ ନୈତିକ ସ୍ୱରୂପ ମୁଦ୍ଦଇ ଓ ସାକ୍ଷୀ ଉଭୟମାନଙ୍କୁ ଏହି ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ଯେ, ସେମାନେ ସତ୍ୟତାକୁ ଅବଲମ୍ବନ କରନ୍ତୁ ଏବଂ କାଜି (ବିଚାରକ)କୁ ଏହା କୁହାଯାଇଛି ଯେ, ସେ ନ୍ୟାୟବାଦୀ ବହୋଇ ନ୍ୟାୟର ସହିତ ନ୍ୟାୟ ପ୍ରଦାନ କରୁ । ସେ ପକ୍ଷପାତିତାକୁ ଅବଲମ୍ବନ ନକରୁ ।

## କାଜି (ବିଚାରକ) ମାନଙ୍କୁ ନିର୍ଦ୍ଦେଶ

ସୁତରାଂ ପବିତ୍ର କୁରଆନ୍ କରୀମ୍ କାଜିମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥାଏ ଯେ, وَإِذَا حَكَمْتُمْ بَيْنَ النَّاسِ أَنْ تَحْكُمُوا بِالْعَدْلِ (ଅନନିସା:59) ଅର୍ଥାତ୍ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବା ବେଳେ ନ୍ୟାୟ ସଙ୍ଗତ ଭାବେ ନିଷ୍ପତ୍ତି କର ।

ଅଲ୍ଲାଃତାଲା ପୁନଶ୍ଚ ରସୁଲ୍ କରୀମ୍ ସ.ଅଙ୍କୁ ସମ୍ବୋଧିତ କରି କୁହନ୍ତି: وَإِنْ حَكَمْتَ فَاحْكُمْ بَيْنَهُمْ بِالْقِسْطِ إِنَّ اللَّهَ يُحِبُّ الْمُقْسِطِينَ (ଅଲ୍ ମାଏଦା: 43) ଏବଂ ଯଦି ତୁମ୍ଭେ ମୀମାଂସା କର ତେବେ ସେମାନଙ୍କ ମଧ୍ୟରେ ନ୍ୟାୟସଙ୍ଗତ କର । କାରଣ ଅଲ୍ଲାଃତାଲା ନିଶ୍ଚୟ ନ୍ୟାୟବନ୍ତମାନଙ୍କୁ ପ୍ରେମ କରନ୍ତି ।

ଅନ୍ୟ ଏକ ସ୍ଥଳେ ଅଲ୍ଲାଃତାଲା କୁହନ୍ତି: يَا أَيُّهَا الَّذِينَ آمَنُوا كُونُوا قَوَّامِينَ لِلَّهِ شُهَدَاءَ بِالْقِسْطِ وَلَا يَجْرِمَنَّكُمْ شَنَآنُ قَوْمٍ عَلَىٰ أَلَّا تَعْدِلُوا اعْدِلُوا هُوَ أَقْرَبُ لِلتَّقْوَىٰ وَاتَّقُوا اللَّهَ إِنَّ اللَّهَ خَبِيرٌ بِمَا تَعْمَلُونَ (ଅଲ୍ ମାଏଦା: 58) ଅର୍ଥାତ୍ ହେ ବିଶ୍ୱାସକାରୀମାନେ! ତୁମେମାନେ ନ୍ୟାୟସଙ୍ଗତ ଭବାରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟ କଥା କରିବାକୁ କଦାପି ନପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର ତାହା ଧର୍ମପରାୟଣତାର ଅଧିକ ସମୀପବର୍ତ୍ତୀ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ ବାସ୍ତବରେ ଅଲ୍ଲାଃତାଲା ସେ ବିଷୟରେ ଅବଗତ ଅଛନ୍ତି ।

କାଜିମାନଙ୍କ ସଂକ୍ରାନ୍ତରେ ଇସଲାମୀୟ ନୈତିକ ମାର୍ଗଦର୍ଶିକା ରହିଛି ଯେପରିକି ଅଲ୍ଲାଃତାଲା କୁହନ୍ତି: إِنَّ اللَّهَ يَأْمُرُكُمْ أَنْ تُؤَدُّوا الْأَمَانَاتِ إِلَىٰ أَهْلِهَا (ଅନ୍ ନିସା: 59) ହେ ବିଶ୍ୱାସକାରୀମାନେ ! ବାସ୍ତବରେ ଅଲ୍ଲାଃଙ୍କ ତୁମମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଅମାନତ୍‌କୁ (ସନ୍ତକକୁ) ତା'ର ପ୍ରକୃତ ଅଧିକୀର ବ୍ୟକ୍ତିଙ୍କୁ ଅର୍ପଣ କର। ଉପରୋକ୍ତ ଆୟତ୍‌ର ପ୍ରକାଶ୍ୟ ଯେ, କାଜି (ମୀମାଂସାକାରୀ/ବିଚାରକ) ମାନଙ୍କୁ ଅତ୍ୟନ୍ତ ଯୋଗ୍ୟ ଏବଂ କର୍ମଯୋଗ୍ୟ ହେବା ଉଚିତ୍ । ଏଥି ସଂକ୍ରାନ୍ତରେ ଫୁକହା (ଧାର୍ମିକ ବିଦ୍ୱାନ୍, ମନୀଷୀ)ମାନେ ଆହୁରି ଅନେକ ସର୍ତ୍ତାବଳୀ ବର୍ଣ୍ଣନା କରିଛନ୍ତି । ଉଦାହରଣ ସ୍ୱରୂପ କାଜି ଏପରି ବ୍ୟକ୍ତି ହେବା ଉଚିତ୍ ଯାହାର ଧର୍ମପରାୟଣତା, ବୁଦ୍ଧି ଓ ବିବେକ, ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାର ଶକ୍ତି ଓ ହଦିସ୍ ସଂପର୍କରେ ଜ୍ଞାନ ଇତ୍ୟାଦି ଲୋକମାନଙ୍କୁ ବିଶ୍ୱାସ ହେବା ଉଚିତ୍ ଓ ସେ ଧର୍ମ ବିଧାନର ନିଗୂଢ ମର୍ମବିନ୍ଦୁକୁ ଯେପରି ଭଲ ଭାବରେ ବୁଝିପାରୁଥିବ ।

## ସାକ୍ଷୀମାନେ କିପରି ହେବା ଉଚିତ୍ ?

ଅନ୍ୟ ପଟରେ ସାକ୍ଷୀମାନଙ୍କୁ ଇସଲାମ୍ ଧର୍ମ ସତ୍ୟତାର ସହିତ ସାକ୍ଷ୍ୟ ପ୍ରଦାନ କରିବାକୁ ଆଦେଶ ଦେଇଥାଏ ଏବଂ ଏହା ଅନିର୍ବାର୍ଯ୍ୟ ରୂପେ ବିବେଚିତ କରିଦେଇଛି ଯେ, ସାକ୍ଷୀମାନେ ଏପରି ହେବା ଉଚିତ୍ ଯେପରିକି ସେମାନେ ବିଶ୍ୱସ୍ତ ହୋଇଥିବେ । ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି: وَأَشْهِدُوا ذَوَيْ عَدْلٍ مِنْكُمْ (ଅତ୍ ତଲାକ୍: 3) ଏବଂ ତୁମମାନଙ୍କ ମଧ୍ୟରୁ ଦୁଇଜଣ ନ୍ୟାୟପରାୟଣ ସାକ୍ଷୀ ନିଯୁକ୍ତ କର ଏବଂ ଅଲ୍ଲାଃଙ୍କ ସକାଶେ ସତ୍ୟ ସାକ୍ଷ୍ୟ ପ୍ରଦାନ କର । ଉପରୋକ୍ତ ଆୟତରୁ ଏହା ପ୍ରକାଶ୍ୟ ଯେ, ଯେଉଁ ଲୋକମାନନଙ୍କ ମଧ୍ୟରେ ନ୍ୟାୟାଳୟ ଶ୍ରେଷ୍ଠତା ଏବଂ ମହାନତାର ବିଶେଷ ଗୁଣ ଦେଖିବାକୁ ନମିଳେ ସେମାନଙ୍କୁ ସାକ୍ଷ୍ୟ ପ୍ରଦାନ କରିବାର ଅଧିକାର ନାହିଁ । ଏହାର ବ୍ୟଖ୍ୟା ପବିତ୍ର କୁରଆନ୍ କରୀମ୍‌ର ଆଉ ଏକ ଆୟତରୁ ମଧ ଜ୍ଞାତ ହୁଏ ଯହିଁରେ ଅଲ୍ଲାଃତାଲା ଏହା ବର୍ଣ୍ଣନା କରିଛନ୍ତି ଯେ, ଯେଉଁ ଲୋକମାନେ କୌଣସି ମୁସଲମାନ ମହିଳା କିମ୍ବା ପୁରୁଷଙ୍କ ଉପରେ ଅପବାଦ ତଥା ଦୋଷାରୋପଣ କରନ୍ତି ଏବଂ ଚାରିଜଣ ସାକ୍ଷୀ ଯଦି ଯୋଗାଡ଼ ନ କରନ୍ତି ତେବେ ସେପରିପ୍ରେକ୍ଷୀରେ ଶାସ୍ତି ସ୍ୱରୂପ ସେମାନଙ୍କୁ 80 କୋରଡ଼ା ମାଡ଼ ଦିଅ ଓ ସେମାନଙ୍କ ସାକ୍ଷ୍ୟକୁ କୌଣସି ମକଦ୍ଦମାରେ ସ୍ୱୀକାର କରିବା ଉଚିତ୍ ନୁହଁ । ସୁତରାଂ ଅଲ୍ଲାଃତାଲା କୁହନ୍ତି: وَلَا تَقْبَلُوا لَهُمْ شَهَادَةً أَبَدًا (ଅନ୍ ନୁର:6) ସେମାନଙ୍କ ସାକ୍ଷ୍ୟକୁ କଦାପି ଗ୍ରହଣ କର ନାହିଁ ।

ରସୁଲ୍ କରୀମ ସ.ଅ ମଧ କୁହନ୍ତି: لَا تَجُوزُ شَهَادَةُ خَائِنٍ وَلَا خَائِنَةٍ وَلَا زَانٍ وَلَا زَانِيَةٍ ଅର୍ଥାତ୍ ବିଶ୍ୱାସଘାତକ ବ୍ୟକ୍ତି ଓ ବିଶ୍ୱାସଘାତକୀନୀ ମହିଳା, ବ୍ୟାଭିଚାର ପୁରୁଷ ଓ ବ୍ୟଭିଚାରୀଣୀ ମହିଳାର ସାକ୍ଷ୍ୟ ବୈଧ ଓ ଗ୍ରହଣୀୟ ନୁହେଁ । ସେହିପରି ଆପଣ ସ.ଅ କହିଲେ, ସେହି ବ୍ୟକ୍ତିର ସାକ୍ଷ୍ୟ ମଧ ଗ୍ରହଣୀୟ ଏବଂ ବୈଧ ନୁହେଁ ଯିଏ ଅନ୍ୟ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିଥାଏ । ସେହିପରି ଆପଣ ସ.ଅ ଦାସର ସାକ୍ଷ୍ୟ ସେହି ବଂଶ ସପକ୍ଷରେ ଯେଉଁ ବଂଶ ସହିତ ତା'ର ସଂପର୍କ ରହିଛି ତାହା ସ୍ୱୀକାର୍ଯ୍ୟ ହେବ ନାହିଁ । କିନ୍ତୁ ଅନ୍ୟ ଲୋକମାନଙ୍କ କ୍ଷେତ୍ରରେ ସେହି ଦାସର ସାକ୍ଷ୍ୟ ସ୍ୱୀକାର୍ଯ୍ୟ ହେବ ।

ତହିଁରେ କୌଣସି ସଂଶୟ ନାହିଁ ଯେ, ରସୁଲ୍ କରୀମ୍ ସ.ଅ କହିଲେ, المسلمون عدول بعضهم على بعض إلا محدودا في القذف ଅର୍ଥାତ୍ ସମସ୍ତ ମୁସଲମାନମାନେ ସାକ୍ଷ୍ୟ ପ୍ରଦାନ କରିବାରେ ନ୍ୟାୟବନ୍ତ ଅଟନ୍ତି । କିନ୍ତୁ ଯେଉଁ ବ୍ୟକ୍ତିକୁ ଅପବାଦ କରିବା ଯୋଗୁଁ ଶାସ୍ତି ପ୍ରଦାନ କରାଯାଇଛି । ସେଇଥି ପାଇଁ ବିଦ୍ୱାନ୍‌ମାନେ କୁହନ୍ତି ଯେ, କାଜି (ବିଚାରକକୁ) କେବଳ ସାକ୍ଷ୍ୟମାନଙ୍କର ପ୍ରକାଶ୍ୟ ବିଶ୍ୱସନୀୟତାକୁ ଯଥେଷ୍ଟ ବୋଲି ମନେ କରିବା ଉଚିତ୍ । ସେମାନଙ୍କର ଚାଲି ଚଳଣ ସଂକ୍ରାନ୍ତରେ ଅତିରିକ୍ତ ଗବେଷଣା କରିବା ଉଚିତ୍ ନୁହଁ । କିନ୍ତୁ ସାହାବାମାନଙ୍କ କାଳ ପରେ ଯେତେବେଳେ ଇସ୍‌ଲାମ୍ ଧର୍ମରେ ପ୍ରତ୍ୟେକ ପ୍ରକାରର ଲୋକମାନେ ପ୍ରବିଷ୍ଟ ହେଲେ ସେତେବେଳେ ଇସ୍‌ଲାମ୍ ଧର୍ମର ନ୍ୟାୟାଧୀଶମାନେ ସାକ୍ଷ୍ୟମାନଙ୍କର ଚାଲି ଚଳଣ ସଂପର୍କରେ ମଧ ଗବେଷଣା କରି ନେଉଥିଲେ । ଏହା ସେମାନଙ୍କର ସତର୍କତା ଏବଂ ଦୂରଦର୍ଶିତାର ଜ୍ୱଳନ୍ତ ପ୍ରମାଣ ଥିଲା ।

## ସାକ୍ଷ୍ୟ ସଂକ୍ରାନ୍ତୀୟ କେତେକ ନୀତି ନିୟମ

ଇସଲାମ୍ ଧର୍ମ ସାକ୍ଷ୍ୟର ସାଧାରଣ ଅର୍ଥ ଏହା ନିର୍ଦ୍ଧାରିତ କରିଛି ଯେ, ସାକ୍ଷ୍ୟ ପ୍ରଦାନକାରୀ ବ୍ୟକ୍ତି ବୁଦ୍ଧିମାନ, ସାବାଳକ, ବିଶ୍ୱସ୍ତ, ମୁସଲମାନ, ଭଲ ସ୍ମରଣ ଶକ୍ତି ହେବା ବାଞ୍ଛନୀୟ ଅଟେ ଓ ପୁନଶ୍ଚ ଅପବାଦ ଶୂନ୍ୟ ବ୍ୟକ୍ତି ହୋଇଥିବା ଉଚିତ୍ । ସାକ୍ଷ୍ୟ ଓ ପ୍ରମାଣ ମୁଦ୍ଦଇ (ଦାବିକାରୀ) ବ୍ୟକ୍ତି ଠାରୁ ମାଗିବା ଉଚିତ୍ । ଅନ୍ୟଥା ମୁଦାଲା (ମୁଦ୍ଦା ଅଲୈହି) ଠାରୁ ଶପଥ ନେବା ଉଚିତ୍ । ପିଲାମାନେ ଏବଂ ଅବିଶ୍ୱାସକାରୀମାନଙ୍କର ସାକ୍ଷ୍ୟ ସଂପର୍କରେ ମତଭେଦ ଦେଖିବାକୁ ମିଳିଥାଏ । ସଂଖ୍ୟା ଗରିଷ୍ଠତା ଏହି ଆଡ଼କୁ ଯାଇଛି । ଅର୍ଥାତ୍ ସମର୍ଥନ ଜଣାଇଛି ଯେ, ଛୋଟ ପିଲାମାନଙ୍କର ସାକ୍ଷ୍ୟକୁ ଗ୍ରହଣ କରାଯାଇ ପାରିବ କିନ୍ତୁ କେତେକ ସର୍ତ୍ତାବଳୀ ଆବଶ୍ୟକ ବୋଲି ବିବେଚିତ କରାଯାଇଛି । ଅବିଶ୍ୱାସକାରୀମାନଙ୍କର ସାକ୍ଷ୍ୟ ମଧ କେତେକ ସ୍ଥିତିରେ ସଠିକ୍ ବୋଲି ମନେକରା ଯାଇଥାଏ । ଉଦାହରଣ ସ୍ୱରୂପ ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲେଖ ରହିଛି ଯେ, يَا أَيُّهَا الَّذِينَ آمَنُوا شَهَادَةُ بَيْنِكُمْ إِذَا حَضَرَ أَحَدَكُمُ الْمَوْتُ حِينَ الْوَصِيَّةِ اثْنَانِ ذَوَا عَدْلٍ مِنْكُمْ أَوْ آخَرَانِ مِنْ غَيْرِكُمْ إِنْ أَنْتُمْ ضَرَبْتُمْ فِي الْأَرْضِ فَأَصَابَتْكُمْ مُصِيبَةُ الْمَوْتِ (ଅଲ୍ ମାଏଦା: 106) ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିର ମୃତ୍ୟୁ ସମୟ ନିକଟତର ହୁଏ ସେତେବେଳେ ଓସିୟତ୍ କରିବା ସମୟରେ ତୁମମାନଙ୍କ ମଧ୍ୟରେ ସାକ୍ଷ୍ୟର ପଦ୍ଧତି ଏପରି ହେବା ଉଚିତ୍ ଯେପରିକି ତୁମମାନଙ୍କ ମଧ୍ୟରୁ ଦଇଜଣ ନ୍ୟାୟବାନ୍ ବ୍ୟକ୍ତିଙ୍କୁ ସାକ୍ଷୀ ରଖ କିମ୍ବା ତୁମେମାନେ ଦେଶ ମଧରେ ଭ୍ରମଣ କରୁଥିବା ଅବସ୍ଥାରେ ଯଦି ତୁମର ମୃତ୍ୟୁ ଜନିତ ବିପଦ ଉପସ୍ଥିତି ହୁଏ ଏବଂ ତୁମ ମୁସଲମାନମାନଙ୍କ ମଧ୍ୟରୁ ସାକ୍ଷୀ ନ ମିଳନ୍ତି ତେବେ ସେପରିପ୍ରେକ୍ଷୀରେ ତୁମେମାନେ ଅନ୍ୟ ଲୋକମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସାକ୍ଷୀ ରଖ ।

## ସାମୁଦ୍ରିକବେତ୍ତା ବା ହାବଭାବ ଦେଖି ଚିହ୍ନି ନେଉଥିବା ବ୍ୟକ୍ତିମାନଙ୍କର ସାକ୍ଷ୍ୟ

ଇସ୍‌ଲାମ୍ ଧର୍ମରେ ସାମୁଦ୍ରିକବେତ୍ତାମାନଙ୍କର ସାକ୍ଷ୍ୟକୁ ମଧ ଗ୍ରହଣ କରାଯାଇଛି

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 01-08 AUG 2024 Issue No.-31-32

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଏବଂ ସ୍ୱୟଂ ରସୁଲ୍ କରୀମ୍ ସ.ଅ ଏହାକୁ ସ୍ୱୀକାର କରିଛନ୍ତି । ସୁତରାଂ ହ. ଉସ୍ୱାମା ର.ଅଙ୍କ ପିତା ହ. ଜୈଦ ଶ୍ୱେତ ବର୍ଣ୍ଣର ବ୍ୟକ୍ତି ଥିଲେ । କିନ୍ତୁ ଉସ୍ୱାମା କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଥିଲେ । ସେଇଥି ପାଇଁ ଲୋକମାନଙ୍କୁ ତାଙ୍କୁ ହ. ଜୈଦଙ୍କ ପୁତ୍ର ବୋଲି ସ୍ୱୀକାର କରିବାକୁ ସଂଶୟ ପ୍ରକାଶ କରୁଥିଲା । ଦିନେ ସେମାନେ ଦୁହେଁ ଅର୍ଥାତ୍ ବାପ ପୁଅ । ଚଦରରେ ମୁଣ୍ଡ ଘୋଡ଼ାଇ ଶୋଇଥିଲେ ଏବଂ ଦୁହିଁଙ୍କର ପାଦ ଖୋଲା ରହିଥିଲା କି ସେହି ଅବସ୍ଥାରେ ଜଣେ ସାମୁଦ୍ରିକ ବେତ୍ତା (ଚିହ୍ନଟକାରୀ) ଦୁହିଁଙ୍କର ପାଦ କୁ ଦେଖି କହିଲା । ଏମାନଙ୍କର ପାଦ ଦ୍ୱୟ ଏକାପରି ଅଟନ୍ତି । କାହିଁକି ନା ଏପରି କରିବା ଦ୍ୱାରା ଲୋକମାନଙ୍କ ମନରେ ଥିବା ସନ୍ଦେହ ଓ ସଂଶୟ ଦୂରୀଭୂତ ହୋଇଯାଇଥାଏ । ଅତଏବ୍ ରସୁଲ୍ କରୀମ୍ ସ.ଅ ଉକ୍ତ ସାକ୍ଷ୍ୟ ଯୋଗୁଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

ଇସ୍‌ଲାମ୍ ଧର୍ମ ସଂପର୍କରେ ସାଧାରଣତଃ ଯଦି କୌଣସି ପ୍ରସଙ୍ଗ ସଂକ୍ରାନ୍ତରେ ଅନ୍ତତଃ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ଥାଆନ୍ତି ତେବେ ସାକ୍ଷ୍ୟକୁ ଗ୍ରହଣ କରାଯାଇଥାଏ । ଯେପରିକି ଅଲ୍ଲାଃତାଲା କୁହନ୍ତି: وَاسْتَشْهِدُوْا شَهِيْدَيْنِ مِنْ رِّجَالِكُمْ فَاِنْ لَّمْ يَكُوْنَا رَجُلَيْنِ فَرَجُلٌ وَّامْرَاَتٰنِ مِمَّنْ تَرْضَوْنَ مِنَ الشُّهَدَآءِ (ଅଲ୍ ବକ୍ରାହ୍: 282) ଅର୍ଥାତ୍ ତୁମେମାନେ ନିଜ ପୁରୁଷମାନଙ୍କ ମଧ୍ୟରୁ ସେହି ଘଟଣା ବେଳେ ଦୁଇ ଜଣ ସାକ୍ଷୀଙ୍କୁ ନିଯୁକ୍ତ କର । ଅବଶ୍ୟ ଯଦି ଉଭୟ ସାକ୍ଷୀ ପୁରୁଷ ହୋଇ ନଥାଆନ୍ତି ତେବେ ଘଟଣା ସମୟର ସାକ୍ଷୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନଙ୍କୁ ସାକ୍ଷୀ ରୂପେ ତୁମେ ପସନ୍ଦ କରୁଥାଅ ତେବେ ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଦୁଇଜଣ ମହିଳାଙ୍କୁ ସାକ୍ଷୀ କର ।

ଉପରୋକ୍ତ ଆୟତରୁ ପ୍ରକାଶ୍ୟ ଯେ, ସାକ୍ଷ୍ୟର ସଂଖ୍ୟା ପୂରଣ ହୋଇ ଯାଉଛି । ଅର୍ଥାତ୍ ରସୁଲ୍ କରୀମ୍ ସ.ଅ ବେଳେବେଳେ ଶପଥ ତଥା ନିୟମ କରି ଏକ ଗୋଷ୍ଠୀର ସାକ୍ଷ୍ୟକୁ ସ୍ୱୀକାର ମଧ୍ୟ କରିଛନ୍ତି । କିନ୍ତୁ ଏପରି ମଧ୍ୟ କେତେକ ପରିସ୍ଥିତି ରହିଛି ଯହିଁରେ ଉକ୍ତ ସଂଖ୍ୟାକୁ ବୃଦ୍ଧି କରି ଦିଆଯାଇଛି । ଉଦାହରଣ ସ୍ୱରୂପ ବଳାତ୍କାର ପ୍ରମାଣ ନିମନ୍ତେ ଧର୍ମ ବିଧାନ । ଚାରିଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କ ସଂଖ୍ୟା ନିର୍ଦ୍ଧାରିତ କରିଛି । ସେହିପରି ଯଦି କୌଣସି ବ୍ୟକ୍ତି ଧନୀକ ହେବା ପରେ ଦେବାଳିଆ ହେବାର ଦାବି କରେ ଯେପରିକି ମୁସଲିମ୍‌ର ଏକ ହଦିସରୁ ପ୍ରକାଶ୍ୟ । ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ ନିଜର ଦାବିକୁ ପ୍ରମାଣିତ କରିବା ନିମନ୍ତେ ଅନ୍ୟୁନ ତିନିଗୋଟି ସାକ୍ଷ୍ୟ ଉପସ୍ଥାପିତ କରିବାକୁ ହେବ ।

## ସାକ୍ଷ୍ୟମାନଙ୍କୁ ଲୁଚାଇବାର ନିଷିଦ୍ଧାଦେଶ

ଇସଲାମ୍ ଧର୍ମ ସାକ୍ଷ୍ୟମାନଙ୍କୁ ମଧ୍ୟ ଏହି ନିର୍ଦ୍ଦେଶ ଦେଇଥାଏ ଯେ, وَلَا يَاْبَ الشُّهَدَآءُ اِذَا مَا دُعُوْا (ଅଲ୍ ବକ୍ରାହ୍: 282) ଅର୍ଥାତ୍ ସାକ୍ଷୀମାନଙ୍କୁ ଯେତେବେଳେ ଡକାଯିବ ସେତେବେଳେ ସେମାନେ ନ୍ୟାୟାଳୟରେ ହାଜର ହେବା ନିମନ୍ତେ ମନା ନକରନ୍ତୁ । ସେହିପରି ଅଲ୍ଲାଃତାଲା କୁହନ୍ତି: وَلَا تَكْتُمُوا الشَّهَادَةَ وَمَنْ يَّكْتُمْهَا فَاِنَّهٗ اٰثِمٌ قَلْبُهٗ (ଅଲ୍ ବକ୍ରାହ୍:283) ଏବଂ ତୁମେମାନେ ସାକ୍ଷ୍ୟକୁ ମଧ୍ୟ ଗୋପନ କର ନାହିଁ ଏବଂ ଯେ ତାହାକୁ ଗୋପନ କରେ ତାହାର ହୃଦୟ ନିଶ୍ଚିତ ରୂପେ ପାପପୂର୍ଣ୍ଣ । ରସୁଲ୍ କରୀମ୍ ସ.ଅ କୁହନ୍ତି: الا اخبركم بخير الشّهداء الّذى ياتى بشهادته قبل ان يسئالها ଅର୍ଥାତ୍ ସର୍ବୋତ୍କୃଷ୍ଟ ସାକ୍ଷ୍ୟ ହେଉଛି ସେହି ସାକ୍ଷ୍ୟ ଯାହାକୁ ସାକ୍ଷ୍ୟ ସମୟରେ ଡକା ଯିବା ପୂର୍ବରୁ ହିଁ ସେ ପ୍ରକୃତ ଘଟଣା ସଂକ୍ରାନ୍ତରେ ବିଚାରପତିଙ୍କୁ ଅବଗତ କରାଇ ଦିଏ ।

## ଜେରା କରିବାର ଅଧିକାର

ଇସଲାମ୍ ଧର୍ମ କାଜିକୁ ଜେରା କରିବା ନିମନ୍ତେ ଅଧିକାର ମଧ୍ୟ ପ୍ରଦାନ କରିଛି ଏବଂ ଘଟଣାଟି ଏହିପରି ଯେ, ଜେରା କରିବା ଦ୍ୱାରା ସତ୍ୟ ଓ ମିଥ୍ୟା ମଧ୍ୟରେ ଖୁବ୍ ଶୀଘ୍ର ପ୍ରଭେଦ ହୋଇ ଯାଇଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତିର ଏକ ଭର୍ତ୍ତି ହୋଇଥିବା ଟଙ୍କାର ବ୍ୟାଗଟି ହଜିଗଲା ଯାହାକୁ ଅନ୍ୟ କେହି ଉଠେଇ ନେଇଛି । ବର୍ତ୍ତମାନ ଇସଲାମ୍ ଧର୍ମ ଏହା କହେ କି ସେହି ବ୍ୟାଗଟି ପ୍ରକୃତ ମାଲିକକୁ ହସ୍ତାନ୍ତର କରିଦିଆଯାଉ । କିନ୍ତୁ ପ୍ରଶ୍ନ ଏହିକି ଯେ, ସେହି ବ୍ୟାଗ୍ କାହାକୁ ଦିଆଯିବ ? ତତ୍‌ସଂକ୍ରାନ୍ତରେ ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ଉକ୍ତ ବ୍ୟାଗ୍ ସଂପର୍କରେ ସଠିକ୍ ବିଶେଷତା ଏବଂ ଚିହ୍ନ ବର୍ଣ୍ଣ ବର୍ଣ୍ଣନା କରିଦିଏ ତେବେ ସେହି ବ୍ୟକ୍ତିକୁ ହିଁ ଉକ୍ତ ବ୍ୟାଗଟି ଦେଇ ଦିଆଯାଉ । ଅର୍ଥାତ୍ ହସ୍ତାନ୍ତରିତ କରିଦିଆଯାଉ । ଏହା ହେଉଛି ଏକ ପନ୍ଥା ଯାହା ସଂପର୍କରେ ଆଁହଜରତ ସ.ଅ ବର୍ଣ୍ଣନା କରି ଦେଇଛନ୍ତି ଓ ଏହାର ପ୍ରକାଶରେ କାଜି (ବିଚାରପତି) ଅନେକ ପ୍ରକାରର ପ୍ରଶ୍ନ କିରପାରେ । ଉଦାହରଣ ସ୍ୱରୂପ ଉକ୍ତ ବ୍ୟାଗ୍ ରଙ୍ଗ କ'ଣ ଥିଲା ? ତାହା କପଡ଼ାର ବ୍ୟାଗ ଥିଲା ଅବା ଚମଡ଼ାର ଓ ତହିଁରେ କେତେ ଟଙ୍କା ଥିଲା ଇତ୍ୟାଦି ଇତ୍ୟାଦି ? ସୁତରାଂ ଜେରା କରିବା ଦ୍ୱାରା ସତ୍ୟ ଏବଂ ଅସତ୍ୟ ମଧ୍ୟରେ ପ୍ରେଭେଦ ସ୍ପଷ୍ଟ ହୋଇଥାଏ । ତେଣୁ ଇସଲାମ୍ ଧର୍ମ ଏହାକୁ ମଧ୍ୟ ଆବଶ୍ୟକ ବୋଲି ବିବେଚିତ କରିଛି ।

## ବଳିଷ୍ଠ ଶୈଳୀୟ ସାକ୍ଷ୍ୟ

ପୁନଶ୍ଚ ଅନେକ ଥର ବଳିଷ୍ଠ ଶୈଳୀ ଦ୍ୱାରା ମଧ୍ୟ ବାସ୍ତବତା ଜ୍ଞାତ ହୋଇଥାଏ । ଉଦାହରଣ ସ୍ୱରୂପ ହ. ୟୁସୁଫ୍ ଅ.ସଙ୍କୁ ଯେତେବେଳେ ଜୁଲୈଖା ପ୍ରରୋଚିତ କରିବାକୁ ଚାହିଁଲା ଓ ହ. ୟୁସୁଫ୍ ଅ.ସଙ୍କ ବସ୍ତ୍ର ଚିରି ହୋଇଗଲା ସେତେବେଳେ ଜୁଲୈଖା ବଂଶରୁ ଜଣେ ବ୍ୟକ୍ତି କହିଲା କି ଯଦି ୟୁସୁଫ୍ ଅ.ସଙ୍କ ବସ୍ତ୍ର ସମ୍ମୁଖ ପାର୍ଶ୍ୱରୁ ଚିରିଛି ତେବେ ଜୁଲୈଖା ସତ୍ୟବାଦୀନୀ (ସତ୍ୟ କହୁଛି) ଅଟେ ଏବଂ ଯଦି ବସ୍ତ୍ର ପଶ୍ଚାତ୍ ଭାଗରୁ ଚିରି ଯାଇଛି ତେବେ ଜୁଲୈଖା ମିଥ୍ୟାବାଦୀନୀ (ମିଛ କହୁଛି) ଓ ୟୁସୁଫ୍ ଅ.ସ ସତ୍ୟବାଦୀ ଅଟନ୍ତି । ସୁତରାଂ ଏହି ପନ୍ଥା ବା ଶୈଳୀ ଅନୁଯାୟୀ ହ. ୟୁସୁଫ୍ ଅ.ସଙ୍କୁ ଦୋଷମୁକ୍ତ କରିଦିଆ ଯାଇଥିଲା । ରସୁଲ୍ କରୀମ୍ ସ.ଅ ମଧ୍ୟ ମକଦ୍ଦମାର ବିଚାର କରିବାରେ ବା ନିର୍ଣ୍ଣୟ ଦେବା ସମୟରେ ବଳିଷ୍ଠ ଶୈଳୀ ଉପରେ ଭରସା କରିଛନ୍ତି । ଏକଦା ଖୈବର ଠାରେ ସନ୍ଧି ସର୍ତ୍ତାନୁଯାୟୀ ଇହୁଦୀମାନଙ୍କର ଧନ ସମ୍ପତ୍ତିର ବୃହତାଂଶ ମୁସଲମାନ ଅଧୀନକୁ ଆସିଗଲା । କିନ୍ତୁ ଜଣେ ଇହୁଦୀ ବ୍ୟକ୍ତି ଠାରୁ ଯେତେବେଳେ ତା'ର ଧନ ମଗା ଗଲା ସେତେବେଳେ ସେ ଏହା କହି ପ୍ରତ୍ୟାଖ୍ୟାନ କରିଦେଲା ଯେ, ସେହି ଧନ ସବୁ ଯୁଦ୍ଧ ଖର୍ଚ୍ଚରେ କାମ ଦେଇଛି ଅର୍ଥାତ୍ ବ୍ୟବହୃତ ହୋଇଯାଇଛି । ତଦନ୍ତ କରିବାରୁ ସମସ୍ତ ଧନ ସେହି ଗୁମ୍ଫାରୁ ଉଦ୍ଧାର ହୋଇଥିଲା । **(ଅବଶିଷ୍ଟାଂଶ .....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-11ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ

ମାଧ୍ୟମରେ ପ୍ରକାଶ କରିଥାଆନ୍ତି ।

ଅଲ୍ଲାଃତାଲାଙ୍କ ପକ୍ଷରୁ ସେମାନଙ୍କର ଯେଉଁ ପ୍ରଶଂସା କରାଯାଇଥାଏ ଅବା ଯାହା କିଛି ଲକ୍ଷଣ ଓ ନିଦର୍ଶନ ସେମାନଙ୍କର ଦ୍ୱାରା ପ୍ରାଦୁର୍ଭୂତ ହୋଇଥାଏ । ବାସ୍ତବରେ ସେହି ସମସ୍ତ ପ୍ରଶଂସା ଏବଂ ସକଳ ଉଦ୍‌ଗମ ଓ ସମସ୍ତ କଲ୍ୟାଣର ପୂର୍ଣ୍ଣ ସୁରକ୍ଷିତ ଆଶ୍ରୟ ସ୍ଥଳୀ କେବଳ ଆଁହଜରତ ସ.ଅ ହିଁ ଅଟନ୍ତି । ବାସ୍ତବ ରୂପେ ସେହି ପ୍ରଶଂସା ତାହାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ହୋଇଥାଏ ଏବଂ ତାହା ହିଁ ଆପଣ ସ.ଅଙ୍କର ପୂର୍ଣ୍ଣ ଚରିତାର୍ଥ ଅଟେ ଅର୍ଥାତ୍ ପ୍ରଶଂସାର ପ୍ରକୃତ ଚରିତାର୍ଥ ଆପଣ ସ.ଅ ଅଟନ୍ତି । **(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ, ଭାଗ-1, ପୃ-268, ବି.ଦ୍ର ନଂ-1)**

## ଈଶ୍ୱରଙ୍କ ସଂପର୍କିତ ସମସ୍ତ ପ୍ରସଙ୍ଗରେ ସମସ୍ତ ଅବତାରାମାନଙ୍କ ଅପେକ୍ଷା ସର୍ବଶ୍ରେଷ୍ଠ, ସର୍ବୋଚ୍ଚ, ସର୍ବଗୁଣ ସମ୍ପନ୍ନ, ସବୁଠୁ ବେଶୀ ନିର୍ମଳ ଓ ସବୁଠୁ ବଡ଼ ପବିତ୍ର ଅବତାର ହେଉଛନ୍ତି ହ. ମୁହମ୍ମଦ୍ ସ.ଅ

ଆଁହଜରତ ସ.ଅ ଯଦିଚ ନିଜର ପବିତ୍ର ଆଭ୍ୟନ୍ତରୀଣ ଏବଂ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହେବା, ପବିତ୍ରତା, ଲଜ୍ଜା, ସତ୍ୟତା ଏବଂ ଶୁଦ୍ଧତା, ଈଶ୍ୱରଙ୍କ ଉପରେ ଅଗାଧ ଭରସା, ବିଶ୍ୱସ୍ତତା ଏବଂ ଈଶ୍ୱରଙ୍କ ସଂପର୍କିତ ସମସ୍ତ ପ୍ରସଙ୍ଗରେ ସମସ୍ତ ଅବତାରାମାନଙ୍କ ଅପେକ୍ଷା ସର୍ବଶ୍ରେଷ୍ଠ, ସର୍ବୋଚ୍ଚ, ସର୍ବଗୁଣ ସମ୍ପନ୍ନ, ସବୁଠି ବେଶୀ ନିର୍ମଳ ଓ ସବୁଠୁ ବେଶୀ ପବିତ୍ର ଅଟନ୍ତି । ତେଣୁ ପ୍ରତାପୀ ଓ ପରାକ୍ରମୀ ଈଶ୍ୱର ତାଙ୍କୁ ବିଶେଷ ପୂର୍ଣ୍ଣ ସୁଗନ୍ଧ ମାଧ୍ୟମରେ ସର୍ବାଧିକ ରୂପେ ସୁଗନ୍ଧିତ କଲେ ଏବଂ ସେହି ହୃଦୟ ଏବଂ ମନ ଯାହାକି ସମସ୍ତ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଲୋକମାନଙ୍କର ହୃଦୟ ଏବଂ ମନ ତୁଳନାରେ ପ୍ରଶସ୍ତ ଏବଂ ସବୁଠୁ ବେଶୀ ପବିତ୍ର, ଅତି ନିରୀହ ଏବଂ ନିର୍ଦ୍ଦୋଷ, ଜାଜ୍ୱଲ୍ୟମାନ ଥିଲା ଆପଣ ସ.ଅ ହିଁ ଏଥି ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ।

କାରଣ ଆପଣ ସ.ଅଙ୍କ ଉପରେ ହିଁ ସେହି ଐଶୀବାଣୀ ଅବତୀର୍ଣ୍ଣ ହେଉ ଯାହାକି ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀଙ୍କ ଐଶୀବାଣୀ ତୁଳନାରେ ବଳିଷ୍ଠ, ସଂପୂର୍ଣ୍ଣ ଏବଂ ସର୍ବୋଚ୍ଚ ହୋଇ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀକୁ ପ୍ରଦର୍ଶିତ କରିବା ନିମନ୍ତେ ଏକ ସ୍ୱଚ୍ଛ ଓ ପ୍ରଶସ୍ତ ଏବଂ ବ୍ୟାପକ ଦର୍ପଣ ସାବ୍ୟସ୍ତ ହେଉ । ତେଣୁ ଏହି କାରଣରୁ ପବିତ୍ର କୁରଆନ୍ କରୀମ୍ ଏପରି ସର୍ବୋଚ୍ଚ ସର୍ବଗୁଣ ସମ୍ପନ୍ନ ଅଧିକାରୀ ଗ୍ରନ୍ଥ ଯାହାକି ନିଜର ପ୍ରଖର କିରଣ ଏବଂ ଚଞ୍ଚଳ ଓ ଚପଳ କିରଣ ସମ୍ମୁଖରେ ସକଳ ପୂର୍ବ ଧର୍ମଗର୍ନ୍ଥର ଆଲୋକକୁ ନିଷ୍ପ୍ରଭ କରି ଦେଇଥାଏ । ପବିତ୍ର କୁରଆନ୍ ସମ୍ମୁଖରେ ସମସ୍ତ ପୂର୍ବ ଧର୍ମଗ୍ରନ୍ଥମାନଙ୍କର ଆଲୋକ ନିଷ୍ପ୍ରଭ ଓ ନିସ୍ତେଜ ହୋଇଯାଏ । **(ସୁର୍ମା ଚଶ୍‌ମା ଆର୍ଯ୍ୟା, ପୃ-71, ବି.ଦ୍ର)**

ଅଲ୍ଲାଃତାଲା ଆମମାନଙ୍କୁ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ଏବଂ ଗାରିମାକୁ ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମମାନଙ୍କୁ ଆପଣ ସ.ଅଙ୍କ ପ୍ରକୃତ ପ୍ରେମିକ ଓ ଆନ୍ତରୀକତା ପ୍ରଦର୍ଶନକାରୀ ଏବଂ ଆପଣ ସ.ଅଙ୍କର ଶିକ୍ଷା ଉପରେ ହୃଦୟର ସହିତ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ମନସୁର ଅହେମଦ ମସ୍ରୁରର)**

☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan